

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୯ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 MAY 2021
Vol.No. 32 ■ No. 117 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ
ରଥ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅକ୍ସିଜେନ ଓ ଔଷଧ ବଣ୍ଟନକୁ ନେଇ ଆକ୍ସନ ମୋଡରେ ସୁପ୍ରିମ୍‌କୋର୍ଟ

## ଅନୁଧ୍ୟାନ କରିବାକୁ କୋର୍ଟ ଗଠନ କଲେ ସ୍ୱତନ୍ତ୍ର ଟାକ୍ସ ଫୋର୍ସ



ନୂଆଦିଲ୍ଲୀ,୦୮/୦୫: କରୋନା ସଂକ୍ରମଣ ଏବେ ଦେଶରେ ଭୟାବହ ଅବସ୍ଥାକୁ ଆସିଛି । ଏହାରି ଭିତରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ଔଷଧ ଓ ଅକ୍ସିଜେନର ଅଭାବକୁ ନେଇ ବିଭିନ୍ନ ରାଜ୍ୟ ସରକାରମାନେ ବାରମ୍ବାର କୋର୍ଟ ଓ କେନ୍ଦ୍ର ସରକାରଙ୍କ ପାଖରେ ଆବେଦନ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୁପ୍ରିମ କୋର୍ଟ ଶନିବାର ଦିନ ରାଜ୍ୟ ମାନଙ୍କୁ ଔଷଧ ଓ ଅକ୍ସିଜେନ ଆବଣ୍ଟନର ଅନୁଧ୍ୟାନ କରିବାକୁ ୧୨ ଜଣ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରୀୟ ଟାକ୍ସ ଫୋର୍ସ ଗଠନ କରିଛନ୍ତି । ଏହାସହ ଟାକ୍ସ ଫୋର୍ସରେ ଥିବା ୧୨ ଜଣ ସଦସ୍ୟଙ୍କ ନାମ ବି ଘୋଷଣା କରିଛନ୍ତି । ଡ. ଭବତୋଷ ବିଶ୍ୱାସ : ପୂର୍ବ କୁଳପତି, ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱ ବିଦ୍ୟାଳୟ, କୋଲକତା । ଡଃ. ଦେବେନ୍ଦ୍ର ସିଂ ରାଣା : ଚେୟାର ପର୍ସନ, ବୋର୍ଡ ଅଫ୍ ମ୍ୟାନେଜମେଣ୍ଟ, ସାର ଗଙ୍ଗାରାମ ହସ୍ପିଟାଲ,ଦିଲ୍ଲୀ । ଡାକ୍ତର ଦେବୀ ପ୍ରସାଦ ସେଟ୍ଟୀ : ଚେୟାର ପର୍ସନ ଓ କାର୍ଯ୍ୟକାରୀ ନର୍ଦ୍ଦେଶକ, ନାରାୟଣ ହେଲ୍ଥ କେୟାର, ବେଙ୍ଗାଲୋର । ଡ. ଗଗନଦୀପ କାଙ୍ଗ : ପ୍ରଫେସର : ଖ୍ରୀଷ୍ଟିୟାନ ମେଡିକାଲ କଲେଜ , ବେଲୋର, ତାମିଲନାଡୁ । ଡାକ୍ତର ଜି.ବି ପିଟର : ପ୍ରଫେସର : ଖ୍ରୀଷ୍ଟିୟାନ ମେଡିକାଲ କଲେଜ , ବେଲୋର, ତାମିଲନାଡୁ । ଡାକ୍ତର ନରେଶ ତ୍ରେହନ୍ : ଚେୟାର ପର୍ସନ ଓ ପ୍ରବନ୍ଧ ନିର୍ଦ୍ଦେଶକ ମେଦାନ୍ତା ହସ୍ପିଟାଲ ଓ ହର୍ଟ ଇନଷ୍ଟିଚ୍ୟୁଟ୍ ଗୁରୁଗ୍ରାମ । ଡାକ୍ତର ରାହୁଲ ପଣ୍ଡିତ୍ : ନିର୍ଦ୍ଦେଶକ , କ୍ରିଟିକାଲ କେୟାର ମେଡିସିନ ଆଣ୍ଡ ଆଇସିୟୁ , ଫର୍ଟିସ୍ ହସ୍ପିଟାଲ, ମୁମ୍ବାଇ । ଡାକ୍ତର ସୌମିତ୍ର ରାଓ୍ୱତ : ଚେୟାରମ୍ୟାନ ଓ ହେଡ୍ ଡିପାର୍ଟମେଣ୍ଟ ଅଫ୍ ସର୍ଜିକାଲ ଗାଷ୍ଟ୍ରୋଲୋଜି , ସାର ଗଙ୍ଗାରାମ ହସ୍ପିଟାଲ ଦିଲ୍ଲୀ । ଡାକ୍ତର ଜରୀର ଏକ ଉଦବେଡିଆ : ଚେଷ୍ଟ ଫିଜିସିଆନ, ହିନ୍ଦୁଜା ହସ୍ପିଟାଲ । ଡାକ୍ତର ଶିବ କୁମାର ସରିନ : ପ୍ରଫେସର ହେପାଟୋଲୋଜି, ନିର୍ଦ୍ଦେଶକ ଆଇଏଲବିଏସ୍, ଦିଲ୍ଲୀ । ସୁପ୍ରିମକୋର୍ଟ କହିଛନ୍ତି କି ଏହି ଟାକ୍ସ ଫୋର୍ସ ଗୋଟିଏ ସପ୍ତାହ ମଧ୍ୟରେ କାମ କରିବା ଆରମ୍ଭ କରିଦେବେ । ସେମାନେ ସରକାର ଓ ସୁପ୍ରିମକୋର୍ଟଙ୍କ ଠାରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ଏହାସହ ଅନୁଧ୍ୟାନ ପରେ କେନ୍ଦ୍ର ସରକାରଙ୍କୁ ଏହି ଟାକ୍ସଫୋର୍ସ ସୁପାରିଶ କରିପାରିବ । ଏହି ଟାକ୍ସଫୋର୍ସର କାର୍ଯ୍ୟ ଅବଧି ୬ ମାସ ରଖାଯାଇଛି । ଏହି ଟାକ୍ସଫୋର୍ସକୁ ସମସ୍ତ ସହାୟତା କେନ୍ଦ୍ର ସରକାର ଯୋଗାଇ ଦେବେ ।

# ଆଶା ଦେଖାଇଲା ଭାରତର ନୂଆ କରୋନା ଔଷଧ

## ଡିଆରଡିଓ ପ୍ରସ୍ତୁତ ଟୁ-ଡି-ଜି କୁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେଲେ ସରକାର




ଭୁବନେଶ୍ୱର,୦୮/୦୫(ନି.ପ୍ର): ଦେଶରେ ବଢୁଥିବା କରୋନା ସଂକ୍ରମଣ ସଂଖ୍ୟା ଭିତରେ, ସମସ୍ତଙ୍କୁ ଆଶ୍ୱସ୍ତିକଲା ଭଳି ଏକ ଖବରଟିଏ ଆସିଛି, ଯେତେବେଳେ ଡ୍ରଗ୍ କଂଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ ବା ଡିସିଜିଆଇ, କରୋନା ଚିକିତ୍ସା ପାଇଁ ଡିଆର୍ଡିଓ ପ୍ରସ୍ତୁତ କରିଥିବା ଔଷଧର ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେଇଛି । ଅନେକ ଟିକା ଭିତରେ ପ୍ରଥମ ଥର ପାଇଁ ଆସିଛି କରୋନା ଔଷଧ । ଡିଆର୍ଡିଓ ଏବଂ ସିସିଏମ୍ବି ର ମିଳିତ ଉଦ୍ୟମରେ ଏହି ଔଷଧକୁ ନିର୍ମାଣ କରାଯାଇଛି । ଏହି ଔଷଧର ନାଁ ରହିଛି ଟୁ-ଡିଜି । ହାଇଦ୍ରାବାଦରେ ଥିବା ଡକ୍ଟର ରେଡ୍ଡୀ କଂପାନୀର ଲାବୋରୋଟାରୀରେ ଏହି ଔଷଧର ନିର୍ମାଣ କରାଯାଉଛି । ଏହି ଔଷଧ ପାଉଡ଼ର ଭଳି ଥାଏ । ଯାହାକୁ ପାଣିରେ ମିଶାଇ ଖାଇବାକୁ ହୁଏ । ଏହି ଔଷଧ ସଂକ୍ରମିତ କୋଷଗୁଡ଼ିକ ନିକଟରେ ଜମା ହେବା ପରେ ସଂକ୍ରମଣ ରୋକିବା ଦିଗରେ କାମ କରେ । ଡିଆର୍ଡିଓ'ର ବୈଜ୍ଞାନିକମାନେ ଗତବର୍ଷ ଏପ୍ରିଲ ମାସରେରେ ଏହି ଔଷଧର ପରୀକ୍ଷଣ କରିଥିଲେ । ପରୀକ୍ଷଣ ପରେ ଜଣାପଡ଼ିଥିଲା ଯେ, ଏହା କରୋନା ଭୂତାଣୁକୁ ରୋକିବାରେ ସହାୟକ ହେଉଛି । ଏହି ଆଧାରରେ ଗତବର୍ଷ ମେ' ମାସରେ ଏହାର ଦ୍ୱିତୀୟ ଫେଜ୍ ଟ୍ରାଏଲ୍ ▶▶ପୃଷ୍ଠା ୭

# କଟକର କୋଭିଡ୍ ରିପୋର୍ଟ ଦେଲେ ସିଏମସି କମିଶନର

- ■ ଏସସିବିରେ ଆଉ ୧୦୦ ବେଡ୍ ଉପଲବ୍ଧ କରାଇବାକୁ ପ୍ରୟାସ
- ■ ଜାରି ହେଲା କୋଭିଡ୍ କଣ୍ଟ୍ରୋଲ ରୁମ୍ ନମ୍ବର




କଟକ,୦୮/୦୫(ନି.ପ୍ର): କଟକରେ କେମିତି ଚାଲିଛି କରୋନା ମୁକାବିଲା ? ମହାନଗରରେ କରୋନା ସଂକ୍ରମଣ କମାଇବାକୁ ପ୍ରଶାସନ କି କି ପଦକ୍ଷେପ ନେଇଛି ସେନେଇ ଆଜି ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ସିଏମସି କମିଶନର ଅନନ୍ୟା ଦାସ । କଟକରେ ଏବେ ୩୬୮୫ ଆକ୍ରାନ୍ତ ସକ୍ରିୟ ଅଛନ୍ତି । ସେ ଭିତରୁ ପାଖାପାଖି ୮୮ ପ୍ରତିଶତ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ହୋମ୍ ଆଇସୋଲେସନରେ ରହୁଥିବା ଆକ୍ରାନ୍ତଙ୍କ ଉପରେ ସ୍ପେଶାଲ୍ ରାପିଡ୍ ରେସପନ୍ସ ଟିମ୍ ନଜର ରଖିଛି । ତା ସହ କୋଭିଡ୍ କେୟାର ସେଣ୍ଟରେ ପର୍ଯ୍ୟାପ୍ତ ପରିମାଣର ବେଡ୍ ଉପଲବ୍ଧ ଅଛି ବୋଲି ସେ କହିଛନ୍ତି । ଅନ୍ୟପଟେ କଟକରେ ଆଇସିୟୁ ବେଡ୍ ଚାପ କମାଇବାକୁ ଏସସିବି ହସ୍ପିଟାଲର କ୍ଷମତା ବଢ଼ାଯିବ । ଏସସିବିରେ ଆଉ ୧୦୦ ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ପହଂଚିଲା ୧ ଲକ୍ଷ କୋଭିସିଲ୍ଡ

ଭୁବନେଶ୍ୱର,୦୮/୦୫(ନି.ପ୍ର): ରାଜ୍ୟ କିଣିଥିବା କୋଭିସିଲ୍ଡ ର ଏକ ଲକ୍ଷ ଡୋଜ୍ ଶନିବାର ଭୁବନେଶ୍ୱରରେ ପହଂଚିଛି । ସେରମ୍ ଇନଷ୍ଟିଚ୍ୟୁଟ୍ ରୁ ବିମାନ ଯୋଗେ ଅପରାହ୍ନ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଟିକା ପହଂଚିଛି । ରାଜ୍ୟରେ ୧୮ରୁ ୪୪ ବର୍ଷ ବର୍ଗଙ୍କୁ ମାଗଣାରେ କୋଭିଡ୍ ଟିକା ଦେବା ଲାଗି ରାଜ୍ୟ ସରକାର ସେରମ୍ ଠାରୁ ଏହି ଟିକା କିଣିଛନ୍ତି ।

## ଯୁକ୍ତ ୨ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ନିଷ୍ପତ୍ତି ହୋଇନାହିଁ : ମନ୍ତ୍ରୀ

ଭୁବନେଶ୍ୱର,୦୮/୦୫(ନି.ପ୍ର): ଯୁକ୍ତ ଦୁଇରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ସମ୍ପର୍କରେ ବର୍ତ୍ତମାନ କୌଣସି ନିଷ୍ପତି ନିଆଯାଇ ନାହିଁ । ରେଜଲ୍ଟ ଆସିବା ପରେ କଣ କରାଯିବ ନିଷ୍ପତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀରରଞ୍ଜନ ଦାଶ କହିଛନ୍ତି । ମେଧାବୀ ଛାତ୍ରଛାତ୍ରୀ ଯେଭଳି ଭଲ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାର ସୁଯୋଗ ପାଇବେ ସେଥିଲାଗି ପ୍ରବେଶିକା ପରୀକ୍ଷା ହେବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ମନ୍ତ୍ରୀ ଏହାକୁ ଖଣ୍ଡନ କରିଛନ୍ତି । ଏଥିସହ ଗତକାଲି ମାଟ୍ରିକ ରେଜଲ୍ଟ ପାଇଁ ଗାଇଡଲାଇନ ପ୍ରକାଶ ପାଇଛି । ଯେଉଁମାନେ ମାଟ୍ରିକ ରେଜଲ୍ଟରେ ସନ୍ତୁଷ୍ଟ ହେବେ ନାହିଁ ସେମାନେ ପୁଣି ପରୀକ୍ଷା ଦେଇପାରିବେ ।

# ଏଣିକି ଦରକାର ନାହିଁ କୋଭିଡ୍ ପଜିଟିଭ୍ ରିପୋର୍ଟ, ସମସ୍ତଙ୍କୁ ମିଳିବ ଚିକିତ୍ସା ସୁବିଧା



ଭୁବନେଶ୍ୱର,୦୮/୦୫(ନି.ପ୍ର): କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ବଦଳିଲା ହସ୍ପିଟାଲର ନିୟମ । ଏଣିକି ହସ୍ପିଟାଲରେ ଆଡମିସନ ପାଇଁ ଆଉ ଦରକାର ନାହିଁ କୋଭିଡ୍ ପଜିଟିଭ୍ ରିପୋର୍ଟ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିୟମ ବଦଳାଇଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ପୂର୍ବରୁ କୋଭିଡ୍ ଆକ୍ରାନ୍ତ ହେବା ପରେ ପଜିଟିଭ୍ ରିପୋର୍ଟ ନଥିଲେ କୋଭିଡ୍ ହସ୍ପିଟାଲରେ ଆଡମିସନ କରାଯାଉନଥିଲା । ଫଳରେ ଅନେକ ସ୍ଥାନରେ ରୋଗୀ କରୋନାରେ ଆକ୍ରାନ୍ତ ହୋଇ ମଧ୍ୟ ଚିକିତ୍ସାରୁ ବଞ୍ଚିତ ହେଉଥିଲେ । ଏପରିକି ବିଭିନ୍ନ ସ୍ଥାନରେ କରୋନା ରୋଗୀଙ୍କୁ ଆଡମିସନ କରାନଯିବାରୁ ସେମାନେ ହସ୍ପିଟାଲ ବାହାରେ ଛଟପଟ ହେଉଥିବାର ସାମନାକୁ ଆସିଥିଲା । ଏହାକୁ ଏଡାଇବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରାଳୟ ଏଭଳି ନିଷ୍ପତି ନେଇଥିବା କୁହାଯାଇଛି । ଏହାବାଦ୍ କୌଣସି କାରଣ ଦର୍ଶାଇ ରୋଗୀଙ୍କୁ ହସ୍ପିଟାଲ ଚିକିତ୍ସାରୁ ବଞ୍ଚିତ କରାଯାଇପାରିବ ନାହିଁ । ଏପରିକି ଅନ୍ୟ କୌଣସି ସହରର ହୋଇଥିଲେ ମଧ୍ୟ ତାଙ୍କୁ ଚିକିତ୍ସା ସୁବିଧା ଯେପରି ମିଳିବ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଚିନ୍ତା ବଢ଼ାଉଛି ମହାମାରୀ : ସଙ୍କଟରେ ରାଜ୍ୟର ୧୪ ହଜାର ଘରୋଇ ବସ୍ ମାଲିକ

ଭୁବନେଶ୍ୱର,୦୮/୦୫(ନି.ପ୍ର): କରୋନା ଜୀବନ ନେଉଛି, ତାହା ସହିତ ହଜାର ହଜାର ଲୋକଙ୍କ ଜୀବିକାକୁ ଛଡାଇ ନେଇଛି । ସମସ୍ତଙ୍କ ଜୀବିକା ଏବେ ସଙ୍କଟରେ ରହିଛି । ତେବେ କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ସର୍ବାଧିକ ପ୍ରଭାବିତ ହୋଇଥିବା ଯାତ୍ରୀ ପରିବହନ ବ୍ୟବସ୍ଥା ପୁଣିଥରେ ପ୍ରଭାବିତ ହୋଇଛି ।

## କରୋନାରେ ସଂକ୍ରମିତ ହେଲେ ବଲିଉଡର ଚର୍ଚ୍ଚିତ ନାୟିକା କଙ୍ଗନା ରାଣାଓ୍ୱତ



ନୂଆଦିଲ୍ଲୀ,୦୮/୦୫: କରୋନା ପ୍ରଭାବରେ ଏବେ ସାରା ଦେଶ ପ୍ରଭାବିତ । ଦେଶରେ ଲଗାତର ଭାବେ ବଢ଼ୁଥିବା ସଂକ୍ରମଣ ଭିତରେ ଆଜି ବଲିଉଡ ଚର୍ଚ୍ଚିତ ନାୟିକା କଙ୍ଗନା ରାଣାଓ୍ୱତ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡିଛି । ଏନେଇ ସେ ▶▶ପୃଷ୍ଠା ୭

# ଲକଡାଉନରେ କେଉଁମାନେ ଆସିବେ ଅଫିସ ?

## ସବୁ ବେସରକାରୀ ସଂସ୍ଥାକୁ କର୍ମଚାରୀଙ୍କ ତାଲିକା ମାଗିଲେ ପୋଲିସ କମିଶନର

ଭୁବନେଶ୍ୱର,୦୮/୦୫(ନି.ପ୍ର): ସଂକ୍ରମଣର ଚେନ୍ ଭାଙ୍ଗିବାକୁ ରାଜ୍ୟ ସରକାର ୧୯ ତାରିଖ ଯାଏଁ ଲକଡାଉନ ଘୋଷଣା କରିଥିବା ବେଳେ ବିଭିନ୍ନ କାର୍ଯ୍ୟକଳାପ ଉପରେ କଟକଣା ଲଗାଇଛନ୍ତି । ଚଳିତ ଲକଡାଉନରେ କୌଣସି ଯାତାୟତ ପାଇଁ କୌଣସି ପାସ୍ ବ୍ୟବସ୍ଥା କରାଯାଇନାହିଁ । ଯାହାଦ୍ୱାରା ଅନେକ ଅମାନିଆ କମ୍ପାନି ପରିଚୟପତ୍ର ଦେଖାଇ ବୁଲୁଥିବାର ଦେଖିବାକୁ ମିଳୁଛି । ଧରାପଡିଲେ ସେମାନଙ୍କ ଠାରୁ ଫାଇନ ଆଦାୟ କରାଯାଉଛି । ତେବେ ଏଭଳି ଅମାନିଆଙ୍କୁ ସାବାଡ କରିବାକୁ ବେସରକାରୀ ସଂସ୍ଥାର କର୍ମଚାରୀଙ୍କ ତାଲିକା ମାଗିଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ । ଯେଉଁମାନେ କେବଳ ଅଫିସ ଆସିବେ ସେହି ମାନଙ୍କ ତାଲିକା ଡିସିପିଙ୍କୁ ଦେବାକୁ କହିଛନ୍ତି ପୋଲିସ କମିଶନର । ଏହାସହ ସଂସ୍ଥାର ଅଧିକାରୀଙ୍କ ପକ୍ଷରୁ କର୍ମଚାରୀଙ୍କୁ ଏକ ଅଥରାଇଜେସନ ଲେଟର ଦେବେ । ପରିଚୟପତ୍ର ଓ ଏହି ଲେଟର ଦେଖାଇ ଅଫିସ ଯାଇପାରିବେ କର୍ମଚାରୀ ଲକଡାଉନରେ ଅମାନିଆଙ୍କୁ ସାବାଡ କରିବାକୁ ଏଭଳି ବ୍ୟବସ୍ଥା ଆପଣାଯାଇଛି । ତେବେ ମେଡିକାଲକୁ ଯାଉଥିବା ଲୋକଙ୍କୁ କୌଣସି ଚେକପୋଷ୍ଟରେ ଅଟକା ଯାଉନାହିଁ । ସଠିକ୍ କାରଣ ଦର୍ଶାଇଲେ ଛାଡି ଦିଆଯାଉଛି । ଏହାବାଦ୍ ଯେଉଁମାନେ ଟିକା ନେବାକୁ ଆସୁଛନ୍ତି ସେମାନଙ୍କୁ କୌଣସି ଚେକପୋଷ୍ଟରେ ଅଟକା ଯାଉନାହିଁ । ଟିକାକରଣ ସମ୍ପର୍କିତ କାଗଜପତ୍ର ଦେଖାଇ ଟିକା ନେବାକୁ ଯାଇପାରିବେ ଲୋକେ ।

# ମାଆ ପାଇଁ ସବୁଜ ସଂକଳ୍ପ

ଭୁବନେଶ୍ୱର,୦୮/୦୫(ନି.ପ୍ର): ଆଜି ସାରା ବିଶ୍ୱ ପାଳୁଛି ମାତୃ ଦିବସ । ମାଆର ବାତ୍ସଲ୍ୟ ମମତା, ତ୍ୟାଗ ଓ ବଳିଦାନକୁ ସମ୍ମାନ ଦେବାକୁ ପ୍ରତିବର୍ଷ ମେ' ମାସ ଦ୍ୱିତୀୟ ରବିବାରକୁ ମାତୃଦିବସ ରୂପେ ପାଳନ କରାଯାଇଥାଏ । ସମ୍ପ୍ରତି ଗୋଟିଏ ପଟେ ସାରା ଦେଶ ମହାମାରୀ କରୋନା ବିରୁଦ୍ଧରେ ଲଢୁଥିବାବେଳେ ଅନ୍ୟପଟେ ସାରା ରାଜ୍ୟ ଲକ୍‌ଡାଉନ୍‌ରେ ଥିବାବେଳେ ପରିବେଶବିତ୍ ତଥା ସାମାଜିକକର୍ମୀ ସୁଶାନ୍ତ ସାହୁ ମାତୃଦିବସକୁ ନିଆରା ଢଙ୍ଗରେ ପାଳି ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବା ପାଇଁ ପ୍ରୟାସ କରିଛନ୍ତି । ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨୦ରେ ରହୁଥିବା ସୁଶାନ୍ତ ରଙ୍ଗବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରି କରିଛନ୍ତି ଏକ ହୃଦୟ । ହୃଦୟ ଭିତରେ ମା'ଙ୍କୁ ସ୍ଥାନିତ କରି ବିଶ୍ୱ ମାତୃ ଦିବସରେ ଭକ୍ତିପୂତ ଶ୍ରଦ୍ଧା, ସମ୍ମାନର ସହ ମାତୃପୂଜା କରିଛନ୍ତି । ବିହନ ପିଣ୍ଡୁଳାରେ ସ୍ଥାନିତଙ୍କୁ ଆସ ମା'ଙ୍କୁ ଭଲ ପାଇବାର ବାର୍ତ୍ତା ସହ ବିହନ ପିଣ୍ଡୁଳାର ଉପହାର ଦେଇଛନ୍ତି । ଏହି ଶୁଭ ଅବସରରେ ଶ୍ରୀ ସାହୁ କୁହନ୍ତି ମାଆ ଏକ ପବିତ୍ର ଶବ୍ଦ । ଦୁନିଆର ସବୁଠୁ ସୁନ୍ଦର ଶବ୍ଦ ହେଉଛି ମାଆ । ମାଆ ଶବ୍ଦର ଉଚ୍ଚାରଣ ମାତ୍ରେ ସ୍ନେହ, ଶ୍ରଦ୍ଧା ଓ ପ୍ରେମର ଏକ ନିଛକ ଅନୁଭବ ଭରିଯାଏ ହୃଦୟରେ । ମା' ଶବ୍ଦ ଏକ ସମ୍ବୋଧନ ନୁହେଁ, ଏହି ଶବ୍ଦରେ ଲୁଚିରହିଥାଏ ମମତା ଓ ସହନଶୀଳତା । ସେ ସ୍ନେହମୟୀ, କରୁଣାମୟୀ ଓ ଦୟାମୟୀ ମା'କୁ ପୃଥିବୀ ସହିତ ବି ତୁଳନା କରାଯାଇଥାଏ । ଏଣୁ ଉଭୟ ଜନ୍ମଦାତ୍ରୀ ଓ ଧରିତ୍ରୀ ମା'କୁ ଭଲ ପାଇବା ଓ ତା'ର ସୁରକ୍ଷା ପାଇଁ ଏ ଶୁଭ ଦିବସରେ ପ୍ରତ୍ୟେକ ମଣିଷ ଗୋଟିଏ ଲେଖାଏଁ ଗଛ ଲଗାଇବା ହେଉ କି ସିଡ଼ବଲ୍ ▶▶ପୃଷ୍ଠା ୭

# ଗୋଟିଏ ଦିନରେ ୧୧୮୦୭ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୦୮/୦୫(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୮୦୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୨୪୨୦୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୩୧୬୫୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୦୩୩୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୮୦୭ ଜଣଙ୍କ ମଧ୍ୟରୁ ୬୬୧୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୧୯୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ▶▶ପୃଷ୍ଠା ୭

# କନ୍ଦାଉଛି କରୋନା : ସଂକ୍ରମଣ ଭୟରେ ଆସିକାରେ ପଡିରହିଲା ଶବ

## ମା ପାଖରେ ବସି କାନ୍ଦିଲା କୁନି ପିଲା, ଅନ୍ୟପଟେ ଛେଣ୍ଡିପଦାରେ ଶବ ଉଠାଇଲେ ବିଡିଓ ଓ ସରପଞ୍ଚ



ଭୁବନେଶ୍ୱର,୦୮/୦୫(ନି.ପ୍ର): ପଡୋଶୀ ପାଖ ପଶିଲେନି, ପ୍ରଶାସନିକ ଅଧିକାରୀ କାନ୍ଧରେ ବୋହି ମଶାଣିକୁ ନେଲେ, ଓ ଅନ୍ତିମ ସଂସ୍କାର କଲେ । କରୋନା ସଂକ୍ରମଣ ଭୟରେ ଯେଉଁମାନେ ଦିନେ ଆପଣାର କହୁଥିଲେ ସେମାନେ ଆଜି ମୁହଁକୁ ଚାହୁଁନାହାଁନ୍ତି । ପରିସ୍ଥିତି ଏମିତି ହୋଇଛି ପାଖ ବି ପଶୁ ନାହାଁନ୍ତି । ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଛି ମାନବିକତା ହଜିଯାଉଥିବାର ଏଭଳି ଖବର । ଠିକ୍ ସେହିପରି ଏକ ଖବର ଆସିଛି ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାହାଳସାହି ପଂଚାୟତ ଗୁହିରାପଶି ଗାଁରୁ । ଏହି ଗାଁର ଗୋବିନ୍ଦ ମାଝୀ ନାମକ ଜଣେ ବୃଦ୍ଧ ୫ଦିନ ପୂର୍ବରୁ ଜ୍ୱରରେ ପୀଡିତ ଥିଲେ । ଗତକାଲି ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା । ହେଲେ କରୋନାରେ ମୃତ୍ୟୁ ହୋଇଥିବା ସନ୍ଦେହ କରି ପଡୋଶୀମାନେ ଶବ ସଂସ୍କାର ପାଇଁ ଆସି ନଥିଲେ । ଫଳରେ ଦୀର୍ଘ ୧୮ଘଂଟା ଧରି ପଡି ରହିଥିଲା ମୃତଦେହ । ଏହି ଖବର ପାଇବା ପରେ ସ୍ଥାନୀୟ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ସରପଂଚ ନାରାୟଣ ବେହେରା, ▶▶ପୃଷ୍ଠା ୭

# କରୋନାରେ ମୃତ ଓଡିଶା ଆଦର୍ଶ କଳା ଶିକ୍ଷକଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଲେ ଜିଲ୍ଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଙ୍ଘ

ମାଲକାନଗିରି,୮/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମା ଓଡିଶା ଆଦର୍ଶ ବିଦ୍ୟାଳୟର କଳା ଶିକ୍ଷକ କେ ନାଗେଶ୍ୱର ଆଚାରୀଙ୍କ ୨୯ ବୟସରେ କରୋନାରେ ମୃତ୍ୟୁ ଘଟିଥିଲା । ଗତ ଶନିବାର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ରିପୋର୍ଟ ପଜିଟିଭ ଆସିବା ପରେ ପ୍ରଥମେ ହୋମ ଆଇସୋଲେସନ ରେ ରହିଥିଲେ । ତେବେ ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ସଦର ମହକୁମା କୋଭିଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଗତ ଶନିବାର ସକାଳେ ତାଙ୍କର ମୃତ୍ୟୁ ଖବର ପ୍ରଚାର ହେବା ପରେ ଜିଲାରେ ଶୋକର ଛାୟା ଖେଳିଯାଇଥିଲା । ସେ ପ୍ରଥମେ ୨୦୧୭ ମସିହାରେ କଳା ଶିକ୍ଷକ ରୂପେ ଓଡିଶା ଆଦର୍ଶ ବିଦ୍ୟାଳୟ, ଅଲାଡ଼, କାଶୀନଗର ବ୍ଲକ, ଗଜପତି ଜିଲ୍ଲାରେ ଯୋଗ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ୨୦୧୮ ମସିହାରେ ସେ ନିଜ ଜିଲ୍ଲା ତଥା ଓଡିଶା ଆଦର୍ଶ ବିଦ୍ୟାଳୟ, ଗୁଣ୍ଡୁରୀଗୁଡା, କୁଡୁମୁଲୁଗୁମା, ମାଲକାନଗିରି ଜିଲ୍ଲାକୁ ବଦଳି ହୋଇଥିଲେ । ଜଣେ ପ୍ରକୃତି ପ୍ରେମୀ ସହ କଳାର ପୂଜାରୀ ଭାବରେ ବେଶ ଖ୍ୟାତି ଅର୍ଜନ କରିବା ସହ ଜଣେ ଅମାୟିକ ବ୍ୟକ୍ତିତ୍ୱ ଭାବରେ ପରିଚିତ ଥିଲେ । ଏତ ବ୍ୟତୀତ ସେ ଜଣେ ଜିଲ୍ଲାର ଶିକ୍ଷକ ନେତା ଭାବରେ କାର୍ଯ୍ୟ କରିବା ସହ ଜଣେ ମେଳାପୀ ବ୍ୟକ୍ତି ଥିଲେ । ତାଙ୍କର ବିୟୋଗରେ ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଘ ଓ ଉପରିସ୍ଥ ବିଭାଗୀୟ କର୍ମଚାରୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଛନ୍ତି । ଏହି ଶୋକ ସନ୍ତପ ପରିବାରକୁ ଜିଲ୍ଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଙ୍ଘ ତରଫରୁ ଏକ ଲକ୍ଷ ଟଙ୍କା ସହାୟତା ରାଶି ରୂପେ ପ୍ରଦାନ କରିଛନ୍ତି ।

# ସହରରେ ବୁଲା ଗାଈ, ଷଣ୍ଢ ଓ କୁକୁରଙ୍କୁ ଖାଦ୍ୟ ବଣ୍ଟନ ପାଇଁ ଦାବି

ଭୁବନ,୮/୫ (ନି.ପ୍ର): ଲକଡାଉନ ଯୋଗୁ ସମସ୍ତ ହୋଟେଲ,ଜଳଖିଆ ଦୋକାନ,ଠେଲାଗାଡିରେ ବ୍ୟବସାୟ ବନ୍ଦ ହୋଇଯାଇଥିବା କାରଣରୁ ସହରରେ ବୁଲା ଗାଇ,ଷଣ୍ଢ ଓ କୁକୁର ମାନେ ଖାଦ୍ୟ ନପାଇ ଡହଳ ବିକଳ ହେଉଛନ୍ତି । ସକାଳ ପରିବା ବଜାରେ କେତେକ ଗାଇ ଓ ଷଣ୍ଢ ଖାଦ୍ୟ ଅନ୍ୱେଷଣରେ ଆସୁଥିବା ବେଳେ ତାଙ୍କୁ ଘଉଡାଇ ଦିଆଯାଉଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ପ୍ରାୟତଃ ଖାଲୁଆ ଅଂଚଳପୋଖରୀ,ନାଳ ଇତ୍ୟାଦି ଶୁଖିଯିବାରୁ ପାଣି ମୁନ୍ଦେ ମିଳୁନଥିବା ବେଳେ ଖାଦ୍ୟ ମଧ ମିଳୁନାହିଁ । ଗତବର୍ଷ ରାଜ୍ୟ ସରକାରବୁଲା ଗୋରୁ ଗାଇ କୁକୁର ଙ୍କୁ ଖାଦ୍ୟ ଦେବା ସହିତ ଛକ ବଜାର ମାନଙ୍କରେ ଗୋରୁଗାଇଙ୍କ ପାଇଁ ପାଣି କୁଣ୍ଡ ରଖିବା ପାଇଁ ସମସ୍ତ ଏନଏସି,ମ୍ୟୁନିସପାଲିଟି କୁ ନିର୍ଦ୍ଦେଶ ଦେବା ସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ପ୍ରାୟ ୧ କୋଟି ଟଙ୍କା ମଧ ବ୍ୟବସ୍ଥା କରଥିବା ବେଳେ ଚଳିତ ବର୍ଷ ଲକଡାଉନରେ ସେଭଳି କିଛି ବ୍ୟବସ୍ଥା କରିନାହାଁନ୍ତି । ହାଟ ବଜାର ଶୁନଶାନ ହୋଇପଡୁଥିବା ବେଳେ ସହରରେ ମାଳମାଳ କୁକୁର , ଷଣ୍ଢ ଓ ଗାଇ ମାନେ ବିଚରଣ କରୁଥିବା ଦେଖିବାକୁ ମିଳୁଛି ।

# ଅଜଣା ଗାଡି ଧକ୍କାରେ ଅଜଣା ମହିଳା ମୃତ

କୋରାଇ,୮/୫ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବୈତରଣୀ ନଦୀ ବ୍ରିଜ ଉପରେ ଗୁରୁବାର ରାତ୍ରୀରେ ଏକ ଅଜଣା ଗାଡି ଧକ୍କାରେ ଅଜଣା ମହିଳାଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏନେଇ ଏକ ଅପମୃତ୍ୟୁ ମାମଲା ୭/୨୧ ରୁଜୁ କରାଯାଇଛି । ପ୍ରକାଶ ଯେ ଗୁରୁବାର ରାତ୍ରୀରେ କୌଣସି ଏକ ଗାଡି ବ୍ରିଜ ଉପରେ ମହିଳାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ପାଣିକୋଇଲି ପୁଲିସ ପହଂଚି ଶବ ଜବତ କରିଥିଲା । ପରେ ଏହା ଜଣେ ପାଗେଳୀର ମୃତଦେହ ବୋଲି ଜଣାପଡିଛି ।

# ଆଇନ ସଚେତନତା ଶିବିର

ଜୟପୁର,୮/୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଆନୁକୁଲ୍ୟରେ ଭର୍ଚୁଆଲ୍ ମାଧ୍ୟମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରବାସୀ ଶ୍ରମିକ ଆଇନ ଉପରେ ବିଷୟ ବସ୍ତୁ ରଖାଯାଇ ସଚେତନ କରାଯାଇଥିଲା । ସଚେତନତା ଶିବିରରେ ଉପସ୍ଥିତ ଥିବା ସମସ୍ତ ପାରାଲିଗାଲ ସ୍ୱେଚ୍ଛାସେବୀ, ପାନେଲ୍ ଆଇନଜୀବି, ଆଇନ ସାକ୍ଷରତା ବ୍ଲକର ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନଙ୍କୁ ଜୟପୁର ସିଭିଲ କୋର୍ଟର ରେଜିଷ୍ଟାର ଶରତ କୁମାର ଜେନା ଏସଡିଜେଏମ ଜନ୍ମେଜୟ ପଲେଇ , ପ୍ରଥମ ଶ୍ରେଣୀ ବିଚାର ବିଭାଗୟୀୟ ଜଜ ସୁନିଳା ମିଶ୍ର, ଜିଲା ଶ୍ରମ ଅଧିକାରି ପ୍ରସନ୍ନ କୁମାର ପାଣିଗ୍ରାହୀ ପୌର ପରିଷଦ ତରଫରୁ ପ୍ରଭାକର ଦାସ, ବର୍ଜ୍ୟବସ୍ତୁ ପରିଚାଳନା ଅଧିକାରି ରାଜ ଶେଖର ଉପସ୍ଥିତ ରହି ଭର୍ଚୁଆଲ ମାଧ୍ୟମରେ ସଚେତନ ବାର୍ତ୍ତା ଦେଇଥିଲେ ।

# ସରକାରୀ ସଂଘରୋଧ ଅଭାବରୁ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସୁଛନ୍ତି ଲୋକେ : ବଢୁଛି ସଂକ୍ରମଣ

ରାଉରକେଲା,୮/୫ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ପୁର୍ବ ବର୍ଷ ଭଳି ସରାକରୀ ସଂଘରୋଧ ସେଂଟର ନରହିବା,ଲୋକେ ଆକ୍ରାନ୍ତ ହେବା ପରେ ମେଡିସିନ ଖାଇ ନିଜ ଘରେ ରହିବା,ଘରେ ସେଭଳି ସଂଘରୋଧ ସୁବିଧାର ଅଭାବ ଯୋଗୁ ତାଙ୍କ ପରିବାର ଆଖ ପାଖ ଲୋକଙ୍କ ସମେତ ସାମାନ୍ୟ ଭଲ ଲାଗିବା ପରେ ଆକ୍ରାନ୍ତ ମାନେ ମେଡିସିନ ଖାଇ ବାହାରେ ବୁଲିବା ଭଳି ସ୍ଥିତି ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢାଇବାରେ ସହେଯାଗ କରୁଛି ବୋଲି ମତ ପ୍ରକାଶ ପାଇଛି । ଜିଲ୍ଲାରେ ବିଗତ ୨ରୁ ତିନିଦିନ ଧରି ସଂଖୟା ୧୦୦୦ରୁ ଅଧିକ ରହୁଥିବାବେଳେ ଆଜି ତାହା ୨୦୦୦ ଅତିକ୍ରମ କରିଛି । ଏହି ସଂଖ୍ୟା ଗୁଡିକ ଭିତରେ ରାଉରକେଲା ସର୍ବାଧିକ ସ୍ଥାନରେ ରହୁଥିବା ସରକାରୀ ରିପୋର୍ଟ କହୁଛି । ତେବେ ଏସବୁ ଲାଗି ଲୋକେ ସରକାରୀ ସଂଘରୋଧ ସେଂଟର ନଥିବା ଲାଗି ହେଉଥିବା ଅଭିଯୋଗ କରିଛନ୍ତି । କଂଗ୍ରେସ ନେତା ରଶ୍ମି ରଂଜନ ପାଢୀ କହିଛନ୍ତି ଯେ, ପୁର୍ବ ବର୍ଷ ବିପିୟୁଟିରେ ୩୦୦ରୁ ଅଧିକ ବେଡ ପକାଯାଇ ଏକ କୋଭିଡ ସେଂଟର କରାଯାଇଥିଲା, ଯେଉଁମାନେ ପଜିଟିଭ ବାହାରୁଥିଲେ ସେମାନଙ୍କୁ ତୁରନ୍ତ ସେଠାରେ ରଖାଯାଇ ଚିକିଛା କରାଯାଉଥିଲା । କିନ୍ତୁ ବର୍ତମାନ ସେ ସେଂଟରକୁ ବନ୍ଦ କରିଦିଆଯାଇଛି । ଜିଲ୍ଲାରେ ଏହିଭଳି ଅନେକ ସେଂଟରଗୁଡିକ ବନ୍ଦ କରିଦିଆଗଲା । ବିପିୟୁଟିରେ ଥିବା ସରଂଜାମ, ବେଡ ଆଦି ବର୍ତମାନ ଅଛିକି ନାହିଁ ସେନେଇ ନାନା ପ୍ରଶ୍ନ ଉଠିବାରେ ଲାଗିଛି । ଲୋକେ ନିଜ ସଂଘରୋଧର ବ୍ୟବସ୍ତାରେ ରହିବା ଲାଗି ଭଲ ପାଉଛନ୍ତି କିନ୍ତୁ ଅନେକ ଲୋକ ସେଭଳି ସୁବିଧା ନିଜ ଘରେ ନପାଇ ପରିବାର,ପଡୋଶୀ ଲୋକଙ୍କ ସଂସ୍ପର୍ଶରେ ଆସି ସଂକ୍ରମଣ ବଢିଯାଉଛି ବୋଲି ଶ୍ରୀ ପାଢୀ କହିଛନ୍ତି । ସେହି ଭଳି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ଧିରେନ ସେନାପତି କହିଛନ୍ତି ଏହା ସଂପୁର୍ଣ ସତ୍ୟ, ଲୋକେ ସବୁ ବେଳେ ପେଟ ପାଟଣା ଲାଗି ଶେଷ ମୁହୂର୍ତ ଯାଏ ଉଦ୍ୟମ କରିବେ,ସେମାନଙ୍କୁ ସୁବିଧା ସୁଯୋଗ ଦେଲେ ସେମାନେ ସଂକ୍ରମିତତ ହେବା ପରେ ସରକାରୀ ସଂଘ ରୋଧ କେନ୍ଦ୍ରରେ ରହିବେ । ଏହି ସରକାରୀ ସଂଘରୋଧ କେନ୍ଦ୍ର ସମସ୍ୟା କେବଳ ରାଉରକେଲା ରେ ନୁହେଁ ସମଗ୍ର ଜିଲ୍ଲାରେ ସଂଘରୋଧ କେନ୍ଦ୍ର ଗୁଡିକ ବନ୍ଦ କରାଯାଇଛି । ଗ୍ରାମାଂଚଳରେ ବର୍ତମାନ ସମସ୍ୟା ବଢିବାରେ ଲାଗିଛି ।ଯେଉଁ ମାନେ ଆକ୍ରାନ୍ତ ହେଉଛନ୍ତି ସେମାନେ ସରକାରୀ ସଂଘରୋଧ କେନ୍ଦ୍ର ନପାଇ ନାନା ସମସୟାରେ ପଡିବା ସହ ଅନ୍ୟ ମାନଙ୍କୁ ମଧ ସମସ୍ୟାରେ ପକାଉଛନ୍ତି । ବିପିୟୁଟି ସଂଘରୋଧ କେନ୍ଦ୍ର ସମେତ ରାଉରକେଲା ଏନଆଇଟିରେ ସେଂଟର ଖୋଲିବା ଲାଗି ଜିଲ୍ଲା ପ୍ରଶାସନ ଘୋଷଣା କରିବାକୁ ୧୦ ଦିନ ବିତିଲାଣି ,ଏହାରି ଭିତରେ ଜିଲ୍ଲାରେ ସଂକ୍ରମଣ ସଂଖ୍ୟା। ୨୦୦୦ଅତିକ୍ରମ କଲାଣି ,ପ୍ରଶାସନ କେବେ ସେ ସବୁ ସେଂଟର ଖୋଲିବ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଏଭଳି ସ୍ଥିତି ରେ ଯଦି ଦେଖାଯାଏ ବର୍ତମାନ ଲୋକେ ବଜାର ଘାଟରେ ଅନେକ ଭିଡ କରୁଛନ୍ତି,ସେମାନଙ୍କ ଭିତରେ କିଏ ସଂକ୍ରମିତ ତାହା ଜାଣିବା କାଠିକର ପାଠ,ଛକ ବଜାରରେ ଲୋକେ ଖେଁ ଖେଁ ହୋଇ କାଶୁଛନ୍ତି,ପରିବା ବଜାର ଠାରୁ ମେଡିସିନ ଦୋକାନ ଯାଏ ସବୁଠି ଲୋକଙ୍କର ଅସମ୍ଭବ ଭିଡ,ରହୁଛି ,ତାକୁ ରୋକିବାରେ ପ୍ରଶାସନ ବିଫଳ,ତେଣୁ ସଂକ୍ରଣ ବଢିଚାଲିଛି ବୋଲି ଅଭିଯୋଗ ହେଉଛି ।ଆଜି ସକାଳେ ମହାନଗର ତରଫରୁ ବଜାରକୁ ଏସବୁ ଦେଖିବା ଲାଗି ଯାଇଥିବା କର୍ମଚାରୀ ମଧ କିଛି ଲୋକଙ୍କର ବେପରୁଆ ମନୋଭବକୁ ଟିପ୍ପଣୀ କରିଛନ୍ତି । ଯଦି ଲୋକେ ଏଭଳି ହେବେ,ସାମାଜିକ ଦୁରତା ରହିବନି, ସରକାରୀ ସଂଘରୋଧ ନରହି ଲୋକେ ନିଜ ଘରେ ରହିବେ ଓ ବାହାରେ ବୁଲିବେ ସାମାଜିକ ଦୁରତା ରହିବନି ଓ ସରକାର ଫାଇନ ଆଦାୟକରି ନୀରବ ରହିବେ ତେବେ ସତିଡି ଆଗକୁ କମିବା ଯାଗାରେ ବଢିବ ବୋଲି ମତପ୍ରକାଶ ପାଇଛି ।

# ପାଣିକୋଇଲି ଥାନାର ନୂତନ ଥାନାଧିକାରୀଙ୍କ ଯୋଗଦାନ

କୋରାଇ,୮/୫ (ନି.ପ୍ର): ପାଣିକୋଇଲି ଥାନାରେ ଆଜି ନୂତନ ଥାନାଧିକାରୀ ଯୋଗଦାନ କରିଛନ୍ତି । ଇନ୍ସପେକ୍ଟର ସୁନୀଲ କୁମାର ନାୟକ ଆଜି ଥାନାଧିକାରୀ ଚକ୍ରପତି କହଁରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । କୋଭିଡ ପରିଚାଳନା ଓ ଥାନା ଅଂଚଳରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ପ୍ରାଥମିକତା ଦିଆଯିବ ବୋଲି ସୂଚନା ଦେଇଛନ୍ତି ।

# ୨୦୦ରୁ ଉର୍ଦ୍ଧ୍ୱ ଓକିଲ ନେଲେ କରୋନା ଟିକା

ପୁରୀ, ୭ ମଇ(ହି.ସ.) - ପୁରୀ ଓକିଲ ସଂଘ କାର୍ଯ୍ୟାଳୟଠାରେ ଆଜି ୨୦୦ରୁ ଉର୍ଦ୍ଧ୍ୱ ଆଇନଜୀବି ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ କରୋନା ଟୀକାର ପ୍ରଥମ ମାତ୍ରା ପ୍ରଦାନ କରାଯାଇଛି । ୪୫ବର୍ଷରୁ ଉର୍ଦ୍ଧ୍ୱ ଆଇନଜୀବି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଏହି ଟୀକା ଦିଆଯାଇଛି । ସଂଘ କାର୍ଯ୍ୟାଳୟଠାରେ ସକାଳ ୮ରୁ ଏହି ଟୀକାକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଇନଜୀବିମାନେ ଶୃଙ୍ଖଳିତଭାବେ ଟୀକା ନେଉଥିବା ଦେଖିବାକୁ ମିଳିଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲ ଟିମ୍ କାର୍ଯ୍ୟାଳୟରେ ଟୀକାକରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପୁରୀ ବାର ଆସୋସିଏସନର ସଭାପତି ଭଗବାନ ମିଶ୍ର, ସଂପାଦକ ଶାରଦା ପ୍ରସାଦ ସାମଲ, ପୂର୍ବତନ ସଂପାଦକ ବିଭୁତି ଶଙ୍କର ତ୍ରିପାଠୀ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ରବିନ୍ଦ୍ର ପ୍ରଧାନ, ଯୁଗ୍ମ ସଂପାଦକ ବିଭୁଦତ ପଟ୍ଟନାୟକ, ସଂଗ୍ରାମ ଦାସ, ନରେଶ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ସୋମନାଥ ରଣା, ତପନ ବାରିକୀ, ଅନୀଲ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଟୀକାକରଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପୁରୀରେ କରୋନା ମିଟର ବଢୁଛି ଓ କମୁଛି : ପୁଲିସକୁ ଦେଖି ଦୌଡିଲେ ଅମାନିଆ

ପୁରୀ,୮/୫ (ନି.ପ୍ର): ପୁରୀ ଜିଲ୍ଲାରେ କରୋନା ମିଟର କେଉଁଦିନ ବଢୁଛି ତ କେଉଁ ଦିନ କମୁଛି । ଯେତିକି ଲୋକଙ୍କର ପରୀକ୍ଷା କରାଯାଉଛି ତା ମଧ୍ୟରୁ ଅଧିକାଂଶ ଲୋକଙ୍କ ପଜେଟିଭ୍ ଆସୁଥିବା ଜଣାପଡୁଛି । କରୋନାର ସ୍ଥିତିକୁ ଦେଖି ଜିଲ୍ଲା ଓ ସ୍ୱାସ୍ଥ୍ୟ ପ୍ରଶାସନ ଅନେକ କଟକଣା ଜାରି କରିଛି । କେତେକ ସ୍ଥାନରେ ଗହଳି ଜମାଇବା ଓ ଅମାନିଆମାନେ ଏକାଠି ହୋଇ ଯାଉଥିବା ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ପୁଲିସକୁ ଦେଖି ବାଇକରେ ଆସୁଥିବା ଅମାନିଆମାନେ ପୁରୀର ପ୍ରବେଶ ପଥରେ ଲୁଚି ପଳାଉଥିବା ଦେଖିବାକୁ ମିଳିଛି । ଆଜି ପୁରୀଜିଲ୍ଲାରେ ୩୬୯ ସଂକ୍ରମିତ ହୋଇଥିବା ରିପୋର୍ଟ ଆସିଛି । ସେଥି ମଧ୍ୟରୁ ଅସ୍ତରଙ୍ଗ ବ୍ଲକରେ୧୬, ବ୍ରହ୍ମଗିରି ବ୍ଲକରେ ୧୬, ଡେଲାଙ୍ଗ ବ୍ଲକରେ ୧୨, ଗୋପ ବ୍ଲକରେ ୩୪, କାକଟପୁର ବ୍ଲକରେ ୧୦, କଣାସ ବ୍ଲକରେ ୩୧, କୃଷ୍ଣପସାଦ ବ୍ଲକରେ ୧, କୋଣାର୍କ ଏନଏସିରେ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡିଛି । ସେହିପରି ନିମାପଡା ବ୍ଲକରେ ୧୩, ନିମାପଡା ଏନଏସି ୭, ପିପିଲି ବ୍ଲକରେ ୨୯, ପିପିଲି ଏନଏସିରେ ୪, ସତ୍ୟବାଦୀ ବ୍ଲକରେ ୨୩, ପୁରୀ ସଦର ବ୍ଲକରେ ୨୮ ଓ ପୁରୀ ପୌରସଂସ୍ଥାରେ ସର୍ବାଧିକ ୧୩୭ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି । ଅନ୍ୟ ଜିଲ୍ଲାରୁ ଆସି ପୁରୀଜିଲ୍ଲାରେ ରହିଥିବା ସଂକ୍ରମିତଙ୍କ ସଂଖ୍ୟା ୬ ଅଛନ୍ତି । ପୁରୀ ସହରରେ କରୋନା ଗ୍ରାଫ୍ ଉପରମୁହାଁ ହେଉଥିବା ଦେଖିବାକୁ ମିଳୁଛି । ଯେତେ କାଇଦା କଟକଣା କଲେ ମଧ ସଂକ୍ରମିତ ବଢୁଥିବା ଦେଖିବାକୁ ମିଳୁଛି । ଲକଡାଉନ ଓ ସଟଡାଉନ ଯୋଗୁଁ ଦୋକାନ ବଜାର ବନ୍ଦ ହୋଇଥିବା ବେଳେ କରୋନା ସଂକ୍ରମଣ ବନ୍ଦ ହେବାର ନାଁ ଧରୁନାହିଁ । ଜିଲ୍ଲାରେ କରୋନାର ପ୍ରଥମ ଟୀକା ଓ ଦ୍ୱିତୀୟ ଟୀକା ଦିଆଯାଇଥିବା ଜଣାପଡିଛି ।

# ମୃତ ଦହିବରା ବିକାଳି ପରିବାରକୁ ସାହାଯ୍ୟ

କୋରାଇ,୮/୫ (ନି.ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ସଠିପୁର ଠାରେ ଦହିବରା ବିକୁଥିବା କରଦା ସାହୁସାହିର ପ୍ରମୋଦ କୁମାର ସାହୁଙ୍କୁ ଏକ ପିକଅପ ଧକ୍କା ଦେବା ଫଳରେ ଘଟଣାସ୍ଥଳେ ଗଛରେ ଚାପିହୋଇ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ ପରିବାରକୁ ସ୍ଥାନୀୟ ଅଂଚଳର ଲୋକ ସହାୟତାର ହାତ ବଢାଇଛନ୍ତି । ସଠିପୁର, ବନେଇପୁର ଓ କୁମ୍ଭାରସାହିର କିଛି ଯୁବକ ଗ୍ରାମରୁ ଅର୍ଥ ମାଗି ମୃତ ପ୍ରମୋଦ ସାହୁ ପରିବାରକୁ ହସ୍ତାନ୍ତର କରିଛନ୍ତି । ସୁଦର୍ଶନ ବେହେରା, ଅଭିମନ୍ୟୁ ବେହେରା, ରମେଶ ଚନ୍ଦ୍ର ରଣା, କାର୍ତିକ ଚନ୍ଦ୍ର ସ୍ୱାଇଁ, ପବିତ୍ର ବେହେରା, ପ୍ରକାଶ ମାଝୀ, କାର୍ତିକ ରଣା ପ୍ରମୁଖ ଗ୍ରାମବାସୀଙ୍କ ଠାରୁ ଅର୍ଥ ଆଦାୟକରି ଉକ୍ତ ପରିବାରକୁ ୧୦ହଜାର ୫ଶହ ୬୪ଟଙ୍କା ପୋଷ୍ଟାଲ ଖାତାରେ ପ୍ରଦାନ କରିଛନ୍ତି ।

# କୋଭିଡର ସ୍ଥିତି ନେଇ ସମୀକ୍ଷା କଲେ ଜୟପୁର ବିଧାୟକ

ଜୟପୁର,୮/୫ (ନି.ପ୍ର): ଜୟପୁର ନିବାଚନ ମଣ୍ଡିଳି ସହ କୋରାପୁଟ ଜିଲା କୋଭିଡ ମହାମାରି ଦ୍ରୁତ ଗତିରେ ବଢୁଛି । କୋରାପୁଟ ଜିଲା ରେ କୋଭିଡର ପରିଚାଳନା ସ୍ଥିତି ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ସମିକ୍ଷା କରିଛନ୍ତି । ଏନେଇ ବିଭିନ୍ନ ଦିଗ ଉପରେ ସମିକ୍ଷା କରିବା ପରେ ରାଜ୍ୟ ସରାକାରଙ୍କ ସହ ଆଲୋଚନା କରିଛନ୍ତି । ବିଧାୟକ ତାରାପ୍ରସାଦ ବାହିନିପତି ଜୟପୁର ସହ କୋରାପୁଟ ଜିଲାର କୋଭିଡ ପରିଚାଳନା ସ୍ଥିତି ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି ଜୟପୁର ବିଧାୟକ ବାହିନିପତି । ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ ଜିଲା ଚିକିତ୍ସାଳୟ ଓ କୋଭିଡ ହସପିଟାଲରେକୁ ୨ ଶହ ଜୁମ୍ବୋ ଟାଇପ ଡି ସିଲିଣ୍ଡର ଯୋଗାଇବାକୁ ଦାବି କରିଛନ୍ତି । କୋଭିଡ ମହାମରୀ ପ୍ରଥମ ଲହରି ଠାରୁ ଦ୍ୱିତିୟ ଲହରି ଅଧିକ ମରାତ୍ମକ ରହିଛି । ଯାହାକି ରୋଗି ଙ୍କ ଫୁସ ଫୁସ ସଂକ୍ରମଣ କରୁଛି । ଜୟପୁର ନିବାଚନ ମଣ୍ଡଳିରେ ରୋଗି ସଂଖ୍ୟା ବଢୁଥିବା ବେଳେ ମାତ୍ର ୭୦ ସିଲିଣ୍ଡର ହିଁ ଅଛି । ତେଣୁ ରୋଗିମାନେ ନାହିଁ ନଥିବା ଅସୁବିଧା ସମ୍ମୁଖିନ ହେଉଛନ୍ତି । ତେଣୁ ତୁରନ୍ତ ୨ ଶହ ଜୁମ୍ବୋ ଟାଇପ ଡି ସିଲିଣ୍ଡର ଯୋଗାଇବା କୁ ଦାବି କରିଛନ୍ତି । ସେହିପରି ଅତିରିକ୍ତ ମୁଖ୍ୟ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଛି ଲେଖି ଜଣାଇଛନ୍ତି ଯେ ଜୟପୁର ଜିଲା ଚିକିତ୍ସାଳୟରେ ସିଟି ସ୍କାନ ମେସିନ ତୁରନ୍ତ ଯୋଗାଇ ଦିଆଯାଉ । ଜୟପୁର ନିବାଚନ ମଣ୍ଡଳିର କୋଭିଡ ଆକ୍ରାନ୍ତ ଙ୍କ ସଂଖ୍ୟା ବଢୁଥିବାରୁ ସିଟି ସ୍କାନ ସହ ଗୋଟିଏ ରେଡିଓ ଲୋଜିଷ୍ଟ ଯୋଗାଇ ଦେବାକୁ ଦାବୀ କରିଛନ୍ତି । ରୋଗି ଗୁରୁତର ହୋଇପଡୁଥିବା ବେଳେ କୋଭିଡ ମହାମିର ଯୋଗୁଁ ବାହାର ଯିବା ସକ୍ଷ୍ୟମ ହେଉ ନାହିଁ । ତେଣୁ ଯୋଗାଇ ଦେବାକୁ ଦାବି ହୋଇଛି । ଏହା ସହ ଜୟପୁର ନିବାଚନ ମଣ୍ଡଳି ସହ କୋରାପୁଟ ଜିଲା କୁ ତୁରନ୍ତ କୋଭିଡ ଟିକା ଯୋଗାଇ ଦିଆଯାଉ । ଟିକା ଅଭାବରୁ ୨୮।୪।୨୧ ତାରିଖରୁ ଟିକା କରଣ ବନ୍ଦ ରହିଛି । ଗତ କାଲି ମାତ୍ର ୨ ହଜାର ଟିକା ଆସିଥିବା ବେଳେ ସହରା ଳ ପାଇଁ ନିଅ ହେଉଥିବା ବେଳେ ଗ୍ରାମାଂଚଳ ରେ ଟିକା କରଣ କରାଯାଇ ପାରୁ ନାହିଁ । ତେଣୁ ତୁରନ୍ତ କୋଭିଡ ଟିକା ପ୍ରଦାନ କରାଯାଇ । ସହରର ଅଧିକା ୩ଟି ଟିକା କରଣ କେନ୍ଦ୍ର କରାଯାଉ । ଜୟପୁର ସହରରେ ୧ ଲକ୍ଷ ଲୋକ ବସବାସ କରୁଥିବା ବେଳେ କେବଳ ୩ଟି ଟିକାକରଣ କେନ୍ଦ୍ର କରାଯାଇଛି । ଏହି ୩ଟି କେନ୍ଦ୍ରରେ ୫ ଶହ ଜଣଙ୍କୁ ହିଁ ଟିକା ଦିଆଯାଇ ପାରୁଛି । ତେଣୁ ଏଭଳି ଚାଲିଲେ ଟିକା କରଣ ମାସ ମାସ ଧରି ଚାଲିବ. ତେଣୁ ଜୟପୁର ସହରରେ ଅଧିକା ୩ଟି ଟିକାକରଣ କେନ୍ଦ୍ର କରିବାକୁ ଉଲ୍ଲେଖ କରିଛନ୍ତି । କୋଭିଡ ମହମାରି ସମୟରେ ଯେ ହେତୁ ଲଙ୍ଗସ ଇନଫେକସନ ବୃଧି ପାଉଛି ତେଣୁ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟ ୨ଟି ପଲମୋନଲଜିଷ୍ଟ ବିଶେଷଜ୍ଞ ନିଯୁକ୍ତି କରିବାକୁ ଦାବୀ କରିଛ ୫ଟି ଚିଠି ସରକରାଙ୍କୁ ଲେଖିଛନ୍ତି ।

# ଲକ୍‌ଡାଉନ ପ୍ରଭାବ : ପିଣ୍ଡାରେ ଚାଲିଛି ଚୁଟିକଟା

ଭୁବନ,୮/୫ (ନି.ପ୍ର): ମହାମାରୀ କରୋନା ଦ୍ୱିତୀୟ ଲହରକୁ ପ୍ରତିହତ କରିବା ସକାଶେ ସରକାର ଚଳିତ ମେ ୫ ରୁ କୁ ମେ ୧୯ ତାରିଖ ପର୍ଯ୍ୟନ୍ତ ଲକଡାଉନ କରିଥିବା ବେଳେ କେବଳ ଅତ୍ୟାବଶ୍ୟକୀୟ ଦୋକାନ ଗୁଡିକୁ ଦିନ ୧୨ ଟା ପର୍ଯ୍ୟନ୍ତ ଖୋଲିବାକୁ ଅନୁମତି ଦେଇଛନ୍ତି । ରବିବାର, ବୁଧବାର ଓ ଶୁକ୍ରବାର ବାରିରେ ଖିଅର ହେବାକୁ ଲୋକମାନେ ନାହିଁ ନଥିବା ହିନସ୍ତା ହେଉଛନ୍ତି । କେତେକ ଲୋକ ଘରେ ନିଜେ ରେଜରରେ ଦାଢି କାଟି ଦେଉଥିବା ବେଳେ ଚୁଟି କାଟିବା ପାଇଁ ବାରିକ(ଭଣ୍ଡାରୀ) ଙ୍କ ଦୁଆରେ ହାଜର ହେଉଛନ୍ତି । ସେଲୁନ ବନ୍ଦଯୋଗୁ ବାରିକ ସମାଜ କ୍ଷତିଗ୍ରସ୍ତ ହେଉଛନ୍ତି । ଏପରିସ୍ଥିତିରେ କୌଳିକ ବୃତିକୁ ଜୀବିକା ଭାବେ ଗ୍ରହଣ କରି ପରିବାର ପ୍ରତିପୋଷଣ କରୁଥିବା ବାରିକ ମାନେ ସବୁଠାରୁ ବେଶି ହଇରାଣ ହରକତ ଓ ଅଭାବ ମଧ୍ୟରେ ରହୁଛନ୍ତି । ସେଲୁନ ବନ୍ଦ ଯୋଗୁ ଗରାଖ ମାନେ ଅନ୍ୟଉପାୟ ନପାଇ ବାରିକ ଦୁଆରେ ପହଁଚୁଥିବା ଯୋଗୁ କେତେବେଳେ ଘର ପିଣ୍ଡାରେ ତ କେତେବେଳେ ଗଛ ମୂଳରେ ଲୋକଙ୍କୁ ବାରିକ ଖିଅର କରୁଥିବା ଦେଖିବାକୁ ମିଳୁଛି । ୨୦/୩୦ ବର୍ଷ ପୂର୍ବେ ଯେଉଳି ବାରିକ(ଭଣ୍ଡାରୀ) ମାନେ ସେମାନଙ୍କ ସାଆନ୍ତ ଙ୍କ ଘରଘର ବୁଲି ଖିଅର କରୁଥିଲେ ଏବେ ଲକଡାଉନ ଯୋଗୁ ଅନେକ ବାରିକ ମୁଠି (କ୍ଷୁର,କଇଁଚି ଥିବା ବାକ୍ସ) ଧରି ଘରକୁ ଘର ବୁଲି ଖିଅର କରୁଛନ୍ତି । ଏହାକୁ ମୋବାଇଲ ସେଲୁନ କୁହାଯାଉଛି । ସେଲୁନ ଦୋକାନରେ ରବିବାର,ବୁଧବାର ବାରିରେ ଦିନକୁ ହାରାହାରି ୧ ହଜାର ରୁ ୧୫୦୦ ଟଙ୍କା ରୋଜଗାର ହେଉଥିବା ବେଳେ ଏବେ ସର୍ବାଧିକ ୨୦୦ ରୁ ୩୦୦ ଟଙ୍କା ରୋଜଗାର ହେଉଛି ବୋଲି କେତେକ ବାରିକ ପ୍ରକାଶ କରୁଛନ୍ତି । ସରକାର ନିର୍ମାଣ ଶ୍ରମିକ, କଳାକାର ମାନଙ୍କୁ ଯେଉଁଭଳି ଭତା ଓ ପ୍ରୋତ୍ସାହନ ରାଶି ଦେଉଛନ୍ତି ଆମ୍ଭଭଳି କୌଳିକ ବୃତିକୁ ପେସା କରି ଚଳୁଥିବା ବାରିକ ମାନଙ୍କୁ ସେଇଭଳି ଭତା /ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବାକୁ ଭୁବନ ବାରିକ ସମାଜ ତରଫରୁ ନିବେଦନ କରାଯାଇଛି ।

# କରୋନା ବେଳେ ନବରଙ୍ଗପୁରରେ ବେନିୟମଭାବେ ୧୪୦ ପ୍ରାଥମିକ ଶିକ୍ଷକଙ୍କର ବଦଳି

## ରାଜ୍ୟ ସରକାରଙ୍କର ନିର୍ଦ୍ଦେଶକୁ ଡିଇଓଙ୍କର ବେଖାତିର ଅଭିଯୋଗ

ନବରଙ୍ଗପୁର,୮/୫ (ନି.ପ୍ର): ରାଜ୍ୟସରକାରଙ୍କର ନିର୍ଦ୍ଦେଶକୁ ଅବମାନନା କରି ନବରଙ୍ଗପୁର ଜିଲା ଶିକ୍ଷାବିଭାଗ ପକ୍ଷରୁ ଅତିତରବରିଆ ଭାବେ ଗତ ୪ ତାରିଖରେ ଜିଲାର ୧୪୦ଜଣ ପ୍ରାଥମିକ ଶିକ୍ଷକଙ୍କର ବଦଳି କରିଥିବାନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବଦଳି ଗତ ୨୦୧୮ ମସିହାର ଶିକ୍ଷକ ବଦଳୀ ନୀତିକୁ ଆଧାରରେ ଶିକ୍ଷକ ବଦଳି କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୂତନ ବଦଳିନୀତି -୨୦୨୧ର ବିଜ୍ଞାପନ ପ୍ରକାଶ ନହେଉଣୁ କିଭଳି ବଦଳି କରାଗଲା ତାହାକୁ ନେଇ ଜିଲା ଶିକ୍ଷା ଅଧିକାରୀଙ୍କର ଭୂମିକା ସନ୍ଦେହ ଘେରକୁ ଆଣିଛି । ତେବେ ଏହି ବଦଳି ବେନିୟମ ଭାବରେ କରାଯାଇ ମୋଟା ଅଙ୍କର କାରବାର କରାଯାଇଥିବା ଅଭିଯୋଗ ହୋଇଛି । ଜିଲା ଶିକ୍ଷା ଅଧିକାରୀଙ୍କର କାର୍ଯ୍ୟାଳୟର ଜଣେ କର୍ମଚାରୀ ମାଧ୍ୟମରେ ଏହି ଟଙ୍କା ଅଦାୟ କରାଯାଇଥିବା କୁହାଯାଉଛି । ଜିଲାରେ ମହାମାରୀ କରୋନା ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ କେତେକ ଶିକ୍ଷକ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ବହୁ ଶିକ୍ଷକ ଚାଉଳ, ପୋଷାକ, ପାଠ୍ୟପୁସ୍ତକ ବଂଟନ ଓ କରୋନା ରୋଗୀ ଚିହ୍ନଟ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ନବରଙ୍ଗପୁରରେ କରୋନା ମହାମାରୀ ହୁହୁହୋଇ ବଢୁଥିବାବେଳେ ଏହି ଅସମୟରେ ଶିକ୍ଷକ ବଦଳି ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବ୍ଲକ ଓ ଆନ୍ତଃବ୍ଲକ ମଧ୍ୟରେ ୧୪୦ଜଣ ଶିକ୍ଷକଙ୍କର ବଦଳି କରାଯାଇଥିବାବେଳେ ଏହିବଦଳି ବେନିୟମଭାବେ କରାଯାଇଥିବା ଜଣାପଡିଛି । ଅଧିକାଂଶ ବ୍ଲକ ଶିକ୍ଷା ଅଧିକାରୀଙ୍କର ଅଜାଣତ ବଦଳି କରାଯାଇଥିବା କୁହାଯାଉଛି । ଅନ୍ୟପକ୍ଷରେ ଗତ ୪ ତାରିଖରେ ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା-୯୨୨୬,ତା ୪/୫/୨୦୨୧ ପ୍ରକାରେ ନୂତନ ଶିକ୍ଷକ ବଦଳିନୀତି ଅନୁମୋଦନ କରିଥିବାବେଳେ ଶିକ୍ଷକ ଶିକ୍ଷୟତ୍ରୀମାନେ ଚଳିତ ମେ' ମାସ ୩୧ ସୁଦ୍ଧା ନିର୍ଦ୍ଧାରିତ ପୋର୍ଟାଲରେ ବଦଳି ପାଇଁ ଆବେଦନପତ୍ର ଦାଖଲ କରିବାକୁ କୁହାଯାଇଛି । ବ୍ଲକ ଶିକ୍ଷା ଅଧିକାର ମାନେ ଜୁନ ୧୫ ସୁଦ୍ଧା ସେଗୁଡି ଯାଂଚ କରି ଅପଲୋଡ କରିବେ ।

# କୋରାପୁଟ ଜିଲ୍ଲାରେ ୧୮୨ କୋରନା ପଜିଟିଭ

ଜୟପୁର,୮/୫ (ନି.ପ୍ର): କୋରାପୁଟ ଜିଲାରେ ଗତ ୨୪ ଘଂଟାରେ ୧୮୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେଥି ମଧ୍ୟରୁ ଜୟପୁରରେ ୪୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଜିଲାରେ କେହି ମୃତ୍ୟୁ ବରଣ କରିନଥିବା ବେଳେ କରୋନା ରେ ଆକ୍ରାନ୍ତ ହୋଇଥିବା ୫୨ ଜଣ ସୁସ୍ଥ ହୋଇଥିବା ଜଣାଯାଇଛି । ଏହା ସହ ୧୦୫୮ ଜଣ କୋରନା ରୋଗୀ ଆଜି ସକ୍ରିୟ ଥିବା ଜିଲା ପ୍ରଶାସନ ସୁତ୍ରରୁ ସୁଚନା ମିଳିଛି । ୧ ହଜାରରୁ ଅଧିକ କରୋନା ରୋଗି ସକ୍ରିୟ ଥିବାରୁ କୋରାପୁଟ ଜିଲା ଆଜି ରେଡ ଜୋନରେ ରହିଛି । ଜୟପୁର ସହରର ୪୭ ପଟିଟିଭ ମଧ୍ୟରୁ ଲିଙ୍ଗରାଜ ନଗର, ଫୁଲବାଡ, ମେନ ରୋଡ, ଦାସ ସାହି, କେଲା ନଗର, ପ୍ରସାଦରାଓ ପେଟା, ରେଲୱେ କଲୋନି, ପାଓାର ହାଉସ, ପାରାବେଢା, ଡଙ୍ଗାଗୁଡା, ସୁର୍ଯ୍ୟମହଲ, ତାରିଣି ଛକ, ନେହେରୁ ନଗର, ବ୍ୟାଙ୍କ କୋଲନି, ବାବୁ ସୁନାରି କୋଲନିରେ ଚିହ୍ନଟ ହୋଇଥିବା ପ୍ରଶାସନ ସୁତ୍ରରୁ ସୁଚନା ଦିଆଯାଇଛି ।

# ବିକ୍ରି ସମୟରେ ୮ କିଲୋ ଓଜନର ବଜ୍ରକାପ୍ତା ଉଦ୍ଧାର : ଅଭିଯୁକ୍ତ ଗିରଫ

ବାରିପଦା,୮/୫ (ନି.ପ୍ର): ବିକ୍ରି ସମୟରେ ୮ କିଲୋ ଓଜନର ବଜ୍ରକାପ୍ତା ଉଦ୍ଧାର । ମୟୂରଭଞ୍ଜ ଏସ୍‌ପି ସ୍ମିଥ୍ ପି ପରମାରଙ୍କ ନିର୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଦଳ ମେ ୬ ବିଳମ୍ବିତ ରାତିରେ ବାଙ୍ଗିରିପୋଷି ଥାନା ନିର୍ଶିନ୍ତା ପଂଚାୟତର ଗୋହିରାପାଳ ଗ୍ରାମର ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ଏକ ୮ କିଲୋ ଓଜନର ବଜ୍ରକାପ୍ତା ଉଦ୍ଧାର ହୋଇଛି । ଏହି ଘଟଣାରେ ସଂପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ଯୁବକ ଜଣକ ବାଙ୍ଗିରିପୋଷି ଥାନା ଗୋହିରାପାଳ ଗ୍ରାମର ହେଲେ ସିଂଘୁ ବାସ୍କେ (୪୦) । ଅନ୍ତଃରାଜ୍ୟ ରାକେଟ ଥିବା ପୋଲିସ ପକ୍ଷରୁ ସୂଚନା । ଏଥିସହିତ ବାଙ୍ଗିରିପୋଷି ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ କରିଛି ବୋଲି ପୁଲିସ ଡ଼ିଏସପି ପ୍ରଭାସ ଚନ୍ଦ୍ର ପାଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

email : rabibarachayan2015@gmail.com

ବାଲେଶ୍ୱର
ରବିବାର, ୯ ମଇ, ୨୦୨୧


## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ - ୨୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏହିପରି କେତେଦିନ ରହିଲା ପରେ ହାତୀ କ୍ଳାନ୍ତହୋଇ ତୁନି ହୋଇ ରହିଯାଏ । ତପ୍ପରେ ଗୋଡ଼ରୁ ଦଉଡ଼ି ଫିଟାହୁଏ ଓ ଦୁଇଗୋଟି ହାତୀକୁ ତାହାର ଉଭୟ ପାର୍ଶ୍ୱରେ ରଖି ଗାଧୋଇବା ସକାଶେ ନଦୀ ବା ପୋଖରୀକୁ ନିଆହୁଏ । କଞ୍ଚା ବାଉଁଶର ଅଗ ପିଟିଦେଇ ଛାଞ୍ଚୁଣୀ ପ୍ରସ୍ତୁତ କରି ହାତୀର ପିଠିରେ ବାରମ୍ବାର ଘର୍ଷଣ ଦ୍ୱାରା ତାହାର କୁତୁକୁତୁ ନିବାରଣ କରାହୁଏ । ପୋଷାହାତୀ ସାହାଯ୍ୟରେ ତାକୁ ପୋଷା ମନାହୁଏ ଓ କ୍ରମେ କ୍ରମେ ପରାକ୍ରାନ୍ତ ଜଙ୍ଗଲହାତୀ ମନୁଷ୍ୟର ବଶୀଭୂତ ହୋଇଯାଏ ।

ମୁଁ ଅନୁଗୁଳରେ ପହଞ୍ଚିବା ପୂର୍ବେ ଛଅଘର ହାତୀ ଧରାହୋଇଥିଲା । ଡେପୁଟି କମିଶନରଙ୍କ ଆଦେଶ ପ୍ରାପ୍ତ ହୋଇ ମୁଁ ଖେଦା ଅଫିସର ବଏଡ଼ (Boyd) ସାହେବଙ୍କ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ତା. ୨.୧୨.୧୯୧୧ରିଖରେ ପୁରୁଣାକୋଟ ଯାତ୍ରାକଲି । ତା. ୧୨.୧୨.୧୯୧୧ରିଖ ଦିନ ଦିଲ୍ଲୀରେ ଦରବାର ହୋଇଥିଲା ଓ ତହିଁରେ ସମ୍ରାଟ ପଞ୍ଚମ ଜର୍ଜ ଭାରତବର୍ଷକୁ ଆସି ସେହିଦିନ ସ୍ୱୀୟ ଅଭିଷେକ କ୍ରିୟା ସମ୍ପାଦନ କରିଥିଲେ । ସେହିଦିନ ସମ୍ରାଟଙ୍କ ଘୋଷଣାରେ ୧୯୦୫ ମସିହାରେ ବଙ୍ଗ ପ୍ରଦେଶରୁ ବିଚ୍ଛିନ୍ନ ହୋଇଥିବା ପୂର୍ବାଂଶ, ବଙ୍ଗାଳୀମାନଙ୍କ ତୀବ୍ର ଆନ୍ଦୋଳନ ଫଳରେ ନବଗଠିତ ପୂର୍ବବଙ୍ଗ ଓ ଆସାମ ପ୍ରଦେଶରୁ ପୁନର୍ବାର ବିଚ୍ଛିନ୍ନ ହୋଇ ପୁଣି ପୂର୍ବପରି ଏକତ୍ରିତ ବଙ୍ଗ ପ୍ରଦେଶରେ ମିଳିତ ହେଲା ଓ ବଙ୍ଗ ପ୍ରଦେଶରୁ ବିଚ୍ଛିନ୍ନ ହୋଇ ବିହାର ଓ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇଥିଲା । ସର୍ବାପେକ୍ଷା ଯେଉଁ ବଡ଼ ଦନ୍ତା ହାତୀଟି ଧରାହୋଇଥିଲା ତାହାର ନାମ ରଖାହେଲା 'ସମ୍ରାଟ ବାହାଦୂର' ।

ଦିଲ୍ଲୀରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ଯେଉଁ ସାଡ଼ମ୍ବର ଅଭିଷେକୋତ୍ସବ ସମ୍ପାଦିତ ହୋଇଥିଲା ତହିଁରୁ ଛବିମାନ କଲିକତାର ସମ୍ବାଦପତ୍ର ଷ୍ଟେଟସ୍‌ମେନ୍‌ରେ ପ୍ରକାଶିତ ହୋଇଥିଲା । ତହିଁ ସଙ୍ଗେ ବମ୍ବେ ବନ୍ଦରରେ ସମ୍ରାଟଙ୍କ ଜାହାଜରୁ ଓହ୍ଲାଇବା ଦୃଶ୍ୟର ଛବି ମଧ ବାହାରିଥିଲା । ମଖମଲ ଓ ବହୁମୂଲ୍ୟ ରେଶମ ବସ୍ତ୍ରାବୃତ ଯେଉଁ ସୋପାନଶ୍ରେଣୀ ଦେଇ ସମ୍ରାଟ ଜାହାଜରୁ ଅବତରଣ କରିଥିଲେ ସେହି ବସ୍ତୁଗୁଡ଼ିକର ବର୍ଣ୍ଣନା ପାଠକରି ଅନୁଗୁଳ ସବ୍‌ଡିଭିଜନାଲ୍ ଅଫିସର ପ୍ରାଇସ୍ ସାହେବ (J.H. Price) ସ୍ୱର୍ଦ୍ଧାବିହ୍ୱଳିତ ହୋଇ ବ୍ରିଟିଶ୍ ସିଂହାସନ ତଥା ରାଜାଙ୍କ ମାହାତ୍ମ୍ୟ କୀର୍ତ୍ତନ କରିବାକୁ ଲାଗିଲେ । ସେହିଠାରେ ମୁଁ କହିଥିଲି, "ଏହା ତ ସମଗ୍ର ପୃଥିବୀବ୍ୟାପୀ ରାଜ୍ୟ ସମୂହର ସମ୍ରାଟଙ୍କ କଥା । ତାହାଙ୍କ ଅବତରଣ ପଥରେ ସାମାନ୍ୟ ବସ୍ତ୍ରଖଣ୍ଡ ମାତ୍ର ବିସ୍ତୃତ ହୋଇଥିଲା । ଭାରତବର୍ଷର ମଧ୍ୟସ୍ଥ ଏକ କ୍ଷୁଦ୍ର ରାଜ୍ୟର ରାଜା ଲଙ୍କା ବିଜୟରୁ ଫେରି ସ୍ୱରାଜଧାନୀ ଅଯୋଧା ଉପକଣ୍ଠରେ ପୁଷ୍ପକ ବିମାନରୁ ଯେଉଁ ସୋପାନଶ୍ରେଣୀ ଦେଇ ଅବତରଣ କରିଥିଲେ ତାହା ବହୁମୂଲ୍ୟ ମଣିମୁକ୍ତାରେ ଖଚିତ ହୋଇଥିବା ବର୍ଣ୍ଣନା ଅଛି । ଏହା କହି କାଳିଦାସଙ୍କ ରଘୁବଂଶର ନିମ୍ନଲିଖିତ ଶ୍ଲୋକର ସାରାଂଶ ଲୋକମଣ୍ଡଳୀରେ ଉପସ୍ଥିତ ପ୍ରାଇସ୍ ସାହେବଙ୍କୁ ବୁଝାଇ ଦେଇଥିଲେ-

ତସ୍ମାତ୍ ପୁରଃସର ବିଭୀଷଣ ଦର୍ଶିତେନ
ସେବା ବିଚକ୍ଷଣ ହରୀଶ୍ୱର ଦତ୍ତହସ୍ତଃ
ଯାନାଦବାତରତଦୂରମହୀତଳେନ
ମାର୍ଗେଣ ଭଙ୍ଗିରଚିତସ୍ଫଟିକେନ ରାମଃ ।

ଅର୍ଥ- ରାମ ସେବାକାର୍ଯ୍ୟରେ ବିଚକ୍ଷଣ ସୁଗ୍ରୀବଙ୍କ ହସ୍ତଧରି ବିଭୀଷଣ ପ୍ରଦର୍ଶିତ ଭୂତଳ ସମୀପସ୍ଥ ସ୍ଫଟିକାଦି ଦ୍ୱାରା ନାନା ଭଙ୍ଗିରେ ବିରଚିତ ସୋପାନ ଶ୍ରେଣୀଦ୍ୱାରା ବିମାନରୁ ଅବତରଣ କଲେ । ସାହେବ ଓ ଅନ୍ୟ ସମସ୍ତେ ବାହାବା କରିବାକୁ ଲାଗିଲେ ।

ପୁରୁଣାକୋଟା ଅତ୍ୟନ୍ତ ମ୍ୟାଲେରିଆଗ୍ରସ୍ତ ଗୋଟିଏ ଗ୍ରାମ । ଚତୁର୍ଦ୍ଦିଗରେ ନିବିଡ଼ ଅରଣ୍ୟ ଓ ପର୍ବତଶ୍ରେଣୀ । ଏଠାରୁ ମହାନଦୀ ଛଅ ମାଇଲ ଦୂରରେ । ସ୍ଥାନେ ସ୍ଥାନେ ଜଙ୍ଗଲ ମଧ୍ୟରେ ଗୋଟିଏ ଗୋଟିଏ ଗ୍ରାମ । ବାଘ ଓ ହାତୀର ଉପଦ୍ରବ ଭୀଷଣ । ଏହି ସମୟରେ ସାନକଟରଙ୍ଗ ଓ ବଡ଼କଟରଙ୍ଗ ନାମକ ଦୁଇଗୋଟି ଗ୍ରାମ ବାଘର ଉପଦ୍ରବରେ ଜନଶୂନ୍ୟ ହୋଇଯାଇଥିଲା । ପୁରୁଣାକୋଟରେ ଥାନା, ଡାକ୍ତରଖାନା ଓ ଜଙ୍ଗଲ ରେଞ୍ଜ ଅଫିସ । ନୂତନ ଧରାହୋଇଥିବା ହାତୀମାନଙ୍କ ଯତ୍ନ ଓ ତତ୍ତ୍ୱାବଧାନ ସକାଶେ ପୁରୁଣାକୋଟରେ ମୋତେ ପନ୍ଦର ଦିନ କାଳ ରହିବାକୁ ହୋଇଥିଲା । ଯେଉଁଦିନ ଅନୁଗୁଳକୁ ଫେରିଆସିଲି ତହିଁ ପରଦିନ ଭୀଷଣ ଜ୍ୱର ଆକ୍ରମଣ କଲା ଓ ଏହି ଜ୍ୱର ମୋତେ ମଧ୍ୟରେ ମଧ୍ୟରେ ବିରାମ ସହ ପ୍ରାୟ ଛଅମାସ କାଳ ଭୋଗିବାକୁ ହୋଇଥିଲା ।

ବର୍ତ୍ତମାନ ପୂର୍ବକାଳର ଜଙ୍ଗଲ ଆଉ ନାହିଁ । କାଗଜ ଉତ୍ପାଦନ ସକାଶେ ବ୍ୟବସାୟୀମାନେ ବହୁପରିମାଣରେ ବାଉଁଶ କାଟିନେଇ ଯାଇଅଛନ୍ତି । ଅନେକ ବର୍ଷ ହେଲା ହାତୀ ଧରା ବନ୍ଦ ହୋଇଯାଇଅଛି । ଅନୁଗୁଳରେ ଯେଉଁ ତିନିବର୍ଷ ମୁଁ ରହିଥିଲି, ପ୍ରତିବର୍ଷ ମୋତେ ହାତୀଧରା ସମୟରେ ପୁରୁଣାକୋଟକୁ ଯିବାକୁ ହେଉଥିଲା ।

ସେହି ସମୟରେ ଅନୁଗୁଳ ଜିଲ୍ଲା ଦୁଇ ସବ୍‌ଡିଭିଜନ୍‌ରେ ବିଭକ୍ତ ହୋଇଥିଲା- ସଦର ଓ କନ୍ଧମାଳ ସଦର ସବ୍‌ଡିଭିଜନ ହିଁ ପ୍ରକୃତ ଅନୁଗୁଳ । ଇଂରେଜ ଶାସନ ପୂର୍ବେ ଏହା ହିଁ ଅନୁଗୁଳ ରାଜାଙ୍କ ରାଜ୍ୟ ଥିଲା । କନ୍ଧମାଳ ଅନୁଗୁଳଠାରୁ ପ୍ରାୟ ୮୦ ମାଇଲ ଦୂରରେ । ଅନୁଗୁଳ ଓ କନ୍ଧମାଳ ମଧ୍ୟରେ ବୌଦ ଓ ଦଶପଲ୍ଲା ଦେଶୀୟ ରାଜ୍ୟ । ପୂର୍ବେ କନ୍ଧମାଳ ବୌଦ ରାଜ୍ୟର ଅନ୍ତର୍ଗତ ଥିଲା । କନ୍ଧମାଳ ଆଜିଯାଏ ହଳଦୀ ଚାଷ ସକାଶେ ପ୍ରସିଦ୍ଧ । ମନୁଷ୍ୟ ରକ୍ତ ଲାଗିଲେ ହଳଦୀର ରଙ୍ଗ ହେବ ବୋଲି କନ୍ଧମାନେ ପୂର୍ବେ ହଳଦୀବାଡ଼ିରେ ନରବଳି ଦେଉଥିଲେ । ଏହି ନୃଶଂସ ପ୍ରଥା ନିବାରଣ କରିବାରେ ଅସମର୍ଥ ହୋଇ ବୌଦ ରାଜ୍ୟର ରାଜା ଇଂରେଜ ସରକାରଙ୍କ ହସ୍ତରେ କନ୍ଧମାଳକୁ ଅର୍ପଣ କରିଦେଇଥିଲେ । ଇଂରେଜ ଶାସନର ଅଳ୍ପଦିନ ମଧ୍ୟରେ ନରବଳି ପ୍ରଥା ରହିତ ହେଲା ଓ କନ୍ଧମାନଙ୍କୁ ଉନ୍ନତ କରିବାରେ ନାନା ଉପାୟ ଅବଲମ୍ବନ କରି ସେମାନଙ୍କ ମାନସିକ ଓ ଆର୍ଥିକ ଅବସ୍ଥାର ଯଥେଷ୍ଟ ପରିବର୍ତ୍ତନ କରାହେଲା । ୧୯୩୬ ମସିହାରେ ବିହାର ଓଡ଼ିଶା ପ୍ରଦେଶରୁ ଓଡ଼ିଶା ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ସମୟରେ ଅନୁଗୁଳ ଜିଲ୍ଲାକୁ ଭାଙ୍ଗି ଦିଆହେଲା । ସଦର ସବ୍‌ଡିଭିଜନକୁ କଟକ ଜିଲ୍ଲା ଓ କନ୍ଧମାଳକୁ ଗଞ୍ଜାମ ସହିତ ମିଳିତ କରାହେଲା ଏବଂ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ଭାରତବର୍ଷ ସ୍ୱାଧୀନ ହେଲାପରେ, ୧୯୪୮ ମସିହା ଜାନୁଆରୀ ଏକ ତାରିଖରେ, ଗଡ଼ଜାତ ରାଜ୍ୟମାନଙ୍କ ସ୍ୱାତନ୍ତ୍ର୍ୟ ଲୁପ୍ତ ଓ ଭାରତ ସରକାରଙ୍କ ଶାସନାଧୀନ ହୋଇ ଭିନ୍ନ ଭିନ୍ନ ରାଜ୍ୟମାନଙ୍କ ମଧ୍ୟରୁ କେତେକ ସ୍ୱତନ୍ତ୍ର ଜିଲ୍ଲାରେ ପରିଣତ ହେବାଯୋଗୁଁ, ଅନୁଗୁଳ ଢେଙ୍କାନାଳ ଜିଲ୍ଲାର ଓ କନ୍ଧମାଳ ବୌଦ-ଫୁଲବାଣୀ ଜିଲ୍ଲାର ଏକ ଏକ ସବ୍‌ଡିଭିଜନ୍ ହୋଇ ରହିଛି ।

ସେହି ସମୟରେ ଅନୁଗୁଳରେ ପ୍ରଜାଙ୍କ ଅବସ୍ଥା ସେତେ ସ୍ୱଚ୍ଛଳ ନଥିଲା । ଧନୀବୋଲି କେହି ନଥିଲେ । କେବଳ ଜମି ଚାଷ ଲୋକଙ୍କ ଜୀବନ ନିର୍ବାହର ଏକମାତ୍ର ଅବଲମ୍ବନ ଥିଲା । ସମସ୍ତେ ସ୍ୱାବଲମ୍ବୀ ଥିଲେ । ସମସ୍ତେ କପାଚାଷ କରୁଥିଲେ ଓ ସୂତାକାଟି ତହିଁରୁ ଲୁଗା ପିନ୍ଧୁଥିଲେ । ଅନୁଗୁଳ ଟାଉନରେ କେବଳ ତିନି ଚାରୋଟି ଓ ଅନୁଗୁଳରୁ ୩୧ ମାଇଲ ଦୂରବର୍ତ୍ତୀ ବାଗଡ଼ିଆ ଗ୍ରାମରେ ଗୋଟିଏ ମାରୱାଡ଼ି ଦୋକାନ ଥିଲା । ତହିଁରେ ବିଲାତି ଓ ଦେଶୀୟ କଳ ଲୁଗା ମିଳୁଥିଲା । କିନ୍ତୁ ଏହି ଲୁଗାର ବ୍ୟବହାର ପ୍ରାୟ ନଥିଲା । ମହାତ୍ମାଗାନ୍ଧୀ ଖଦଡ଼ ଲୁଗା ବ୍ୟବହାର ମନ୍ତ୍ର ପ୍ରଚାର କରିବା ବହୁଦିନ ପୂର୍ବେ ଅନୁଗୁଳବାସୀ ବଂଶ ପରମ୍ପରା କ୍ରମେ ଖଦଡ଼ ବ୍ୟବହାର କରୁଥିଲେ । ଏଠାରେ ପ୍ରଥା ଏପରି ଥିଲା ଯେ ଚାଷୀ ନିଜର କ୍ଷେତ୍ରରେ କପା କରିବ ଓ ନିଜେ କପାଖାଇରେ ଖୁଆଇ ଯେଉଁ ପରିଷ୍କାର ତୂଳା ବାହାର କରିବ, ତାହା ଯୋଗୀଆଣୀଙ୍କୁ ଦେବ; ଯୋଗୀଆଣୀ ଅରଟରେ ସୂତାକାଟିବା ଓ ସେରେ କପା ନେଇ ତିନି ପା ସୂତା ଦେବ; ଏହି ସୂତା ପାଣକୁ ଦିଆହେବ ଓ ସେ ଲୁଗା ବୁଣି ଅଧସେର ଓଜନର ଲୁଗା ଦେବ । ଲୁଗାରେ ପଇସା ଖର୍ଚ୍ଚ ଆଦୌ ନଥାଏ । ଦୁଃଖର ବିଷୟ ସ୍ୱଦେଶୀ ଆନ୍ଦୋଳନ ଫଳରେ ଅନ୍ୟ ସ୍ଥାନରେ ଯେଉଁ ପରିମାଣରେ ଖଦଡ଼ର ବ୍ୟବହାର ବୃଦ୍ଧି ହୋଇଅଛି, ଅନୁଗୁଳରେ କପାଚାଷ କ୍ରମେ କ୍ରମେ ଊଣାହୋଇ ବର୍ତ୍ତମାନ ଲୁପ୍ତ ହୋଇଅଛି । ମୁଁ ୧୯୩୦ ସାଲରେ ସମ୍ବଲପୁରରେ ମୋ ଜମିରେ କପାଚାଷ ଆରମ୍ଭ କରିବା ସମୟରେ ଅନୁଗୁଳରେ କପାମଞ୍ଜି ଖୋଜିଥିଲି, ମିଳିଲା ନାହିଁ ।

(କ୍ରମଶଃ)



## ଡାଏରୀ -୭୩



ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗାଧାଡ଼ିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

## ॥ ବନ୍ଦ ଲଫାପାର ମୁହଁ ॥

ଲେବର୍ ରୁମ୍‌ରେ ଚାନ୍ଦର ପ୍ରସବକାଳୀନ ଯନ୍ତ୍ରଣା/ ଚିତ୍କାର ଚହଲାଇ ଦେଉଥିଲା ରଜନୀ ଦାଶଙ୍କୁ । ଅସହାୟ ଭାବରେ ଝିଅ (୫ବର୍ଷ)କୁ ଧରି ଛିଡ଼ା ହୋଇଥିଲା ଆଶଂକିତ ପିତୃତ୍ୱକୁ ନେଇ, ଯେହେତୁ ରଜନୀ ଦାଶର ବାପା ହାସ୍‌ପାତାଳଟିର ପୁରୁଣା ଓ ପ୍ରଭାବଶାଳୀ କର୍ମଚାରୀ ଥିଲେ ସବୁ କଥା ହେଇଯାଉଥିଲା ସୁରୁଖୁରୁରେ । ରଜନୀ ଦାଶର କିଛି କହିବାର ନଥିଲା । ଝିଅକୁ ଧରି ସ୍କୁଟର ଛୁଟାଇଦେଲା ଅନିର୍ଦ୍ଦିଷ୍ଟ ଭାବରେ । ଚାନ୍ଦର ଯଂତ୍ରଣାକୁ ସାମ୍ନା କରିବାର ଧୈର୍ଯ୍ୟ ତା'ର ନଥିଲା । ଓ.ୟୁ.ଟି ଛକ ପାରି ହେଲା ପରେ ରାସ୍ତାକଡ଼ରେ ଗୋଟାଏ ଗଳି । ଗଳିର ଟିକେ ଆଗକୁ ଗଲେ ଗୋଟେ ଏକତାଲାର କୋଠା, ହଳଦିଆ ରଙ୍ଗର । ଏବେବି ସବୁ ଠିକ୍‌ଠାକ୍ ସେମିତି । କୋଠାଟିର ରଙ୍ଗଛାଡ଼ି ଯାଇଛି । ଛୋଟ ଲୁହାର ଗେଟ୍ ।

ଗେଟ୍ ସାମ୍ନାରେ ସ୍କୁଟର ଅଟକାଗଲା ରଜନୀ ଦାଶ ଗୋଟାଏ ଆବେଗରେ କଲିଂବେଲ୍ ଚିପିଲା । ଜଣେ ବୟସ୍କା ମହିଳା କବାଟ ଖୋଲିଲେ । ପ୍ରଣାମ କଲା ରଜନୀ ଦାଶ । ମହିଳା ଜଣକ କହିଲେ, "ରଜନୀ ନା ତମେ ?"

ଆଶ୍ଚର୍ଯ୍ୟ ହେଲା ରଜନୀ ଦାଶ । ଏତେବର୍ଷ ପରେ ବି' ମହିଳା ମନେରଖିଛନ୍ତି ତାକୁ । ଥରୁଟିଏ ଆସିଥିଲା ଏ ଘରକୁ । ଝିଅ ଦେଖିବା ପାଇଁ । ମହିଳାଙ୍କ ବଡ଼ଝିଅ । ପ୍ରସ୍ତାବ ପକାଇଥିଲା ବଂଧୁ ତ୍ରିଲୋଚନର ସାନଭଉଣୀ ବାସନ୍ତୀ । ବାସନ୍ତୀ ମହିଳାଙ୍କ ସାନଝିଅ ଭାବିର ସାଙ୍ଗ । ଦୁହେଁ ଆଇ.ଏ. ଶ୍ରେଣୀରେ ପାଠ ପଢୁଥିଲେ, ଯଦିଓ ରଜନୀ ଦାଶର ଏ ପ୍ରସ୍ତାବରେ ଇଚ୍ଛା ନଥିଲା ବାସନ୍ତୀର ବାଧବାଧକତାରେ ସେ ଆସିଥିଲା । ଝିଅଟି ଟି.ଆର.ଡବ୍ଲ୍ୟୁ ସ୍କୁଲରେ ଶିକ୍ଷକତା କରୁଥିଲା ।

ତେବେ ପ୍ରସ୍ତାବଟିର ସେଇଠି ପୂର୍ଣ୍ଣଚ୍ଛେଦ ପଡ଼ିଲା ଯୋଉଦିନ ଭାବି (ଝିଅର ସାନଭଉଣୀ) ବାସନ୍ତୀ ଘରକୁ ଆସି ରଜନୀ ଦାଶକୁ ଭେଟିଲା । ହାଲ୍‌କା ରଂଗର ଚେହେରା, କଥା କହିଲେ ସଂଭ୍ରମତାର ଛାପ, ବେଶଭୂଷା ବେଶ୍ ସାଧାସିଧା, ସାଙ୍ଗର ଭଉଣୀର ସାଙ୍ଗ ହିସାବରେ ରଜନୀ ଦାଶକୁ ମାନ୍ୟ ଜଣାଇଲା ଓ କହିଲା "ଭାଇ ! ଆପଣ ଅପାକୁ ବାହାହେଲେ ଖୁସି ହୋଇ ପାରିବେନି ।"

ଆଶ୍ଚର୍ଯ୍ୟରେ ଭାବି ମୁହଁକୁ ଚାହିଁଲା ରଜନୀ ଦାଶ । "ଅପା ଗୋଟିଏ ପୁଅକୁ ଭଲ ପାଉଛି । ଘରେ ରାଜି ନାହାନ୍ତି । ତେଣୁ ସେମାନେ ବାଧ କରୁଛନ୍ତି ଅନ୍ୟ ଜାଗାରେ ବାହା କରିଦେବା ପାଇଁ । ତମ ଭଳି ଭଲ ପିଲାଙ୍କ ଜୀବନ ନଷ୍ଟ ହେବା ମୁଁ ଚାହୁଁନି ।" ଗୋଟାଏ ନିଶ୍ୱାସରେ ଭାବି କହିଲା ଏତେ କଥା । ଝିଅଟା ଖୁବ୍ ଭଲ ଲାଗିଲା ସେଦିନ । ସ୍ପଷ୍ଟବାଦିନୀ, କିଛିଦିନ ପରେ ବାସନ୍ତୀ ହାତରେ ଗୋଟାଏ ଚିଠି । ଚିଠି ନୁହେଁ ଭିନ୍ନ ଭିନ୍ନ ଭଙ୍ଗୀରେ ସଜ୍ଜା ହୋଇଥିବା ଅକ୍ଷରମାନଙ୍କର ଛୋଟ ମନ୍ଦିରଟିଏ । ଆନ୍ତରିକତା ଓ ଭଲ ପାଇବାର ସରଳ ତରଳ ଭାବାବେଗରେ ଉଚ୍ଛୁଳା ଝରଣାଟିଏ ପରି ମନେ ହେଉଥିଲା ଚିଠିଟି ।

ବାରମ୍ବାର ଚିଠିକୁ ପଢୁଥିଲା ରଜନୀ ଦାଶ । ଯଦିଓ ଏ ରୋମାଂଚ ତା' ପାଇଁ ନୂଆ ନୁହେଁ, ତଥାପି ଭାବିର ଅନାବିଳ ପ୍ରେମ ଆଗରେ ଅଟକି ଗଲା ପାଦ ଦୁଇଟି । ଆଃ ! ଝିଅଟା ସାଥିରେ ଆଗରୁ ଦେଖା ହେଲାନି କାହିଁକି ? ଜାଣି ଜାଣି ଚିଠିର ଉତ୍ତର ଦେଲାନି ରଜନୀ ଦାଶ ।

ଅନେକ ବର୍ଷ ବିତିଗଲା । ସାଙ୍ଗର ଭଉଣୀ ବାସନ୍ତୀର ବାହାଘର ହୋଇଗଲା । ଭାବି କଥା ପଚାରେ ବାସନ୍ତୀକୁ । ବାସନ୍ତୀ କିନ୍ତୁ କାହିଁକି କେଜାଣି ଭାବି ସଂପର୍କରେ ବିଶେଷ କିଛି କହିବାକୁ ଆଗ୍ରହ ପ୍ରଦର୍ଶନ କରେନି ।

ଏକରକମ ଭୁଲି ଯାଇଥିଲା ରଜନୀ ଦାଶ । ୟା ଭିତରେ ଅନେକ କିଛି ଘଟି ଯାଇଥିଲା । ଝିଅକୁ ନେଇ ଘର ଭିତରକୁ ପ୍ରବେଶ କଲା । ମହିଳା ଜଣକ ଡାକ ପକାଇଲେ 'ଭାବି ! ଦେଖ୍‌ତ କିଏ ଆସିଛି ? ଆରେ ତୋ ରଜନୀ ଭାଇ !"

ମହିଳାଙ୍କ କଥାରୁ ଜଣାପଡୁଥିଲା ରଜନୀ ଦାଶ ସହ ଏ ଘରର ପରିଚିତି ଯେମିତି ଖୁବ୍ । ଅଥଚ ନିଜେ ରଜନୀ ଦାଶ ଏକଥା ଜାଣିନି ।

ଭାବି ଆସିଲା । ଶସ୍ତା ଲୁଗା ପିନ୍ଧିଥିଲା, ଝଡ଼ି ଯାଇଥିଲା । ପାଦ ଛୁଇଁଲା ରଜନୀ ଦାଶର, ଆଖି ଛଳଛଳ । ଝିଅକୁ ନେଇ ଭିତରକୁ ଚାଲିଗଲା ।

ମହିଳା ଜଣକ କହିଲେ, "ବାପ, ସବୁବେଳେ ତମରି କଥା । ତମ ଲେଖା କି ଫଟୋ ଦେଖିଲେ ସାଇତି ରଖେ । କଣ କରିବି ! ଅଭାଗିନୀ ପାଇଁ ଗୋଟିଏ ଭଲ ପ୍ରସ୍ତାବ ମିଳୁନି । ତିନି ତିନିଟା ଭାଇ; ହେଲେ ଯିଏ ଯାହା ସୁଖରେ । ଭଉଣୀ କଥା ଭାବିବାକୁ କାହାର ସମୟ ନାହିଁ ।

ଭାବି ଝିଅକୁ ନେଇ ଆସିଲା, ଝିଅର ମୁଣ୍ଡକୁ ଭଲ ଭାବରେ କୁଣ୍ଡେଇ ରିବନ ବାନ୍ଧି ଦେଇଥିଲା । ମାଉସୀ କହିଲେ, "ଦେଖ ବାପା ! ତମକୁ ମୋ ଝିଅ ଖୁବ୍ ଭଲପାଏ । ତମରି ଭଳିଆ ପୁଅଟିଏ ତା'ର ପସନ୍ଦ । ମୁଁ ତମକୁ ସେଇ ଦାୟିତ୍ୱ ଦେଉଛି । ମୁଁ ଜାଣେ ତମେ ଯାହାକୁ ଠିକ୍ କରିବ ସିଏ ତାକୁ ନିଶ୍ଚୟ ପସନ୍ଦ କରିବ ।"

ଭାବିର ଭଲ ପାଇବା କଥା ତା ଘରେ ସମସ୍ତେ ଜାଣନ୍ତି ! ଆଉ ତା' ବାହାଘରର ନିଷ୍ପତ୍ତି ରଜନୀ ଦାଶ ଉପରେ ! ଏତେ ଗୁଡ଼ାଏ ଗୋପନ କଥାର ଫର୍ଦ୍ଦ ଖୋଲି ହେଇଯାଉଥିଲା ତା' ଆଗରେ ।

ନୀରବରେ ଭାବି ହାତ ତିଆରି ଚା' ପିଇଲା । ଭାବି ମୁହଁକୁ ସଳଖି କରି ଚାହିଁ ପାରୁନଥିଲା ରଜନୀ ଦାଶ । ଭାବିର ଖୁସି ଦେଖିଲେ ତା'ର ଭଲପାଇବା ସାର୍ଥକ ହେବ । ଝିଅକୁ ନେଇ ଫେରି ଆସିଲା । ତା' ପରେ ନୀରବତା । ଅନେକ ଦିନ ପରେ ଖବର ପାଇଲା, ନାଲ୍‌କୋଅଫିସ୍ ର କୋଉ କିରାଣୀ ସାଥିରେ ତା'ର ବାହାଘର ହେଇଯାଇଛି ।

ଏବେ ଭାବି କେମିତି ଥିବ ?

ଯୋଉଠି ଥାଉ ଖୁସିରେ ଥାଉ, ଭଲରେ ଥାଉ ।

ତା ପାଇଁ ଭାବି ଗୋଟେ ବନ୍ଦ ଲଫାପାର ମୁହଁ । ବାସ୍ ଆଉ କିଛି ନୁହଁ ।

## କବିତା.... ଆମ ସମୟର

### ॥ ତ୍ରିଶଙ୍କୁ ॥



● ଡ.ହରିଶ୍ଚନ୍ଦ୍ର ବେହେରା

ଏବେ କୁଆଡ଼େ ଯିବେ ସେମାନେ !

ଦେହ ସାରା ଧରି ଆସିଛନ୍ତି
କୋକୁଆ ଆତଙ୍କ
ଘୃଣା ଆଉ ଛିଃ ଛିଃ କାର ।

ମନା କରିଦେଲା ଏନ୍ତୁଡ଼ି/ଭିଟାମାଟି ।

ଅନ୍ତରଙ୍ଗ ଆତ୍ମୀୟ ମାନେ
ଦିଶୁଛନ୍ତି ଜଣେ ଜଣେ
ଆତତାୟୀ ପରି ।

ଆଗରେ ଲକ୍ଷ୍ମଣ ଗାର
କେହି କେହି କହିଲେ
ଗଛରେ ମଞ୍ଚା ବାନ୍ଧି ରୁହ
ନୋହିଲେ
ଜିଲ୍ଲା ଆଇସୋଲେଶନକୁ ଯାଅ ।

ଦିନ କେଇଟା ଭିତରେ ପଡ଼ିସାରିଛି
ପୂର୍ଣ୍ଣରାଗର ପୂର୍ଣ୍ଣାହୁତି
ବଦଳି ଯାଇଛି
'ମାଟିର ସେଇ ସରଗ ମୋର'ର
ପ୍ରାଣ ଉଚ୍ଛୁଳା ଗୀତି ।

କେତେ ସରାଗରେ ଧାଇଁ ଆସିଥିବା/
ଦାଦନମାନେ
ଏବେ ଯିବେ କୁଆଡ଼େ
କିଏ ଦେବ ସେମାନଙ୍କୁ
ତୃତୀୟ ପାଦ ଭୂଇଁ !

ମମତାମୟୀ ମାଆଟି ପରି
ଗଛ ପାତିଦେଇଛି ଛାତି
ସେମାନଂକୁ
କୋଳେଇ ନେବା ପାଇଁ !!

+ କଲ୍ୟାଣନଗର, ବାଲେଶ୍ୱର -୧
(ମୋ)୯୪୩୭୮୧୩୭୦୮

### ॥ ପିପିଲି ॥

● ବିପିନ ବେହେରା

ବୁଢ଼ା ଦରଜୀର ଫୁଟା ପାପୁଲିରେ
ସୂର୍ଯ୍ୟ ଯେଉଁଠି ଉଏଁ
କୁଳୁ କୁଳୁ କୁଳୁ ଦୟାର ରାଗିଣୀ
ଶାନ୍ତିର ଗୀତ ଗାଏ
ପ୍ରବଳ ପ୍ରତାପୀ ଦାନବ ଯେଉଁଠି
ପାଲଟେ ଦେବତାଟିଏ
ସେଇ ମୋ ପୁଣ୍ୟ ମାଟି
ମାଟିକୁ ଛୁଇଁଲେ
ଆକାଶ ପରିକା
ମହକେ ଯେଉଁଠି ଛାତି ।

ତାଳ ନଡ଼ିଆର ବାହୁଙ୍ଗା ଫାଙ୍କେ
ହସେ ନୀଳାଚଳ ନେତ
ଆକାଶ କାନରେ ପବନ ଶୁଣାଏ
ଭକତିର ମିଠାଗୀତ
ସେତ' ରଘୁ ଅରକ୍ଷିତ
ଭକ୍ତ ସାଲବେଗ
ଦାସିଆ ବାଉରୀ ମାଟି
ଛୁଞ୍ଚି ମୁନରେ ପୁଚି ଖେଳୁଥାଏ
ଯେଉଁଠି ଜହ୍ନରାତି ।

+କଣ୍ଟି, ପିପିଲି,
ପୁରୀ
(ମୋ) ୯୮୫୩୫୭୯୪୮୪

### ॥ ଦର୍ପଣ-୫ ॥



● ଇପ୍ସିତା ଷଡ଼ଙ୍ଗୀ

ମୋ ମନରେ ତୁମେ
ବିଛାଡ଼ି ଯାଇଥିବା ଶବ୍ଦସବୁଙ୍କୁ ନେଇ
ମୁଁ
ଆକାଶ ଗଂଗାଟିଏ ଗଢ଼େ
ମୋ ଠାରୁ ଖସିଯାଇଥିବା
ମୋ କ୍ଷୁଦ୍ରାଂଶକୁ
ସେଠି ତାରା କରି ସଜାଏ,
କଥାହୁଏ କେବେ କେବେ

ଜାଣିଛ-
ସେଠୁ ସହସ୍ର ସହସ୍ର
ଆଲୋକିତ ରେଖାସବୁ
ହାତ ପରି ବେଢ଼େଇ ଧରନ୍ତି ମତେ
ଆଲୋକିତ ବଳୟରେ ଗୋଟେ ॥

ଜାଣିଚ-
ସେଠି ବି ଝଡ଼ ଉଠେ
କ୍ଷୁଦ୍ରାତିକ୍ଷୁଦ୍ର ଅଂଶସବୁ
ମୋଠାରୁ ବାହାରି
ଇସାରା କରନ୍ତି କେଉଁ ଏକ
ଅସମାପ୍ତି ରାତିର
କଳା ଗଭୀର କୃଷ୍ଣଗର୍ତ୍ତ ଆଡ଼କୁ !

ତମେ ଶବ୍ଦ ପଠାଅ
ସେଠି
ସଜେଇ ଦିଅ
ସେଥିରେ ମତେ ଦେବୀ କରି ॥

ଶବ୍ଦର ମୁକୁଟ, ଶବ୍ଦର ମଥାମଣି
ଶବ୍ଦର ଗଳାହାର, ଶବ୍ଦର ବେହରଣ
ମୋ ଖଣ୍ଡ ବିଖଣ୍ଡିତ ପ୍ରତିଟି ଅଂଶ ଯେବେ
ରାତିର ଅନ୍ଧାରରେ
ନୀଳ ଗୋଟେ ମୋହ ପଛେ
ଅନୁଧାବନ କରୁଥା'ନ୍ତି
ଖୁବ୍ ଇଚ୍ଛା ହୁଏ
ଶବ୍ଦ ଗୋଟେ ସାଥୀକରି ତୁମର
ଫେରି ଆସିବାକୁ ସେ ପୃଥିବୀ ଛାଡ଼ି
ଏ ଦେହଦାହର ସଂସାରକୁ !

ହେଲେ କୋଉଠି ବା ଫେରିହୁଏ ?

ଶବ୍ଦର ପୃଥିବୀ
ଖାଲି ଶବ୍ଦର ॥
ସେଠି ପୁରା ଧ୍ୱନିରେ ମିଶୁଥାଏ
ସବୁ କୋଳାହଳ ପୁଣି
ଯେତେକ ନୀରବତା ॥

(ଏକ ଦୀର୍ଘ କବିତାର କିୟଦଂଶ)

+ ଅଧ୍ୟାପିକା, ଇଂରାଜୀ ବିଭାଗ
ଗୁହାଳପଡ଼ା, ନିମାପଡ଼ା, ପୁରୀ
(ମୋ) ୯୮୬୧୩୩୩୯୪୪

### ॥ ଖାଣ୍ଟି ଗାଁ କବିତା ॥



● ପୂର୍ଣ୍ଣଚନ୍ଦ୍ର ମହାରଣା

ନଇଁ ନଇଁ ଆସେ
ବାରି ଆଡୁ ସଂଜ
ଡେଇଁ ଡେଇଁ
ଉଡ଼ି ଯାଏ ବଣି

ଧାଇଁ ଧାଇଁ ଗାଇ
ଆଣେ ଅଡେଇ ସେ
ଟୋକା ଗଉଡ଼
ତାକୁ ଚାହିଁଥାଏ ଗଉଡୁଣୀ !!

ଏପଟ ସେପଟ
ନାଇଁ ନାଇଁ ହେଇ
ମୁଣ୍ଡ ପାରୁଥାଏ
ଗୋରୀଫୁଲ,
କନକନ ହେଇ
ଭୋଦେଇ ପବନ
ଗାଲ ଛୁଇଁ ଦେଇ କରେ ଗେଲ !!

ଦୁଲୁଦୁଲୁ ହେଇ
ନ ବରଷି ମେଘ
ରହି ରହି ରହି
ଛାଡେ ରଡି,
ଏକା ଏକୁଟିଆ
ନୂଆ ବାହାବୋହୂ
ଚମକି ପଡ଼ଇ ଘଡ଼ିଘଡ଼ି !!

ଝାଟିମାଟି ଘର
ସହଜେ ଉପର
ମାଙ୍କଡ଼ ଡେଇଁକି ତୁଳି କଣା,
ଝିପିଝିପି ମେଘ
ଟୋପେବି ପଡ଼ିଲେ
କାନ୍ଥ ଫଉଲି
ଗୋବରପଣା !!

ଆଠଗୁଣ୍ଠ ବିଲ
ଅଗଖୁଣ୍ଟା ହୋଇ
କଚଡା ପଡିଛି
ପାହିପାହି,
ସିଏ ଯାଇଛନ୍ତି
ଡାକିବାକୁ ଲୋକ
ଆରପାଖ ହରିଜନ ସାହି !!

କଳେଇ ବାନ୍ଧିକି
ଖଳାବାରି ଆଡ଼େ
ଗଦା ମାରିଦେଲେ ରହିଯିବ,
ଅମାରରେ ଧାନ
ନପଶିବା ଯାଏ
କୋଉ ଚଷାକୁ ବା ନିଦ ହବ !!

ଯାଉଛି ଲୋ ମା
ଦୀପ ଦେଇ ଆସେ
ଏଇଲାଗେ ବୁଡ଼ି ଯିବ ସଞ୍ଜ
ଉତ୍ତରା ମେଘକୁ
ପୁଅରାଣ ଦେଲେ
ମେଘ ଭାରିଜା କି ହବ ବାଂଝ !!

+ ବାଲକାଟି, ଖୋର୍ଦ୍ଧା
(ମୋ)୯୯୩୭୭୭୭୬୫୨

## ଚିନ୍ତା ଅନୁଚିନ୍ତା (୭)

# ପ୍ରେମ, ଭକ୍ତି ଓ ଧର୍ମ

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।




ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩


ପ୍ରେମର ପରିଭାଷା ବ୍ୟାପକ ହେଲେ ହେଁ ମୁଖ୍ୟତଃ ସ୍ଥୂଳ ଅର୍ଥରେ ପ୍ରେମର ସଂଜ୍ଞା ଦୁଇପ୍ରକାର । ଦୈହିକ ଓ ମାନବୀୟ । ଦୈହିକ ପ୍ରେମରେ ନର ନାରୀ ସଂସାର ସଂରଚନାର ପଥରେ ପଥିକ ହୁଅନ୍ତି ଏବଂ ଜଗତକର୍ତ୍ତାଙ୍କ ସୃଷ୍ଟ ସଂସାରକୁ ବଞ୍ଚାଇ ଚାଲନ୍ତି । ଏହି ପ୍ରକ୍ରିୟାରେ ଉଦ୍ଭିଦଜଗତ, ପ୍ରାଣୀଜଗତ ଓ ଜୀବଜଗତ ସମସ୍ତେ ଅଧୀନ । ତେବେ ଯାହା ମାନବୀୟ ପ୍ରେମ, ଯେଉଁଥିରେ ଜଗତ ତିଷ୍ଠିଛି ତାହା ହେଲା ଅନ୍ୟକୁ ଶ୍ରଦ୍ଧା, ସ୍ନେହ, ମମତା, ପ୍ରୀତି ପୁଷ୍ପରେ ପୁଷ୍ପିତ କରିବା । ଏଇ ପ୍ରେମବଳରେ ଜଗତରେ ସମତା ଆସିଛି । ଜାତି ଜାତି ମଧ୍ୟରେ, ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସର୍ବୋପରି ଆତ୍ମା ଆତ୍ମାର ମିଳନ ହିଁ ପ୍ରକୃତ ପ୍ରେମ । ମାନବୀୟ ମହାମିଳନରେ ହିଁ ଏ ଧରାଧାମ ତିଷ୍ଠିଛି । ମଣିଷ ମଣିଷକୁ ଭଲପାଇ ବସିଲେ ସବୁ ଭେଦଭାବର ପ୍ରାଚୀର ଭାଙ୍ଗିପଡ଼େ । ସାଧାରଣ ଭାବେ ଅନ୍ୟକୁ ଭଲପାଇବା ହିଁ ପ୍ରେମ । ବସ୍ତୁ ପ୍ରେମରେ ମଣିଷ ସାମୟିକ ସୁଖଶାନ୍ତି ହୁଏତ ଅନୁଭବ କରେ ମାତ୍ର ଯେଉଁ ମୌଳିକତତ୍ତ୍ୱ ଜୀବନ ମୁକ୍ତିରେ ନିହିତ ତାହା ହେଲା ମରଣଶୀଳ ପ୍ରାଣୀ ଜୀବ- ପରମତତ୍ତ୍ୱ ଓ ପିଣ୍ଡ-ବ୍ରାହ୍ମଣ୍ଡତତ୍ତ୍ୱକୁ ଯଦି ଜାଣି ସମର୍ପଣ ତତ୍ତ୍ୱକୁ ବୁଝିନେଇ କର୍ମରୂପୀ ଭକ୍ତିତତ୍ତ୍ୱକୁ ଜାଣିଯାଏ ତେବେ ସେ ଚେତନାପୁଷ୍ଟ ହୋଇ ଜଗତର ଶୁଭମଙ୍ଗଳରେ ନିଜକୁ ଯୋଡ଼ିଦିଏ । ଯେମିତି ଶୋଷ ଲାଗିଥିବା ବ୍ୟକ୍ତି ପାଣି ପିଇସାରିବା ପରେ ଯେଉଁ ସୁଖ ଅନୁଭବ କରେ ସେମିତି ଯେ ଖରାରେ ତାତି ଯାଇଥାଏ ସେ ଯେମିତି ଛାୟାର ଶୀତଳତା ଉପଲବ୍ଧି କରିପାରେ, ସେହିଭଳି ଭକ୍ତ ଓ ଭଗବାନ ଦୁଇ, ବୁଝିଲେ ଭିନ୍ନାଭିନ୍ନ ନାହିଁ । ସେଥିପାଇଁ କୁହାଗଲା-

"ମିଶିଯାଏ ଯଥା ପ୍ରଭାତୀ ତାରାର ବିକିରଣେ
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ"

> କାହାରି ପ୍ରତି ହିଂସା ପୋଷଣ ନକରି ସମସ୍ତେ ଏକ ପିତାଙ୍କର ସନ୍ତାନ ବୋଲି ଜାଗ୍ରତ ରହିଲେ ହିଂସା ଓ ଲୋଭ ଆଦି ରିପୁମାନେ ଦୂରେଇ ଯିବେ । କାରଣ ପୁରୁଷ ହେଉଛନ୍ତି ଭଗବାନ ଏବଂ ପ୍ରକୃତି ବା ସୃଷ୍ଟି ତାଙ୍କର ସର୍ଜନା କର୍ମରୁ ହିଁ ଧର୍ମର ଉତ୍ପତ୍ତି । 'ଅହଂ' ବା 'ମୁଁ' ରୂପକ ରାକ୍ଷସର ସମାଧିରେ ଏବଂ ସମର୍ପଣ ଭାବ ଆସିପାରିଲେ ବ୍ୟକ୍ତି ସ୍ରଷ୍ଟାଙ୍କ ପଦାରବିନ୍ଦରେ ଆଶ୍ରୟ ପାଇଥାଏ ।

ନିର୍ଗୁଣ ଓ ସଗୁଣର ହୁଏ ଏକାକାର । ଯେଉଁଠାରେ ଦିନ କି ରାତି, ସୁଖ କି ଦୁଃଖ, ଆଲୁଅ ବା ଅନ୍ଧାର ନଥାଏ, ସବୁ ହୋଇଯାଏ ଏକାକାର । ଯାହା ସତ୍ୟ ଚିରନ୍ତନ, ତାହାହିଁ ଧର୍ମ । ସେବା ହିଁ ପରମଧର୍ମ । କାମନା ରହିତ ସେବା ପାପ ଅଟେ । ନିଷ୍କାମ ସେବା ଧର୍ମ । ଜ୍ଞାନ ହିଁ ମୋକ୍ଷର ବାଟ । ଆତ୍ମଜ୍ଞାନ ଉପଲବ୍ଧ ଆସିଲେ କାମନା ଓ ଆସକ୍ତିରୁ ମୁକ୍ତ ହେବା ସମ୍ଭବ ହୁଏ । ଅହଂଭାବ ଶୂନ୍ୟ ମନର ଅବସ୍ଥାକୁ ହିଁ ଜ୍ଞାନ କୁହାଯାଏ । ଯଥା-

"ନାଶ୍ରମଂ କାରଣଂ ମୁକ୍ତେଃ, ଦର୍ଶନାଦିନକାରଣମ୍
ତତ୍ରୈବ ସର୍ବ କର୍ମାଣି, ଜ୍ଞାନମେ ବହିକରଣଂ ।"

କାହାରି ପ୍ରତି ହିଂସା ପୋଷଣ ନକରି ସମସ୍ତେ ଏକ ପିତାଙ୍କର ସନ୍ତାନ ବୋଲି ଜାଗ୍ରତ ରହିଲେ ହିଂସା ଓ ଲୋଭ ଆଦି ରିପୁମାନେ ଦୂରେଇ ଯିବେ । କାରଣ ପୁରୁଷ ହେଉଛନ୍ତି ଭଗବାନ ଏବଂ ପ୍ରକୃତି ବା ସୃଷ୍ଟି ତାଙ୍କର ସର୍ଜନା । କର୍ମରୁ ହିଁ ଧର୍ମର ଉତ୍ପତ୍ତି । 'ଅହଂ' ବା 'ମୁଁ' ରୂପକ ରାକ୍ଷସର ସମାଧିରେ ଏବଂ ସମର୍ପଣ ଭାବ ଆସିପାରିଲେ ବ୍ୟକ୍ତି ସ୍ରଷ୍ଟାଙ୍କ ପଦାରବିନ୍ଦରେ ଆଶ୍ରୟ ପାଇଥାଏ । ମନରେ ଦିବ୍ୟବୁଦ୍ଧି ଜାଗ୍ରତ ହେଲେ ଦୟା, କ୍ଷମା, କରୁଣା, ସ୍ନେହ, ତ୍ୟାଗ, ପ୍ରେମଭାବ ସୃଷ୍ଟି ହୁଏ । ଅଦିବ୍ୟ ବୁଦ୍ଧିରେ ମିଥ୍ୟା, କପଟ, ସ୍ୱାର୍ଥ, ଲୋଭ, ହିଂସା, ମାଦକଦ୍ରବ୍ୟ ସେବନ ଭଳି ଅବସ୍ଥା ଦେଖାଦିଏ । ମାୟାବାଦର ବିଭୀଷିକାରୁ ନିଜକୁ ଉର୍ଦ୍ଧ୍ୱମୁଖୀ କରାଇପାରିଲେ ହିଁ ସ୍ଥୂଳଜଗତରୁ ବୌଦ୍ଧିକ ଜଗତରେ ପ୍ରବେଶ କରିହୁଏ ।

ସମୟ ଏକ ବିଶେଷ ବିଭୂତି । ସେ ନୂତନ ଉପଲବ୍ଧି ଦେଉଥାଏ । ସେ ହିଁ ଜଗତକୁ କେବେ ଚେତାଇଦିଏ ସବୁ କାର୍ଯ୍ୟର କାରଣକୁ ।

ମନରେ ପ୍ରେମର ଫଲ୍‌ଗୁଧାରା ସୃଷ୍ଟି ହେଲେ ଭକ୍ତିର ମାର୍ଗ ଉନ୍ମୋଚିତ ହୋଇ ଧର୍ମର ପଥ ହୁଏ ଉନ୍ମୁକ୍ତ । ସକଳ ପ୍ରାଣୀ ଏହି ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ସାରା ଜୀବନ ଜୀଇଁଥାନ୍ତି ।

---

ଧାରାବାହିକ ଉପନ୍ୟାସ

# ନାତି


ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨




ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ



ଭାଗ-୨୬

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ରଥଯାତ୍ରା ସମୟ ଆସିଲା । ପ୍ରଭୁ ଜଗନ୍ନାଥଙ୍କୁ ରଥାରୂଢ଼ ଅବସ୍ଥାରେ ଦେଖି ସେ ସମ୍ପୂର୍ଣ୍ଣ ଭାବବିହ୍ୱଳ ହୋଇ ପଡ଼ିଲେ ଏବଂ ନିଜକୁ ତାଙ୍କଠାରେ ସଂପୂର୍ଣ୍ଣ ସମର୍ପଣ କରିଦେଲେ । କିନ୍ତୁ ଏହାପରେ ସେ ଆଉ ପୁରୀ ଛାଡ଼ି ଲଣ୍ଡନ ଫେରିଗଲେ ନାହିଁ । ନିଜ କକ୍ଷରେ ଏକ ଜଗନ୍ନାଥ ମୂର୍ତ୍ତି ରଖି ଦୈନିକ ପୂଜାର୍ଚ୍ଚନା କଲେ ଏବଂ ନିବେଦନ କଲେ - "ପ୍ରଭୁ ! ମୋତେ ଆଉ ଗୋଟିଏ ବର୍ଷ ବଞ୍ଚେଇ ରଖ, ଯେପରି ଆସନ୍ତା ବର୍ଷ ରଥଯାତ୍ରାରେ ମୁଁ ତୁମକୁ ନନ୍ଦିଘୋଷ ଉପରେ ଦର୍ଶନ କରିପାରିବି ।"

ସତକୁ ସତ ସେ ଗୋଟିଏ ବର୍ଷ ବଂଚିଗଲେ ଏବଂ ସେ ବର୍ଷ ରଥଯାତ୍ରାରେ ପ୍ରଭୁଙ୍କୁ ଦର୍ଶନ କରି ପୁଣି ଆଉ ଗୋଟିଏ ବର୍ଷ ବଂଚେଇ ରଖିବାକୁ ନିବେଦନ କଲେ । ପ୍ରଭୁ ବୋଧହୁଏ ତାଙ୍କୁ ତାଙ୍କ ଅଲକ୍ଷ୍ୟରେ ତଥାସ୍ତୁ କଲେ । ଏହିପରି ପ୍ରତ୍ୟେକ ବର୍ଷ ରଥ ଉପରେ ପ୍ରଭୁଙ୍କୁ ଦର୍ଶନ କରିବାକୁ କାମନା କରି ପୁରୀରେ ଅବସ୍ଥାନ କଲେ ।

ଏମିତି ଦଶବର୍ଷ ବିତିଗଲା । ଯାହାଙ୍କର ବଂଚିବାର ଆଦୌ ସଂଭାବନା ନଥିଲା, ତିନି ମାସ ମଧ୍ୟରେ ମରିବା ଥିଲା ସୁନିଶ୍ଚିତ, ସେ ଦଶବର୍ଷ ବଂଚିଲେ କିପରି ? ଏ ପ୍ରଶ୍ନ ତାଙ୍କୁ ବାରମ୍ବାର ଆନ୍ଦୋଳିତ କଲା । ତାଙ୍କ ଭିତରେ ଥିବା କ୍ୟାନ୍‌ସର୍‌ର ଅବସ୍ଥା ଜାଣିବା ପାଇଁ ସେ ବମ୍ବେ ଗଲେ । ପରୀକ୍ଷା ନିରୀକ୍ଷାରୁ ଜଣାପଡ଼ିଲା ଯେ, ତାଙ୍କ ଭିତରେ ଆଉ କ୍ୟାନ୍‌ସର୍ ଜୀବାଣୁ ନାହିଁ, ସେ ସମ୍ପୂର୍ଣ୍ଣ ସୁସ୍ଥ । ସେ ଆଉ ଇଂଲଣ୍ଡ ଫେରିଗଲେ ନାହିଁ । ଯେଉଁ ପ୍ରଭୁଙ୍କର ମହିମାରୁ ସେ ମୃତ୍ୟୁମୁଖରୁ ବଂଚିଲେ, ସେହି ଜଗନ୍ନାଥ ଧାମରେ ରହିବାପାଇଁ ବମ୍ବେରୁ ପୁରୀ ଫେରି ଆସିଲେ । କିନ୍ତୁ ବିଡ଼ମ୍ବନା ଥିଲା ଏଇଆ ଯେ, ତିନିମାସ ଭିତରେ ସେ ପୁଣି ସେହି ବ୍ଲଡ୍ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ପ୍ରାଣ ହରେଇଲେ । ପରବର୍ଷ ରଥଯାତ୍ରା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଗଲା ।

ଦୁନିଆରେ ଏମିତି କିଛି ବୈଚିତ୍ର୍ୟପୂର୍ଣ୍ଣ ଘଟଣାମାନ ଆମ ଚତୁପାର୍ଶ୍ୱରେ ଘଟେ । ତା' ମଧ୍ୟରୁ ଏ ବି ଥିଲା ଏକ ବିଚିତ୍ର ଘଟଣା । ଦୀନନାଥଙ୍କ ଭାବନାରେ ଏ ଘଟଣାର ରହସ୍ୟ କେବଳ ରହସ୍ୟ ହୋଇ ରହି ଆସିଛି ଏଯାବତ୍ । ତାହାର କୂଳକିନାରା ସେ ପାଇପାରି ନାହାନ୍ତି । ଶରୀର, ଜରା, ବ୍ୟାଧି, ମୃତ୍ୟୁ, ଡାକ୍ତର ଏବଂ ଈଶ୍ୱର - ଏ ସବୁ ମିଶି କେମିତି କୁହେଳିକାପୂର୍ଣ୍ଣ ମନେ ହେଉଥିଲା ତାଙ୍କୁ ।

ଏବେ ତାଙ୍କ ନାତିର କ'ଣ ହେବ ? ଗୋଟେ ରୋଗର ନିଦାନ ଜାଣିବା ପାଇଁ ବାସ୍ତରୀ ଘଣ୍ଟା ଅପେକ୍ଷା କରିବାକୁ ହେବ ! କିନ୍ତୁ ସେ ନିଜେ କିପରି ଜାଣିପାରୁଛନ୍ତି ବାସ୍ତରୀ ଘଣ୍ଟା ନୁହେଁ,ବାସ୍ତରୀ ବର୍ଷ ପର୍ଯ୍ୟନ୍ତ ନାତି ଠିକ୍ ଥିବ । ତା'ର କିଛି ଅଘଟଣ ଘଟିବ ନାହିଁ !

ଚାଇଲ୍ଡ୍ ନର୍ସିଂହୋମ୍‌ରେ କାର୍ଯ୍ୟବ୍ୟସ୍ତ ଥିଲେ ପୁତ୍ର ଶୁଭକାନ୍ତ ଓ ଜ୍ୱାଇଁ ଭବେଶ । ଅନ୍ୟମାନେ ବି ତା' ଭିତରେ କ'ଣ କରୁଥିଲେ କେଜାଣି ! ଦୀନନାଥ କିନ୍ତୁ ଛିଡ଼ା ହୋଇଥିଲେ ବାହାରେ, ଗାଡ଼ି ପାର୍କିଂ ପରିସରରେ ।

ଏବେଠୁଁ ତିରିଶ ବର୍ଷ ତଳେ ଏଇ ଅଞ୍ଚଳଟି କଟକର ସଂପୂର୍ଣ୍ଣ ପରିତ୍ୟକ୍ତ ଅଞ୍ଚଳ ହୋଇ ପଡ଼ି ରହିଥିଲା । ମହାନଦୀଠାରୁ କାଠଯୋଡ଼ି ବିଚ୍ଛିନ୍ନ ହୋଇଗଲା ପରେ ଏଇ ତ୍ରିକୋଣଭୂମି ଅଞ୍ଚଳଟି କିଛି ଚାଷଜମି ଓ ବନ୍ୟାପ୍ଲାବିତ ଖାଲୁଆ ଅଞ୍ଚଳ ଭାବେ ପଡ଼ି ରହିଥିଲା । କିନ୍ତୁ ଏବେ ଏ ଅଞ୍ଚଳକୁ କଟକ ନଗର ଗୋଡ଼ ଲମ୍ବେଇ ଦେଇଛି । କୋଠାବାଡ଼ି, ରାସ୍ତାଘାଟ, ଦୋକାନ ବଜାରରେ ପରିପୂର୍ଣ୍ଣ ଉକ୍ତ ଅଞ୍ଚଳଟି ଏବେ ମୁଖ୍ୟ କଟକ ନଗରର ଅଂଗରୁ ବିଚ୍ଛିନ୍ନ ନୁହେଁ । ଏ ସବୁକୁ ଆଖି ପୂରେଇ ଦେଖୁଥିଲେ ଦୀନନାଥ । ନାତି ସଂକ୍ରାନ୍ତୀୟ ସମସ୍ୟା ଓ ଦାୟିତ୍ୱବୋଧରୁ ଟିକେ ହାଲୁକା ଅନୁଭବ କରୁଥିଲେ ପୁତ୍ର ଶୁଭକାନ୍ତ ଓ ଜ୍ୱାଇଁ ଭବେଶଙ୍କ ପାଇଁ ।

ବିଡ଼ାନାସୀ ସେପାଖେ ପଶ୍ଚିମର ଦିଗ୍‌ବଳୟ କୋଳକୁ ସୂର୍ଯ୍ୟ ଢଳିଯାଉଥିଲେ । ଆଉ କିଛିକ୍ଷଣ ପରେ ଗୋଟିଏ ଦିନର ଅବସାନ ଘଟିବ । ସି.ଡ଼ି.ଏ - ୬ର ଅଟ୍ଟାଳିକାଗୁଡ଼ିକର ଶୀର୍ଷ ଛୁଇଁଲାଣି ଅପରାହ୍ନର ଖରା । ସାରାଦିନର ଘଟଣାକ୍ରମ ଦୀନନାଥଙ୍କ ମନ ଭିତରେ ବାରମ୍ବାର ପ୍ରତିଫଳିତ ହେଉଥିଲା ।

ଆମ୍ବୁଲାନ୍ସ, ନର୍ସିଂହୋମ୍, ଡାକ୍ତର, ନର୍ସ, ଆଡ଼ମିସନ୍ ଇତ୍ୟାଦି ନେଇ ସଭିଏଁ ବ୍ୟସ୍ତ ଥିବାବେଳେ ସାମ୍ନା ପୋର୍ଟିକୋ ତଳୁ ପ୍ରମଦା ଦୀନନାଥଙ୍କୁ ଡାକିଆଣି ନିଜ କାର୍ ଭିତରେ ବସେଇ ଦେଇ ଯାଇଛି । "ବାପା ! ଆପଣ ବାହାରେ କେତେ ଛିଡ଼ା ହେବେ । ବରଂ ଗାଡ଼ି ଭିତରେ ଯାଇ ବସନ୍ତୁ, ଭଲ ଲାଗିବ ।"

ଏପାଖ ସେପାଖ ହୋଇ ଆହୁରି କେତୋଟି ଗାଡ଼ି ପାର୍କିଂ କରିଛି । ଭିତରେ ସାମ୍ନା ସିଟ୍‌ରେ ବସି ସେ ଦେଖୁଛନ୍ତି ଗାଡ଼ିର ଅଇନାରେ ସୂର୍ଯ୍ୟଦେବତାଙ୍କୁ । ତେରେଛା କିରଣ ଅଇନାରେ ପଡ଼ି ପ୍ରତିଫଳିତ ହେଉଛି ତାଙ୍କ ମୁହଁରେ । ହାତ ପାପୁଲି ପରି ଏତ୍ତେ ଟିକେ ଆଇନାରେ ଏଡ଼େ ବଡ଼ ବିରାଟ ସତ୍ତାର ପ୍ରତିଫଳନ ଏକ କୌତୂହଳ ଆଣୁଛି ଦୀନନାଥଙ୍କ ମନ ଭିତରେ । ଖାଲି ଆଖିରେ ଯାହା ସଂଭବ ହୁଅନ୍ତା ନାହିଁ, ତାହା ସଂଭବ ହେଉଛି ଏଇ ଅଇନା ଭିତରେ । ସୂର୍ଯ୍ୟପିଣ୍ଡ, ଗର୍ଭ ଆଉ କିରଣ ଭିତରେ ସ୍ପଷ୍ଟ ସୀମାରେଖା ବାରିହୋଇ ପଡୁଛି ।

ପଛସିଟ୍‌ରେ ଡଲି ଘୁମୁରୁଛି । ପ୍ରମଦା ତାକୁ ତାଗିଦ୍ କରି ଦେଇ ଯାଇଛି -

"ଦେଖ୍ ଡଲି ! ବାପା ବସିଛନ୍ତି । ଜମା ପାଟି ଫିଟେଇବୁନି ।" ଆଉ ଦୀନନାଥଙ୍କ ଉଦ୍ଦେଶ୍ୟରେ -

"ବାପା ! ଆପଣ ଟିକେ ଏଇଟି ବସିଥାନ୍ତୁ କି, ମୁଁ ତାଙ୍କ (ଦୀନେଶ) ହାତରେ ଫ୍ଲାକ୍‌ସରେ କଫି ପଠେଇ ଦେଉଛି ।"

ଗାଡ଼ି ଭିତରେ ଥିବା ଛୋଟ ଫ୍ଲାକ୍‌ସଟି ଧରି ପ୍ରମଦା ଯାଇଛି । ଏ ପର୍ଯ୍ୟନ୍ତ ଦୀନେଶ କଫି ଧରି ଫେରିନାହିଁ ।

ଦୀନନାଥ ବସି ବସି ଗୋଟାଏ ପଲକରେ ଭାବି ଯାଉଥିଲେ ଆକାଶ ପାତାଳ । ବିନ୍ଦୁ ମଧ୍ୟରେ ସିନ୍ଧୁଦର୍ଶନ ହୋଇଥାଏ । ଗୋଟାଏ ମୁହୂର୍ତ୍ତ ବା ପଲକ ଏକ ବିରାଟ ଭବିଷ୍ୟତର ମଂଜି ହୋଇଥାଏ । ତା'ରି ଉପରେ ଏକ ବିରାଟ ଇତିହାସ ସୃଜିପାରେ ସମୟ ।

ପିଲାମାନେ ସମସ୍ତେ ସେ ବେଳର ସମସ୍ୟାକୁ ମୁଣ୍ଡେଇ ନେଇ ସାମୟିକ ନିଷ୍କୃତି ନେଇଛନ୍ତି ଦୀନନାଥଙ୍କୁ ଟିକେ ଥକ୍‌କା ମେଣ୍ଟାଇବା ପାଇଁ ।

ହାତରେ ବିସ୍କୁଟ୍ ପ୍ୟାକେଟ୍ ଓ କଫିଧରି ପହଞ୍ଚିଲେ ଦୀନେଶ ଆଉ ପ୍ରମଦା ।

ସନ୍ଧ୍ୟାର ଅବ୍ୟବହିତ ପୂର୍ବରୁ ନର୍ସିଂହୋମ୍‌ରେ ସମସ୍ତ ବ୍ୟବସ୍ଥା ସରିଲା ପରେ କଥାହେଲା, ରବିକୁମାର ଆଉ ଭବେଶ ରହିବେ ପିଲାପାଖରେ । ଅନ୍ୟମାନେ ଫେରିଯିବେ । ଗାଡ଼ି ସହିତ ପ୍ରମଦା, ଦୀନେଶ, ବାବା ଓ ଡଲି ରହିବେ ଭଦ୍ରକରେ । ଆଉ ଦୀନନାଥ, ଶୁଭ ଓ ଲିପୁ ଭଦ୍ରକରୁ ଆଉ ଗୋଟେ ଗାଡ଼ି ଧରି ଫେରିବେ ବାଲେଶ୍ୱର ।

ଯୋଜନା ଅନୁସାରେ କାମ ହେଲା । ଭଦ୍ରକରେ ଗାଡ଼ି ପହଞ୍ଚିଲା ରାତି ଆଠଟା ପରେ। ପ୍ରମଦା ପ୍ରସ୍ତାବ ରଖିଲା -

"ଚାଲନ୍ତୁ ବାପା ! ଘରେ ଆପଣଙ୍କ ସମୁଦି ଏକା ଅଛନ୍ତି । ଏଇଟି ତ ପାଖରେ ଘର । ଟିକେ ମୁହଁ ମାରିଦେଇ ସମସ୍ତେ ପୁଣି ବାଲେଶ୍ୱର ଫେରିଯିବେ ।"

କିନ୍ତୁ ଦୀନନାଥ ମନା କଲେ । ବିଳମ୍ବ ହୋଇଯିବ । ସେମାନେ ସମସ୍ତେ ଶୀଘ୍ର ବାଲେଶ୍ୱର ଫେରିବେ ଏବଂ ଶୁଭ ନର୍ସିଂହୋମ୍ ଯିବ ଶୁଭଦା ପାଖକୁ । ଭାଇ ଆସିଛି ତାକୁ ଦେଖା କରିବାକୁ ଚେନ୍ନାଇରୁ - ଏ ସଂବାଦ ସେ ପୂର୍ବରୁ ଜାଣିଛି । ଯଦି ଶୁଭ ଆଜି ତା' ନିକଟକୁ ନ ଯାଏ, ତାହେଲେ ସେ ଅନ୍ୟ କିଛି ଆଶଂକା କରିପାରେ !

ଏଣୁ ଭଦ୍ରକରୁ ଆଉ ଖଣ୍ଡେ ଗାଡ଼ିଧରି ଦୀନନାଥ ପିଲା ଦୁହିଁଙ୍କ ସହ ଫେରିଲେ ବାଲେଶ୍ୱର । ଘରେ ପହଞ୍ଚି ଖାଇବା ନେଇ ଶୁଭ ଗଲା ଶୁଭଦା ପାଖକୁ । ଆଉ ଦୀନନାଥ ବାଥ୍‌ରୁମ୍‌ରୁ ଫେରି ଠାକୁର ଘରେ ପଶିଲେ ।

|| ୧୪ ||

ଡାକ୍ତର ହିମାଦ୍ରୀ ପଟ୍ଟନାୟକ, ଶିଶୁ ବିଶେଷଜ୍ଞ । କଟକ ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ୍ କଲେଜରେ ଆଠବର୍ଷ ଆସିଷ୍ଟାଣ୍ଟ୍, ପାଞ୍ଚବର୍ଷ ଆସୋସିଏଟ୍ ଏବଂ ପରେ ପ୍ରଫେସର୍ ପୋଷ୍ଟ୍‌କୁ ଉନ୍ନୀତ ହୋଇ ସାରିଲେଣି । ଏବେ ସି.ଡ଼ି.ଏ-୬ରେ 'ନିଉ ବରନ୍ ବେବିକେୟାର୍ ସେଣ୍ଟର୍' ନାମକ ଏକ ଶିଶୁ ଭବନ ଖୋଲି ନବଜାତକମାନଙ୍କର ଚିକିତ୍ସାରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରି ଦେଇଛନ୍ତି ।

ଡାକ୍ତର ପଟ୍ଟନାୟକଙ୍କୁ ଚବିଶ ଘଣ୍ଟା ଫୁରସତ୍ ନାହିଁ । ସକାଳଠାରୁ ଦୁଇଟା ଅଢ଼େଇଟା ପର୍ଯ୍ୟନ୍ତ ମେଡ଼ିକାଲ୍ କଲେଜ ଓ ଚାରିଟାବେଳୁ ରାତି ବାରଟା ପର୍ଯ୍ୟନ୍ତ ନର୍ସିଂହୋମ୍ କାମ । ଦଣ୍ଡେ ଛିଡ଼ା ହେବାକୁ ତର ନାହିଁ । ସଂସାରରେ ସବୁଠାରୁ ଯଦି କେହି ବ୍ୟସ୍ତ ମଣିଷ ଥାନ୍ତି, ତା'ହେଲେ ସେ ହେଉଛନ୍ତି ଏଇ ଡାକ୍ତରଗଣ । ସେମାନଙ୍କ ଜୀବନର ସମସ୍ତ ସମୟ ବିନିଯୋଗ ହୋଇଯାଏ ରୋଗୀମାନଙ୍କ ସହିତ । ଦୀର୍ଘ ଦଶ ବର୍ଷ କଟିଯାଏ ଅଧ୍ୟୟନ ଭିତରେ, ବାକି ସମୟ ତକ ରୋଗୀ ସେବାରେ । ରୋଗ ସହିତ ଲଢ଼େଇ କରି ବଂଚେଇ ଥାନ୍ତି ମଣିଷମାନଙ୍କୁ । ପୁନିଅଁ ପରବ, ଯାତ୍ରାମେଲଣ, ବଂଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କୁ ଏକପ୍ରକାର ଭୁଲିଯିବାକୁ ପଡ଼େ ଏମାନଙ୍କୁ ।

ପୁଅ ଡାକ୍ତରୀ ବିଦ୍ୟା ଅଧ୍ୟୟନ କରୁଛି ବୋଲି ଢେର ମନଉଣା କରନ୍ତି କଳ୍ପଲତା । ଦୀନନାଥଙ୍କର ଅଧ୍ୟାପକ ଚାକିରିକୁ ଘୃଣା କଲେ ବି ଭିତରେ ଭିତରେ ଆତ୍ମସନ୍ତୋଷ ଲାଭ କରନ୍ତି ସେ । ପୁଅ ନ'ବର୍ଷ ପାଠ ପଢ଼ି ସାରିବା ପରେ ବି ଏବେ ମାତ୍ର ଗୋଟେ ପ୍ରାଇଭେଟ୍ ମେଡ଼ିକାଲ୍ କଲେଜ୍‌ରେ ଆସିଷ୍ଟାଣ୍ଟ୍ ପ୍ରଫେସର୍ । ପୁଣି ତିନିବର୍ଷ ପଢ଼ିବାପାଇଁ ପ୍ରସ୍ତୁତି ଚଳେଇଛି । ପୁନିଅଁ ପରବ, ଭଲମନ୍ଦକୁ ଆସିପାରେ ନାହିଁ । ତିରିଶ ବର୍ଷ ଆସି ହେଲାଣି । ଅଥଚ, ବିବାହର ନାଁ ଗନ୍ଧ ଧରୁନାହିଁ । ଏଥିପାଇଁ ଘୋର ବିତୃଷ୍ଣା ମନୋଭାବ ତାଙ୍କ ମନରେ । ଦୁନିଆଁରେ ସାଧାରଣ ଲୋକମାନଙ୍କଠାରେ ଟଙ୍କାପଇସାର ଅଭାବ ଥାଏ, ହେଲେ ଜଣେ ଡାକ୍ତର ପାଖରେ ଥାଏ ସମୟର ଅଭାବ । ସେଇଥିପାଇଁ ଏମାନେ ଅସାଧାରଣ, ଅନନ୍ୟ ଓ ଭିନ୍ନଧରଣର ସମ୍ମାନର ଅଧିକାରୀ ।

ଏଇମିତି ଜଣେ ବ୍ୟକ୍ତିତ୍ୱ ଭାବେ ଗଣାହେବେ ଡା. ପଟ୍ଟନାୟକ । ଟିକେ ବି ଫୁରସତ୍ ମିଳେନାହିଁ ଛିଡ଼ା ହେବାକୁ । ରୋଗୀ ଦେଖିବା, ବ୍ୟବସ୍ଥା ପତ୍ର ଲେଖିବା, ପରାମର୍ଶ ଦେବା ଭିତରେ ତାଙ୍କର ସମୟତକ ବିନିଯୋଗ ହୋଇଥାଏ ।

ସେଦିନ କ୍ଲିନିକ୍‌ର ମ୍ୟାନେଜର୍ ରିପୋର୍ଟ ଦେଲେ ଆଜି ପାଞ୍ଚଜଣ ଶିଶୁ ଆଡ଼ମିସନ୍ ନେଇଛନ୍ତି । ଚାରୋଟିଯାକ କଟକର ଭିନ୍ନ ଭିନ୍ନ ନର୍ସିଂହୋମ୍‌ରୁ ଆସିଛନ୍ତି ଏବଂ ବାଲେଶ୍ୱରରୁ ଶିଶୁ ବିଶେଷଜ୍ଞ ଡା. ନୀଳମାଧବଙ୍କ ସୁପାରିଶ୍‌ରେ ଗୋଟେ ପେସେଣ୍ଟ୍ ଆସିଛି । ଗତକାଲି ଜନ୍ମ ହୋଇଛି ।

ଡାକ୍ତର ପଟ୍ଟନାୟକ ମନେ ମନେ ଖୁସି ହେଲେ । ଗୋଟେ ପିଲା ପିଛା ଅତିକମ୍‌ରେ ତ ପଚାଶ ହଜାର ଟଙ୍କା ଆସିବ ! ସ୍ଥଳ ବିଶେଷରେ ଲକ୍ଷେ । ମୁହଁରେ ସାମାନ୍ୟ ଗାମ୍ଭୀର୍ଯ୍ୟ ଫୁଟାଇ କହିଲେ -

"ସମସ୍ତଙ୍କର ଆଡ଼ମିସନ୍ ହୋଇ ସାରିଛି ?"

"ଆଜ୍ଞା, ସମସ୍ତଙ୍କଠାରୁ ପନ୍ଦର ହଜାର ଲେଖାଏଁ ଆଡ଼ଭାନ୍‌ସ ନିଆଯାଇ ଆଡ଼ମିସନ୍ ହୋଇଛି ।"

"ବାହାରେ କେତେ ଆଉଟ୍‌ଡୋର୍ ପେସେଣ୍ଟ୍ ଅଛନ୍ତି ?"(କ୍ରମଶଃ)

---



ମୂଳ ହିନ୍ଦୀ- ରାଜକମଲ ସାକସେନା

ଅନୁବାଦ ଗଳ୍ପ

# ଅନୁଶୋଚନା


ଅନୁସୃଜନ
ବିନୟ କୁମାର ଦାସ
+ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯


ବଜାରରୁ ଫୁଲମାଳା କିଣି ଘରକୁ ଫେରୁଥିବା ସମୟରେ ସନାତନ ବାବୁ ଦେଖିଲେ ତାଙ୍କ କଲୋନୀ ଛକରେ କିଛି ଲୋକ ଜମା ହୋଇଛନ୍ତି । ପାଖକୁ ଯାଇ ଜାଣିଲେ ଯେ ଲୋକଟିଏ ଦୁଇଟି ମାଙ୍କଡକୁ ନେଇ ଡିବିଡିବା ବଜାଇ ଖେଳ ଦେଖାଉଛି । ବେଶ୍ ଉତ୍ସୁକତାର ସହିତ ଦର୍ଶକମାନେ ମଜା ନେଉଥାନ୍ତି । ମାଙ୍କଡଦୁଇଟି ବରବଧୂ ବେଶରେ ସଜ୍ଜିତ ହୋଇ ଲୋକଟିର ଇସାରା ପାଇ ଖେଳ ପ୍ରଦର୍ଶନ କରିଚାଲିଥାନ୍ତି । ସେହି ଭିଡରେ ସନାତନବାବୁ ବି ସାମିଲ ହୋଇ ଖେଳ ଉପଭୋଗ କରିବାକୁ ଲାଗିଲେ ।

ଲୋକଟି ଡିବିଡିବା ବଜାଇବା ବନ୍ଦ କରି ବରବେଶୀ ମାଙ୍କଡକୁ ପଚାରିଲା, "ଆରେ ମଟ୍‌କୁ... ବାହାଘର ପରେ ତୋ ସ୍ତ୍ରୀକୁ ନେଇ ବଜାରକୁ ବୁଲିଗଲେ କେମିତି ଚାଲିବୁ ବଜାରରେ.. ତୋ ଚାଲି ଟିକେ ଆମ ଦର୍ଶକ ଭାଇଭଉଣୀଙ୍କୁ ଦେଖାଇ ଦେଲୁ ।" ଇସାରା ପାଇବା ମାତ୍ରେ ମଟ୍‌କୁ ନିଜର ଦୁଇହାତକୁ ପଛକୁ କରି ବେଶ୍ ଛାଟ୍‌ର ସହିତ ଏକ ଭିନ୍ନ ଶୈଳୀରେ ଚାଲିବାକୁ ଆରମ୍ଭ କରିଦେଲା ।

"ଆରେ ବାଃ ମଟ୍‌କୁ.. ପୂରାପୂରି ସାହେବ ଠାଣିରେ ଚାଲି ! କିରେ .. ସାହେବ ବନିଯିବୁ କି ?" ଏତକ ଶୁଣି ମଟକୁ ଗର୍ବର ସହିତ ମୁଣ୍ଡ ହଲାଇ ସ୍ୱୀକୃତି ଜଣାଇଲା । ତା ଢଂଗବାଗ ଆଉ ଅଭିନୟରେ ଖୁସି ହୋଇ ଦର୍ଶକ ତାଳିମାରିବାକୁ ଲାଗିଲେ ।"

"ହଉ, ଏବେ କହ ମଟ୍‌କୁ, କେତୋଟି ପିଲା କରିବୁ ବୋଲି ଯୋଜନା କରିଛୁ ?"

ମଟକୁ ଟିକେ ଚିନ୍ତା କରିବା ମୁଦ୍ରାରେ ବସିଗଲା । ତାପରେ ଦର୍ଶକମାନଙ୍କୁ ଚାହିଁଲା ଆଉ ଛାତିକୁ ଫୁଲାଇ ଡାହାଣ ହାତର ସବୁ ଆଙ୍ଗୁଳିକୁ ଦେଖାଇ ଦେଲା ।

"ଆରେ ବାପ୍‌ରେ.. ପୂରା ପାଂଚ ! କଣ କହୁଚୁ ତୁ ମଟ୍‌କୁ ? କିରେ ସମ୍ଭାଳି ପାରିବୁ ତ ଏ ମହଙ୍ଗା ଯୁଗରେ ?"

ତହୁଁ ସେ କଣ ବିଚାର କଲା କେଜାଣି ଚାରିଟି ଆଙ୍ଗୁଳି ଦେଖାଇଲା ।

"ତା ମାନେ..ପାଂଚ ନୁହେଁ..ଚାରି ? ଭାବିଚିନ୍ତି କହୁଚୁ ତ ?"

ପୁଣି ଟିକେ ଚିନ୍ତା କଲା ମଟକୁ । ତିନିଟି ଆଙ୍ଗୁଳି ଦେଖାଇଲା । ପୁଣି ଦୁଇଟି ଦେଖାଇ ତା ଢଂଗରେ ଜଣାଇଦେଲା ଯେ ସେ ଦୁଇଟି ସନ୍ତାନ କରିବ ଫାଇନାଲ୍ ।

ଏତକି ବେଳେ ବଧୂବେଶରେ ଥିବା ମାଙ୍କଡଟି ତା ଓଢଣା ଭିତରୁ ନିଜ ବୁଢା ଆଙ୍ଗୁଳି ଦେଖାଇ ସେମାନେ ଗୋଟିଏ ସନ୍ତାନ କରିବେ ବୋଲି ଇସାରାରେ ଜଣାଇଲା । ଦର୍ଶକ ତା ଇସାରାକୁ ତାଳି ମାରି ସମର୍ଥନ ଜଣାଇଲେ ।

"ହେଇ ଦେଖ୍ ମଟ୍‌କୁ.. ତୋ ସ୍ତ୍ରୀ କେତେ ସମଝଦାର୍.. ତା ବିଚାରରେ ଗୋଟିଏ ସନ୍ତାନ ହିଁ ଯଥେଷ୍ଟ ଆଜିକାଲିର ଦୁନିଆରେ । ତେବେ ତୁ ଏଥିରେ ସହମତ ପ୍ରକାଶ କରୁଚୁ ତ ?" ମଟ୍‌କୁ କିଛି ପ୍ରତିକ୍ରିୟା ଦେଖାଇଲା ନାହିଁ । ତା ପିଠିରେ ଯେମିତି ଲୋକଟି ବାଡି ଖେଂଚିଦେଲା ମଟ୍‌କୁ ଟିକେ ବିରକ୍ତ ହେଲା । ଅଭିମାନ କରିବା ମୁଦ୍ରାରେ ଟିକେ ଦୂରକୁ ଆସି ମୁହଁ ଶୁଖାଇ ବସି ରହିଲା । ତାର ଏ ଅଭିନୟ ଦ୍ୱାରା ସେ ଜଣାଇ ଦେବାକୁ ଚାହୁଁଥିଲା ଯେ ସେ ଗୋଟିଏ ସନ୍ତାନ ସପକ୍ଷରେ ନୁହେଁ । ଅତି କମ୍‌ରେ ଦୁଇଟି ସନ୍ତାନ ସେମାନଙ୍କର ଦରକାର । ତାର ଏ ଅଭିନୟରେ ଦର୍ଶକ ଖୁସି ହୋଇଗଲେ ଓ ତାଳି ମାରି ତାକୁ ବି ସମର୍ଥନ ଜଣାଇଲେ ।



ଏତିକିରେ ଖେଳ ସରିଗଲା ।

ଦର୍ଶକମାନେ ଜଣେଜଣେ ଖସିବାକୁ ଆରମ୍ଭ କରିଦେଲେ । ଲୋକଟି ସେମାନଙ୍କୁ ପଇସା ମାଗିଲା । କିଛି ଲୋକ ଦେଲେ ଆଉ କିଛି ନିଜ ନିଜ ବାଟରେ ଚାଲିଗଲେ । ଲୋକଟି ଯେତେବେଳେ ସନାତନବାବୁଙ୍କ ପାଖରେ ପହଂଚିଲା , ସନାତନବାବୁ ତାକୁ ଏକ ଶହେଟଙ୍କିଆ ନୋଟ୍ ଧରାଇ ଦେଲେ ।

ଲୋକଟି ଭାବିଲା ବୋଧହୁଏ ଭୁଲରେ ସେ ଏ ନୋଟ୍‌ଟି ଦେଇଦେଇଛନ୍ତି । ତହୁଁ ସେ ସନ୍ଦେହଭରା ଦୃଷ୍ଟିରେ ସନାତନବାବୁଙ୍କୁ ଚାହିଁବାରୁ ସେ ତା କାନ୍ଧରେ ହାତ ରଖି କହିଲେ, "ରଖିନିଅ ଭାଇ.. ମୁଁ ଖୁସି ହୋଇ ତୁମକୁ ଏତିକି ଦେଇଛି ।"

"କିନ୍ତୁ ସାହେବ..ଆପଣଙ୍କ ଆଖିରେ ତ ଲୁହ ଭରିଯାଇଛି ।"

"ସେ କିଛି ନୁହେଁ.. ତୁମେ ଏ ଖେଳ ଦେଖାଇ ମୋ ଅତୀତକୁ ଉଖୁରେଇ ଦେଲ ତ... ସେଇଥିପାଇଁ ......" ସେ ଆଉ କିଛି କହିପାରିଲେ ନାହିଁ । ତାଙ୍କ ଗଳା ରୁନ୍ଧି ହୋଇ ଆସୁଥିଲା । ସେ ତରତର ପଦକ୍ଷେପରେ ସେଠାରୁ ଘରକୁ ଫେରି ଆସିଲେ ।

ଡ୍ରଇଂରୁମ୍‌ରେ ଟଙ୍ଗା ହୋଇଥିବା ପତ୍ନୀ ଆଉ ସେମାନଙ୍କର ଏକମାତ୍ର ପୁତ୍ରର ଫୋଟଚିତ୍ରରେ ବଜାରରୁ ଆଣିଥିବା ଫୁଲମାଳା ପିନ୍ଧାଉଥିବା ସମୟରେ ଲୁହ ଛଳଛଳ ଆଖିରେ କହୁଥିଲେ, "ଚନ୍ଦନର ଜନ୍ମ ପରେ ତୁମେ ଯଦି ଆଉ ଏକ ସନ୍ତାନ ପାଇଁ ରାଜି ହୋଇଯାଇଥାନ୍ତ ସୁରଭି..ଆଜି ମୋତେ ଏ ଦିନ ଦେଖିବାକୁ ପଡିନଥାନ୍ତା ।"

ଏକ ଦୀର୍ଘଶ୍ୱାସ ତାଙ୍କ ଛାତି ଥରାଇ ବାହାରି ଆସୁଥିଲା ସେତେବେଳେ ।

||| ୦ |||



ସୁବ୍ରତ ପଟ୍ଟନାୟକ

# ମହିଳା ପୁଲିସ୍‌ର ଭୂମିକା

**ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ସଚିବ ସଞ୍ଜୀବ ଚୋପ୍ରା, ପୁଲିସ ଡିଜି ଅଭୟଙ୍କୁ ଆମର ବିନମ୍ର ନିବେଦନ, ରୀନାଙ୍କ ପ୍ରତି ସସ୍‌ପେଣ୍ଡ୍ ନିର୍ଦ୍ଦେଶ ପତ୍ୟାହାର କରାଯାଉ । ତାଙ୍କ ପୁଣିଥରେ ପୁଲିସ୍‌ର ଗୌରବ ବଢ଼ାଇବା ପାଇଁ ସୁଯୋଗ ଦିଆଯାଉ । ମାନବିକତାର ପରିଚୟ ଦେଇଥିବା ଟ୍ରାଫିକ୍ ଲେଡି କନଷ୍ଟେବଲ ସାବିତ୍ରୀ ନାୟକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଉ । ତେବେ, ବିଚାର ସରକାରଙ୍କର ।**

କାର୍ଯ୍ୟକ୍ଷେତ୍ରରେ ମହିଳା ପୁଲିସ ସଂଯମୀ ହେବା ନିହାତି ଆବଶ୍ୟକ । ନୀତି ନିୟମକୁ ପାଳନ କରିବା ସମୟରେ ବୁଦ୍ଧି ଓ ବିବେକକୁ ବି ପ୍ରୟୋଗ କରିବାକୁ ପଡ଼ିବ । ସବୁବେଳେ ନିୟମକୁ ଗଣ୍ଠି ପକାଇ ଧରିଲେ ଚଳିବ ନାହିଁ । ବୁଦ୍ଧି ବିବେକ ନଖଟାଇଲେ ବେଳେବେଳେ ଅଡୁଆ ବଢ଼େ । ଉତ୍ତର-ଓଡ଼ିଶାରେ କିଛିଦିନ ପୂର୍ବେ ଦୁଇଟି ଘଟଣା ଘଟିଛି । ଗୋଟିକରେ ପୁଲିସର ସୁନାମ ବଢ଼ିଛି । ଆରଟିରେ ଗରିମାରେ ଆଞ୍ଚ ଆସିଛି ।

ପ୍ରଥମ ଘଟଣାଟି ଭଦ୍ରକ ଟାଉନ୍ ବନ୍ତ-ଛକର । ମାଲେ ସିଂହ ନାମକ ଜଣେ ଗର୍ଭବତୀ ଯୁବତୀ ବନ୍ତଛକରେ ବସ୍‌କୁ ଅପେକ୍ଷା କରିଥିଲେ । ମାଲେଙ୍କ ଘର ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଡୁଙ୍ଗରା ଗ୍ରାମରେ । ପ୍ରସବ କରାଇବା ପାଇଁ ସେ ୫ଦିନ ଧରି ଭଦ୍ରକ ଡାକ୍ତରଖାନାର ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ । ମାତ୍ର, ପ୍ରସବ ନହେବାରୁ ସେ ଡାକ୍ତରଖାନା ଛାଡ଼ି ନିଜ ଘରକୁ ବାହୁଡୁ ଥିଲେ । ଦୁର୍ଯୋଗକୁ ବନ୍ତ-ଛକ ବସ୍‌ଷ୍ଟପରେ ହେଲା ପ୍ରବଳ ଗର୍ଭ ଯନ୍ତ୍ରଣା । ରାସ୍ତା କଡ଼ରେ ଛଟପଟ ହେଲେ । ଟ୍ରାଫିକ୍ ପୋଷ୍ଟରେ ଡ୍ୟୁଟିରେ ଥିଲେ ଲେଡି ଟ୍ରାଫିକ୍ କନଷ୍ଟେବଳ ସାବିତ୍ରୀ ନାୟକ । ଗର୍ଭବତୀ ମହିଳାଙ୍କୁ ସାହାଯ୍ୟ କରିବାକୁ ଅଣ୍ଟା ଭିଡ଼ିଲେ । ଚାରି ପାଞ୍ଚଟି ଲୁଗା ଟାଣି ଅସ୍ଥାୟୀ ତମ୍ବୁ ତିଆରି କଲେ । ତାରି ଭିତରେ ମହିଳାଙ୍କୁ ପ୍ରସବ କରାଇବାରେ ସକ୍ଷମ ହେଲେ । ମାଲେଙ୍କର ସୁସ୍ଥ କନ୍ୟାଟିଏ ହେଲା । ସାବାସ୍ ସାବିତ୍ରୀ ସାବାସ୍ ! ! ପ୍ରସବ କରାଇବାର ଜ୍ଞାନ ଓ କୌଶଳ ବଳରେ ସେ ଜଣେ ଗର୍ଭବତୀ ମହିଳା ଓ ତାଙ୍କ ନବଜାତ କନ୍ୟାଙ୍କ ଜୀବନରକ୍ଷା କଲେ । ଧନ୍ୟ କହିବା । ଭଗବାନ ତାଙ୍କର ଅଶେଷ ମଙ୍ଗଳ କରନ୍ତୁ । କର୍ତ୍ତବ୍ୟ ପାଳନ ସମୟରେ ଏଇ ବିବେକ ଓ ବୁଦ୍ଧି ତାଙ୍କର ଅସଲ ପରିଚୟ । ଏହି ସ୍ତମ୍ଭ ମାଧମରେ ଆମେ ସାବିତ୍ରୀଙ୍କର ଯଶଗାନ କରୁଚେ ।

ଆଉ ଗୋଟିଏ ଘଟଣା ମୟୂରଭଞ୍ଜ ଜିଲ୍ଲାର । ଉଦଳା ଅନ୍ତର୍ଗତ ଶରତ ଥାନା ଅଞ୍ଚଳରେ । ଭଦ୍ରକ ଜିଲ୍ଲା ଗ୍ରାମୀଣ ଡାକ ସେବକ ବିକ୍ରମ ବିରୁଳି ୮ ମାସର ଗର୍ଭବତୀ ପତ୍ନୀଙ୍କୁ ବାଇକ୍‌ରେ ବସାଇ ଉଦଳା ଡାକ୍ତରଖାନାକୁ ଆସୁଥିଲେ । ବିକ୍ରମଙ୍କ ଘର ମୟୂରଭଞ୍ଜ ଜିଲ୍ଲା ଉଦଳା ଅନ୍ତର୍ଗତ ନାଟ ପଞ୍ଚାୟତରେ । ବାଟରେ ଚାଲିଥିଲା ପୁଲିସ ଚେକିଂ । ଉପସ୍ଥିତ ଥାଆନ୍ତି ଶରତ ଥାନା ଲେଡି ସବ-ଇନ୍ସପେକ୍ଟର ରୀନା ବକ୍ସାଲା । ବିକ୍ରମଙ୍କ ଗର୍ଭବତୀ ପତ୍ନୀ ମୁଣ୍ଡରେ ହେଲମେଟ୍ ପିନ୍ଧି ନଥିବାରୁ ତାଙ୍କ ଉପରେ ଭିଡ଼ାଗଲା ଜରିମାନା, ହଜାରେ ଟଙ୍କା । ପାଖରେ ଏତେ ଅର୍ଥ ନଥିବାରୁ ନିଜର ଅସହାୟତା ପ୍ରକାଶ କଲେ ବିକ୍ରମ । ସବ୍‌ଇନ୍ସପେକ୍ଟର୍ ରୀନା ନଛୋଡ଼ବନ୍ଧା । ବିକ୍ରମଙ୍କ ବାଇକ୍‌ର ଚାବି ଛଡ଼ାଇ ନେଲେ । ଥାନାକୁ ଯିବାକୁ ତାଗିଦ୍ କଲେ । ସେଠୁ ଥାନା ତିନି କିଲୋମିଟର । ଗର୍ଭବତୀ ଯୁବତୀ ପ୍ରଚଣ୍ଡ ଖରାରେ ଚାଲି ଚାଲି ଗଲେ ଥାନାକୁ । ମିଡ଼ିଆରେ ଖବର ଛପାଗଲା । ମୟୂରଭଞ୍ଜ ଏସପି ସ୍ମିତ ପାର୍‌ମାର୍ ତୁରନ୍ତ ଘଟଣାର ତଦନ୍ତ କରିବାକୁ ଉଦଳା ଏସଡିପିଓଙ୍କୁ ନିର୍ଦ୍ଦେଶ ଦେଲେ । ତଦନ୍ତ ପରେ ସବ୍‌ଇନ୍ସପେକ୍ଟର ରୀନାଙ୍କୁ ଚାକିରିରୁ ସସପେଣ୍ଡ୍ କରାଯାଇଛି । ଏହା ବିଭାଗୀୟ ପଦକ୍ଷେପ । ସେଥିରେ ଆମର କୌଣସି ଆପତ୍ତି ନାହିଁ ।

ରୀନା ଜଣେ ଲେଡି ସବ୍-ଇନ୍ସପେକ୍ଟର । ହେଲମେଟ୍ ପିନ୍ଧି ନଥିଲେ ବି ଜଣେ ଆଠ ମାସର ଗର୍ଭବତୀ ମହିଳାଙ୍କ ପ୍ରତି ସେ ସଦୟ ହୋଇ ପାରିଥାନ୍ତେ । ଜରିମାନା ଆଦାୟକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଘଟିଛି କି ନା ଆମେ ଜାଣିନେ । ଯଦି ତାହା ହୋଇଥାଏ, ତେବେ ରୀନା ସଂଯମ ହରାଇ ଥାଇ ପାରନ୍ତି । ରୀନା କଠୋର ନହୋଇ କୋମଳ ହୋଇଥିଲେ, କଥା ଏତେ ବାଟ ଆଗେଇ ନଥାନ୍ତା । ବୁଝାସୁଝା କରି ଗର୍ଭବତୀ ମହିଳାଙ୍କୁ ସେ ପୁଲିସ ଭ୍ୟାନ୍‌ରେ ଥାନାକୁ ଅଣାଇ ପାରିଥାନ୍ତେ । ଅତୀତରେ, ରୀନା ନିଜର ପାରିବା ପଣିଆର ପ୍ରମାଣ ଦେଖାଇଛନ୍ତି । ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ରୀନାଙ୍କୁ ଖୋଦ୍ ପୁଲିସ ଡିଜି ଉଚ୍ଚକୋଟୀର ସେବା ଲାଗି ସମ୍ବର୍ଦ୍ଧିତ କରିଛନ୍ତି ।



ଏହା କେବଳ ବ୍ୟକ୍ତିଗତ ଭାବେ ରୀନାଙ୍କୁ ନୁହେଁ, ମୟୂରଭଞ୍ଜ ଜିଲ୍ଲାର ସବୁ ମହିଳା ପୁଲିସ ଅଧିକାରୀଙ୍କୁ ଗୌରବ ମଣ୍ଡିତ କରିଛି ।

ମହିଳା ପୁଲିସ ଅଧିକାରୀ କାହିଁକି ବେଳେବେଳେ ସଂଯମ ହରାଉଛନ୍ତି, ସେ ସମ୍ପର୍କରେ ବି ପରେ ଆଲୋଚନା କରିବା । ଓଡ଼ିଶାରେ ମହିଳା ପୁଲିସଙ୍କ ସଂଖ୍ୟା ସମୁଦ୍ରକୁ ଶଙ୍ଖେ । ଅଧିକାଂଶ ଥାନାରେ ଆବଶ୍ୟକ ଲେଡି କନେଷ୍ଟବଳ, ହାବିଲଦାର ନଥିଲେ ସେ କାମ ଲେଡି ସବ୍‌ଇନ୍ସପେକ୍ଟର ତୁଲାଉଛନ୍ତି । ଦୈନିକ ସାତ-ଆଠ ଘଣ୍ଟା ଖଟିବା ବଦଳରେ ବାର-ଚଉଦ ଘଣ୍ଟା ଖଟିବାକୁ ପଡୁଛି । ବାଧବାଧକତାରେ ଓଭର୍‌ଟାଇମ୍ କରୁଥିବା ମହିଳା ଚିଡ଼ିଚିଡ଼ା ହେବା ସ୍ୱାଭାବିକ । ପ୍ରତ୍ୟେକ ମଣିଷର ମାନସିକ ସ୍ଥିତି ଶାନ୍ତି-କୋମଳ ରହିବ, ଏହାର କୌଣସି ଗ୍ୟାରେଣ୍ଟି ନାହିଁ । ରୀନାଙ୍କ କ୍ଷେତ୍ରରେ ମଧ ସମାନ ତ୍ରୁଟି ଘଟିଥିବ । ତା ନହେଲେ ମାସକ ପୂର୍ବରୁ ପୁଲିସ ଡିଜି ଅଭୟଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ରୀନା, କାହିଁକି ଏମିତି ଭୁଲ କଲେ ?

ପୂର୍ବରୁ ପୁଲିସ ଡିଜି ପଦରେ ଥିଲେ ଗୋପାଳ ଚନ୍ଦ୍ର ନନ୍ଦ । ୨୦୦୭ ମସିହା ନଭେମ୍ବର ପହିଲାରୁ ୨୦୦୮ ମସିହା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସେ ପୁଲିସ ଡିଜି ପଦରେ ଥିଲେ । ସେ ଜଣେ ଉଚ୍ଚକୋଟୀର ସ୍ତମ୍ଭକାର । ଦୁର୍ନୀତି ନିବାରଣ ସମ୍ପର୍କରେ ତାଙ୍କ ଦିଗ୍‌ଦର୍ଶନ ଖବର କାଗଜରେ ପ୍ରକାଶିତ । ପୁଲିସ ଡିଜି ପଦରେ ଥିବାବେଳେ ସେ ପୁଲିସ ଓ କଏଦୀଙ୍କୁ 'ଯୋଗ' ଶିକ୍ଷା ଦେବାକୁ ପରାମର୍ଶ ଦେଇଥିଲେ । କିଛି ଦିନ ତାହା କାର୍ଯ୍ୟକାରୀ ହେଲା । ପରେ, ତାହା ଭୁଲିଗଲେ ।

ଆମ ବିଷୟରେ, ପ୍ରତ୍ୟେକ ଥାନାରେ ଆବଶ୍ୟକ ସଂଖ୍ୟକ ମହିଳା ପୁଲିସ ନିଯୁକ୍ତ ପାଇଲେ, ଏଭଳି ସମସ୍ୟା ଦୂର ହୋଇ ପାରନ୍ତା । ପୁଲିସ୍ ଓ କଏଦୀଙ୍କୁ ଯୋଗ କିମ୍ବା ଭଗବତ୍ ମାର୍ଗରେ ଅନୁପ୍ରାଣିତ କରାଇବା ମଧ ମହତ କାର୍ଯ୍ୟ । ଯୋଗ, ଆସନ, ପ୍ରାଣାୟାମ ଆଦି ଜରିଆରେ ସଂଯମ ଶିକ୍ଷା ପ୍ରଦାନ ଜରୁରୀ । ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ସଚିବ ସଞ୍ଜୀବ ଚୋପ୍ରା, ପୁଲିସ ଡିଜି ଅଭୟଙ୍କୁ ଆମର ବିନମ୍ର ନିବେଦନ, ରୀନାଙ୍କ ପ୍ରତି ସସ୍‌ପେଣ୍ଡ୍ ନିର୍ଦ୍ଦେଶ ପତ୍ୟାହାର କରାଯାଉ । ତାଙ୍କ ପୁଣିଥରେ ପୁଲିସ୍‌ର ଗୌରବ ବଢ଼ାଇବା ପାଇଁ ସୁଯୋଗ ଦିଆଯାଉ । ମାନବିକତାର ପରିଚୟ ଦେଇଥିବା ଟ୍ରାଫିକ୍ ଲେଡି କନଷ୍ଟେବଳ ସାବିତ୍ରୀ ନାୟକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଉ । ତେବେ, ବିଚାର ସରକାରଙ୍କର । ଜୟ ଜଗନ୍ନାଥ ।

+ ଓରାଳି, କେନ୍ଦୁଝର
(ମୋ) ୯୯୩୭୭୯୧୨୪୪



# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ॥ ତମେ କଲେ ଲୀଳା... ॥

ନିକଟରେ ସୋସିଆଲ ମିଡିଆରେ ଗୋଟାଏ ଭିଡିଓ ବେଶ୍ ଭାଇରାଲ ହେଉଛି । ଭିଡିଓଟିରେ ଦେଖାଯାଉଛି ଏକ ଆଭିଜାତ୍ୟସମ୍ପନ୍ନ ବିବାହ ଉତ୍ସବରେ ଖୋଦ୍ ଜିଲ୍ଲାପାଳ ପହଞ୍ଚି କୋଭିଡ୍ ନିୟମ ଉଲଙ୍ଘନ ହେଉଥିବାର ଦେଖି କ୍ଷୁବ୍ଧ ହେଉଛନ୍ତି ଏବଂ ତୁରନ୍ତ ପଦକ୍ଷେପ ନେଉଛନ୍ତି । ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କୁ କଡ଼ା ଭାଷାରେ ଗାଳି ଗୁଲଜ କରୁଛନ୍ତି । କନ୍ୟାମାତାଙ୍କ ହାତରୁ ପରମିସନ୍ ଲେଟର୍ ନେଇ ଚିରି ଦେଉଛନ୍ତି । ବରକୁ ଧକ୍କା ମାରୁଛନ୍ତି । ଏପରିକି ପ୍ରତିବାଦ କରୁଥିବା ପୁରୋହିତଙ୍କୁ ହାତ ଉଠାଇ ଚାପୁଡ଼ା ମାରୁଛନ୍ତି । ଠିକ୍ କଥା; ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀ ଭାବରେ ସବୁ ଦାୟିତ୍ୱ କଲେକ୍ଟର ମହୋଦୟଙ୍କର, କୋଭିଡ଼୍‌ର ଉତ୍ତର ଦାୟିତ୍ୱ ତାଙ୍କ ଉପରେ । ଖୁଲମ୍‌ଖୁଲ୍ଲା କୋଭିଡ୍ ନିୟମର ଉଲଂଘନ ହେଲେ କେମିତି ବା ସହିବେ, ନିଜର ପତିଆରା ବି ଦେଖେଇବେ ନା ! ଏମିତି ଗୋଟିଏ ଦୃଶ୍ୟ ଦେଖିବାକୁ ମିଳିଥିଲା । ଗତ ପ୍ରଥମ କରୋନା ଲହର ସମୟରେ । ବାବୁ ରଂଜନ ଦାସ ଥିଲେ ଯାଜପୁର କଲେକ୍ଟର । ଖୋଦ୍ କଲେକ୍ଟର ହାତରେ ଲାଠି ଧରି ଅମାନିଆମାନଙ୍କୁ ସାବାଡ଼ କରିବା ପାଇଁ ଅଣ୍ଟା ଭିଡିଥିଲେ । ଭିଡିଓଟି ସେତେବେଳେ ଜାତୀୟ ସ୍ତରରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲା । ରଂଜନ ବାବୁଙ୍କୁ ଅନେକ ସାବାସୀ ଦେଇଥିଲେ ।

ତେବେ ଗୋଟିଏ କଥା ସାଧାରଣରେ ଆଲୋଚନା ହେଉଛି, ନିର୍ବାଚନ ରାଲି, କୋଳାକୋଳି, ମେଳାମେଳି, କୁମ୍ଭମେଳାରେ ବାବାଙ୍କ ଦଳ କେଳି ସମୟରେ ପୁଲିସ୍ ପ୍ରଶାସନ ନୀରବ କାହିଁକି ? ଏବେ ସୁପ୍ରିମକୋର୍ଟ୍ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ସାଧାରଣ ଲୋକ ସରକାରୀ କଳର ଏତେ ପେଞ୍ଚପାଞ୍ଚ ବୁଝିପାରନ୍ତିନି । ତେବେ ଗୋଟିଏ କଥା କହୁଛନ୍ତି "ତମେ କଲେ ଲୀଳା, ଆମେ କଲେ କୀଳା !

## ॥ ସମୟ ଭଲ ନାହିଁ ॥

ଦ୍ୱିତୀୟ କରୋନା ଲହର ହଠାତ୍ ସୁନାମୀ ଭଳି ମାଡ଼ି ଆସିବ ଏକଥା କେହି ଭାବିନଥିଲେ । ଅବଶ୍ୟ ଢେର୍ ସରପଞ୍ଚ ପାଗ ଭିଡ଼ି ବସିଥିଲେ କଲେକ୍ଟର ହେବା ପାଇଁ । କାରଣ ଏଥିରେ ଲାଭ ଦୁଇ ପ୍ରକାର । ପଇସା ଓ ପାୱାର । କରୋନା ପାଇଁ ଆସୁଥିବା ସୁବିଧା ସୁଯୋଗର ହିସାବ କିଏ ଜାଣୁଛି ? ନନ୍ଦନକାନନ ବାଘଭାଲୁଙ୍କ ଖାଇବା ଖର୍ଚ୍ଚ ହିସାବ ମାଗିବା ସାଙ୍ଗେ ସମାନ । ତେଣୁ ଇଲେକ୍‌ସନ୍ ଆଗରୁ ଏଇଥିରୁ ଜୋର୍‌ଦାରିଆ ଚାନ୍ସ ମିଳିବ ବୋଲି ଢେର୍ ଆଶାବାନ୍ଧି ବସିଥିଲେ । ହେଲେ କେଜାଣି କାହିଁକି ଅଧିକାଂଶ ସରପଞ୍ଚ ବାବୁମାନଙ୍କର ମନ ଭଲ ନାହିଁ । ଏବେ କୁଆଡ଼େ ନବୀନଜୀ ସବୁ ଟାଇଟ୍‌ରେ କରିବେ । ଗତଥରର କାର୍ଯ୍ୟକଳାପରେ ନବୀନ ବାବୁ ବହୁତ କ୍ଷୁବ୍ଧ । ଦେଖାଯାଉ ଆଗକୁ କ'ଣ ଘଟୁଛି । ସମୟ ଭଲନାହିଁ ସତରେ !

ଧର୍ମୀୟ ଉନ୍ମାଦନାରେ ଭାରତବର୍ଷ ବିଖଣ୍ଡିତ ହେଲାବେଳେ ସଂକଟରେ ପଡିଥିଲା ଯେଉଁ ସ୍ନେହ, ସମ୍ପର୍କ ଓ ବିଶ୍ୱାସ, ସେଇସବୁ ଜୀବନ୍ତ ଦଲିଲ୍‌ର କଳ୍ପରୂପ.. ଗଳ୍ପଗୁଚ୍ଛ...ଦୀପକଙ୍କ ନିଜସ୍ୱ ଶୈଳୀରେ... ପ୍ରତି ସଂଖ୍ୟାରେ ।






ଦୀପକ ରଂଜନ ମିଶ୍ର

# ॥ ହିନ୍ଦୁସ୍ଥାନ ଜିନ୍ଦାବାଦ୍ ॥



ଗୁଲଜାର
(୧୯୩୪)

ପରାଧୀନତାର ଶୃଙ୍ଖଳ ଛିଣ୍ଡି ଦେଶ ସ୍ୱାଧୀନ ହେବା ବେଳକୁ ହୁଏ ଖଣ୍ଡ ବିଖଣ୍ଡିତ । ଧର୍ମକୁ ଆଧାର କରି ଭାଗଭାଗ ହୁଏ ମାଟି । ଭାରତ ଭୂଖଣ୍ଡରେ ସଂଘଟିତ ହୋଇଥିବା ହିଂସା, ଦ୍ୱେଷ ଓ ଘୃଣାର ଏଇ ମହାଯଜ୍ଞରେ ଆମ ପୂର୍ବପୁରୁଷଙ୍କୁ କେତେ କ'ଣ ଆହୁତି ଦେବାକୁ ପଡ଼ିଛି । ସେଇମିତି ଏକ ନିଆରା ଆହୁତିର କଥାକୁ ଆପଣା ଗଳ୍ପ 'ରାବୀ ପାର୍'ରେ ବର୍ଣ୍ଣନା କରିଛନ୍ତି ଉର୍ଦ୍ଦୁ ଭାଷାର ପ୍ରଖ୍ୟାତ ଗୀତିକାର ତଥା ଲେଖକ ଗୁଲଜାର ସାହେବ । ଏଥର ସେଇ ହୃଦୟଥରା ଗଳ୍ପ ବିଷୟରେ .....

ଦର୍ଶନ ସିଂହଟା ପାଗଳ ହେଲାନି କେମିତି କେଜାଣି । ତା' ବାପ ମରିଯାଏ ଘରେ । ମା' ଗୁରୁଦ୍ୱାରାର ଧ୍ୱଂସସ୍ତୁପ ତଳେ କୋଉଠି ହଜିଯାଏ । ଆଉ ସେଇ ବିପର୍ଯ୍ୟୟ ବେଳେ ହିଁ ତା' ସ୍ତ୍ରୀ, ସାହନୀ ଜାଆଁଳା ଶିଶୁପୁତ୍ରଙ୍କୁ ଜନ୍ମଦିଏ । ହସିବ କି କାନ୍ଦିବ ଜାଣି ପାରୁ ନଥାଏ ବିଚରା । ଭାଗ୍ୟ ତା'ସହ ଖେଳୁଥାଏ ଅଜବ ଖେଳ । ଗୋଟେ ହାତରେ ଟେକିଦେବା ବେଳେ ଅନ୍ୟ ହାତରେ ଭିଡ଼ି ନେଉଥାଏ ।

କେତେଦିନ ହେଲା ସେମାନେ ଶୁଣୁଥାନ୍ତି ସ୍ୱାଧୀନତା ଆସୁଛି ବୋଲି । ହେଲେ କେବେ ତାହା ଆସି ତାଙ୍କ ତୋଡରମଲ୍‌ପୁରରେ ପହଞ୍ଚିବ ସେ କଥା କେହି ଜାଣି ନଥାନ୍ତି । ହିନ୍ଦୁ ତଥା ଶିଖ୍ ସମ୍ପ୍ରଦାୟର ଲୋକେ ଆପଣାକୁ ନିଜ ଘରେ ଅସୁରକ୍ଷିତ ମଣି ସ୍ଥାନୀୟ ଗୁରୁଦ୍ୱାରାରେ ଏକତ୍ରିତ ହେବାକୁ ଲାଗନ୍ତି । ପ୍ରସବ କାଳ ନିକଟ ହେଉଥିବାରୁ ସାହନୀ ଦିନରାତି ଗର୍ଭପୀଡ଼ା ଭୋଗୁଥାଏ । ଏଇଟି ତା'ର ପ୍ରଥମ ଗର୍ଭଧାରଣ । ଦର୍ଶନ ସିଂହ ଆଖପାଖରେ ଘଟିଯାଉଥିବା ଦଙ୍ଗାଗୁଡ଼ିକର ଖବର ନେଇ ଘରକୁ ଆସେ । ଭାପ୍ପାଜୀ ସବୁବେଳେ ପୁଅର ମନୋବଳ ଦୃଢ଼ କରିବା ଲକ୍ଷ୍ୟରେ କହନ୍ତି, "କିଛି ହବନିରେ ପୁତ୍ତର୍ । କୌଣସି ଗୋଟେ ହେଲେ ହିନ୍ଦୁ କି ଶିଖ୍‌ର ଘର ଉପରେ ଏବେ ପର୍ଯ୍ୟନ୍ତ ଆକ୍ରମଣ ହେବାର ଦେଖିଛୁ କି ?" - "କିନ୍ତୁ ଭାପ୍ପାଜୀ, ଗୁରୁଦ୍ୱାରା ଉପରେ ତ ଆକ୍ରମଣ ହେଉଛି । ଦୁଇ ଦୁଇଥର କିରୋସିନି ଢାଳି ନିଆଁ ଲଗାଇ ଦେଲେଣି ସେମାନେ ।" - "ଆଉ ତଥାପି ତୁମେମାନେ ସେଇ ଗୁରୁଦ୍ୱାରାରେ ଏକତ୍ରିତ ହେବାକୁ ଚାହୁଁଛ !" ଏହା ଶୁଣି ଦର୍ଶନ ସିଂହ ପ୍ରତିଥର ଚୁପ୍ ହୋଇଯାଏ । ଲୋକେ କିନ୍ତୁ ଘର ଛାଡ଼ି ଗୁରୁଦ୍ୱାରାରେ ଶରଣ ନେବା ଜାରି ରଖିଥାନ୍ତି । ଗୋଷ୍ଠୀ ଭିତରେ ରହିଲେ ନିଜକୁ ଅଧିକ ସୁରକ୍ଷିତ ମଣିବା ସ୍ୱାଭାବିକ । ଏମାନଙ୍କ ଗଳିରେ ଦର୍ଶନ ସିଂହଙ୍କ ପରିବାରକୁ ଛାଡ଼ି ଅନ୍ୟ ସବୁ ହିନ୍ଦୁ ଓ ଶିଖ୍ ପରିବାର କୌଣସି ନା କୌଣସି ସୁରକ୍ଷିତ ସ୍ଥାନକୁ ଚାଲିଯାଇଥାନ୍ତି ମୁଣ୍ଡଗୁଞ୍ଜିବା ଲକ୍ଷ୍ୟରେ । ଏମାନେ ରହିଯାଇଥାନ୍ତି ସମ୍ପୂର୍ଣ୍ଣ ଏକୁଟିଆ । ଦିନେ ରାତିରେ କିଛିଲୋକ ଉଚ୍ଚ ସ୍ୱରରେ 'ଯୋ ବୋଲେ ସୋ ନିହାଲ୍' କହି କହି ଗୁରୁଦ୍ୱାରା ଆଡ଼କୁ ଯାଉଥାନ୍ତି । ଏ ଶବ୍ଦ ଶୁଣି ନିଦ ଭାଙ୍ଗିଯାଏ ଭାପ୍ପାଜୀଙ୍କର । ସେ ବାହାର ପିଣ୍ଡାକୁ ବାହାରି ଆସନ୍ତି କଥାଟି କ'ଣ ଜାଣିବା ଉଦ୍ଦେଶ୍ୟରେ । ପାହାଚ ଓହ୍ଲାଇଲା ବେଳେ ତାଙ୍କ ଗୋଡ଼ ଖସି ସେ ପଡ଼ିଯାଆନ୍ତି ଅଗଣାରେ । ତଳେ ଥିବା କୋଦାଳଟି ମୁଣ୍ଡ ଭିତରେ ଗଳିଯିବାରୁ ପ୍ରଚୁର ରକ୍ତସ୍ରାବ ହୁଏ । ଏଭଳି ପରିସ୍ଥିତିରେ ଡାକ୍ତରଖାନା ନେବା ସମ୍ଭବ ନୁହେଁ । କିଛି ସମୟ ଭିତରେ ପ୍ରାଣବାୟୁ ଉଡ଼ିଯାଏ । ବଡ଼କଷ୍ଟରେ ସେମାନେ ଭାପ୍ପାଜୀଙ୍କର ଶେଷକୃତ୍ୟ ସମାପନ କରନ୍ତି । ଦର୍ଶନ ସିଂହର ଆଉ ସାହସ ହୁଏନି ସେଇ ଘରେ ରହିବାକୁ । ଗହଣାଗାଣ୍ଠିକୁ ଗୋଟେ ତକିଆ ଭିତରେ ପୂରାଇ କିଛି ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ସେମାନେ ଚାଲିଆସନ୍ତି ଗୁରୁଦ୍ୱାରାକୁ । ସେଠାରେ ବହୁଲୋକ ସେଇଭଳି ପରିସ୍ଥିତିର ଶିକାର ହୋଇ ଶରଣ ନେଇଥିବାରୁ ତାଙ୍କସହ ସାମିଲ୍ ହୋଇ ଏମାନେ ନିଜକୁ ଟିକିଏ ସୁରକ୍ଷିତ ମଣନ୍ତି । ଦର୍ଶନ ସିଂହ ମନରୁ ଭୟ ଦୂରେଇ ଯିବାବେଳେ ତା' ପାଟିରୁ ବାହାରିପଡ଼େ, "ଏବେ ଆମେ ଆଉ ଏକା ନୁହେଁ । ଆମ ସହିତ ଏତେ ଲୋକ ଅଛନ୍ତି । ପୁଣି ଏଠି ୱାହେଗୁରୁଙ୍କ ଛତ୍ରଛାୟା ବିତ ରହିଛି ।" ସ୍ୱେଚ୍ଛାସେବୀମାନେ ସର୍ବଦା ବ୍ୟସ୍ତ ଥାଆନ୍ତି । ଲୋକେ ତାଙ୍କ ଘରୁ ଆସିଲା ବେଳେ ଅଟା, ଡାଲି, ଘିଅ ଇତ୍ୟାଦି ଆଣିଥାନ୍ତି ସାଙ୍ଗରେ । ଲଙ୍ଗର (ସାର୍ବଜନୀନ ରୋଷେଇ ଶାଳା) ଖୋଲାଥାଏ ଦିନରାତି । ଖାଇବା ପିଇବାରେ କାହାରି ସେମିତି ଅସୁବିଧା ହେଉ ନଥାଏ । ପ୍ରତ୍ୟେକେ ପ୍ରତ୍ୟେକଙ୍କ ସହଯୋଗକୁ ଅଣ୍ଟାଭିଡ଼ି ବାହାରି ଆସୁଥାନ୍ତି । ହେଲେ ସେମିତି ଡରିମରି କେତେଦିନ ବା ରହିବେ ସେଇଠି ? ଏଇ ପ୍ରଶ୍ନରେ ସମସ୍ତେ ବିଚଳିତ । ଲୋକେ ସରକାରଙ୍କ ଉପରେ ଖୁବ୍ ଆସ୍ଥା ରଖିଥାନ୍ତି । ଇଂରେଜଙ୍କ ଶାସନ ପରେ ଏବେ ପରା ତାଙ୍କ ଆପଣାର ନେତାମାନେ କ୍ଷମତାସୀନ । ଆଜି ନହେଲେ କାଲିକି ସେମାନଙ୍କୁ ସୈନ୍ୟ ସହାୟତା ଯୋଗାଇ ଦିଆଯିବ । ଆଇନ୍ ପରିସ୍ଥିତି ସାମାନ୍ୟ ହୋଇଗଲେ ହୁଏତ ସେମାନଙ୍କୁ ନିଜ ଭିଟାମାଟି ଛାଡ଼ି ଅନ୍ୟତ୍ର ଶରଣାର୍ଥୀ ସାଜି ଯିବାକୁ ନପଡ଼ି ପାରେ ମଧ୍ୟ । ପରସ୍ପର ଭିତରେ କିଛି ଆଳାପ ଆଲୋଚନା ଚାଲିଥାଏ - "କୋଉ ସରକାରଙ୍କ ଉପରେ ତୁମେ ଭରସା ରଖିଛ କହିଲ ଶୁଣେ ! ଇଂରେଜ ମାନେ ତ ଚାଲିଗଲେଣି ତାଙ୍କ ଦେଶକୁ । ଏଠି ପାକିସ୍ଥାନ ନିର୍ମାଣ ସରିଲାଣି ହେଲେ ସରକାର ବନିବା ବାକି ଅଛି ।" - "ମୁଁ ଶୁଣିଛି ସେନାବାହିନୀ ସବୁଠି ଛାଇଁହୋଇ ରହିଛନ୍ତି । ସେମାନେ ଶରଣାର୍ଥୀମାନଙ୍କୁ ସୀମା ପାରି ହେବାରେ ସାହାଯ୍ୟ କରୁଛନ୍ତି ।" - "ଶରଣାର୍ଥୀ ! ଏମାନେ ପୁଣି କିଏ ?" - "ଶରଣାର୍ଥୀ ମାନେ ରିଫ୍ୟୁଜୀ ।" - "ମୁଁ ଏଭଳି ଶବ୍ଦ କେବେ ଶୁଣି ନଥିଲି ଆଗରୁ ।"

ଦୁଇ ତିନୋଟି ପରିବାର ଗୁରୁଦ୍ୱାରାର ଉଦ୍‌ବେଗଜନକ ପରିସ୍ଥିତି ସମ୍ଭାଳି ନପାରି ସେଇଠୁ ଚାଲିଯିବାକୁ ମନସ୍ଥ କରି କହନ୍ତି, "ଆମେ ରେଳଷ୍ଟେସନ୍‌କୁ ଯାଉଛୁ । ଭାରତ ପାକିସ୍ଥାନ ମଧ୍ୟରେ ପୁଣିଥରେ ଟ୍ରେନ ଚାଲୁଥିବାର ଶୁଣିବାକୁ ମିଳୁଛି । ଏଇଠି କେତେଦିନ ଆଉ ଏମିତି ଅବସ୍ଥାରେ ପଡ଼ି ରହିଥିବା । ଆମକୁ ସାହସୀ ହେବାକୁ ପଡ଼ିବ । ନିଜକୁ ନିଜେ ସାହାଯ୍ୟ ନକଲେ ୱାହେଗୁରୁ କ'ଣ ତାଙ୍କ କାନ୍ଧରେ ବସାଇ ଆମକୁ କୌଣସି ସୁରକ୍ଷିତ ସ୍ଥାନକୁ ନେଇଯିବେ ?" ସେତେବେଳକୁ ଆଉଜଣେ ସେମାନଙ୍କ କଥନକୁ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ବଡ଼ ପାଟିରେ କହୁଥାଏ - "ନାନକ ନାମ ଜହାଜ ହୈ, ଯୋ ଚଢ଼େ ସୋ ଉତ୍‌ରେ ପାର୍ ।" ସେମାନେ ସାଥୀଙ୍କ ପାଖରୁ ବିଦାୟ ନେଇ ରେଳଷ୍ଟେସନ୍ ଅଭିମୁଖେ ଚାଲିଯାଆନ୍ତି । ସେମାନଙ୍କ ଜାଗାରେ ଏକ ଶୂନ୍ୟସ୍ଥାନ ଆପେ ଆପେ ତିଆରି ହୋଇଯାଏ । ବାହାରୁ କିଛି ଲୋକ ଆସନ୍ତି ସାଙ୍ଗରେ ନୂଆଁ ଖବର ନେଇ । ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଆପେ ଆପେ ଭରିଯାଏ ସେଇ ଖବରଗୁଡ଼ିକ ଯୋଗୁଁ । - "ଷ୍ଟେସନ୍‌ରେ ନାହିଁ ନଥିବା ଭିଡ଼, ଢେରଲୋକ ଜମା ହୋଇଛନ୍ତି ।" - "କେତେ ଖାଦ୍ୟାଭାବ ଯୋଗୁଁ ଭୋକ ଓପାସରେ ମଲାବେଳେ ଆଉ କେତେ ଅତ୍ୟଧିକ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି । ସେଇଠି ଯେମିତି ପରିସ୍ଥିତି, ମହାମାରୀ ବ୍ୟାପିଯିବାର ଯଥେଷ୍ଟ ସମ୍ଭାବନା ।" - "ପୁଣିଥରେ ଟ୍ରେନ୍ ଚାଲୁଛି ସତ ହେଲେ କେବେ ଯିବ କିଛି ଠିକ୍ ଠିକଣା ନାହିଁ । ପାଞ୍ଚଦିନ ପୂର୍ବରୁ ଏଇ ରାସ୍ତାରେ ଗୋଟେ ଟ୍ରେନ୍ ଯାଇଥିଲା । ସୋରିଷ ଦାନାଟେ ରଖିବାକୁ ଜାଗା ନଥିଲା ସେଥିରେ । ଛାତ ଉପରେ ବି ଲୋକେ ଖୁନ୍ଦାଖୁନ୍ଦି ହୋଇ ବସିଥିଲେ । କାଳେ କିଏ ଖସିପଡ଼ିବ ବୋଲି ସେମାନଙ୍କୁ ଦେଖି ଆମେ ଦେଖିଥିବା ଲୋକଙ୍କୁ ଭୟ ଲାଗୁଥାଏ ।"

ସେଦିନ ଥିଲା ସଂକ୍ରାନ୍ତି । ବଡ଼ିଭୋରରୁ ରାତି ଅଧଯାଏ ପୂଜାପାଠ ଚାଲେ ଗୁରୁଦ୍ୱାରାରେ । ସେଇ ପବିତ୍ର ଦିନରେ ସାହନୀ ଭୀଷଣ ଗର୍ଭକଷ୍ଟ ଭୋଗିବା ପରେ ଜାଆଁଳା ଶିଶୁପୁତ୍ରଙ୍କୁ ଜନ୍ମଦିଏ । ସେଭିତରୁ ଜଣକର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଠାକ୍ ଥିବାବେଳେ ଅନ୍ୟଜଣକ ଥାଏ ଖୁବ୍ ଦୁର୍ବଳ । ତା'ର ବଞ୍ଚିବାର କ୍ଷୀଣ ସମ୍ଭାବନା ଥିଲେ ସୁଦ୍ଧା ସାହନୀ ତା'ର ଖୁବ୍ ଯତ୍ନ ନେଉଥାଏ । ମା' ପରା ସିଏ । ଦୁର୍ବଳ ଛୁଆକୁ କ'ଣ ଅଣଦେଖା କରି ପାରିବ । ସେଇ ରାତିରେ କେହିଜଣେ ଘୋଷଣା କରେ - "ରିଫ୍ୟୁଜୀମାନଙ୍କୁ ନେବାପାଇଁ ସ୍ୱତନ୍ତ୍ର ଗାଡ଼ି ପହଞ୍ଚିଯାଇଛି । ଯେତେଜଣ ଯାଇ ପାରିବ ପଳାଇ ଚାଲ ଏଠୁ ।" ଆପେ ବଞ୍ଚିଲେ ବାପର ନାଁ ବୋଲି ଭାବି ଅନେକ ଲୋକ ଯିବାପାଇଁ ବାହାରନ୍ତି । ଗୋଟେ ଲମ୍ବା କାଫିଲା ମୁହାଁଏ ଷ୍ଟେସନ୍ ଆଡ଼କୁ । ଦର୍ଶନ ସିଂହର ଭାରି ମନ ସେମାନଙ୍କ ସହ ଚାଲିଯିବାକୁ । ହେଲେ ସାହନୀର ଯେଉଁ ପରିସ୍ଥିତି ସେଥିରେ ସେମାନେ ଯିବେ କେମିତି ? ସାହନୀ ବହୁତ ଦୁର୍ବଳ ଥିବା ସତ୍ତ୍ୱେ କେବଳ ନିଜ ଛୁଆ ଦୁଇଟିଙ୍କ ପାଇଁ ଯିବାକୁ ରାଜି ହୁଏ । ମାତାଜୀଙ୍କର କିନ୍ତୁ ନିଜ ଗାଁ, ନିଜ ମାଟି ଛାଡ଼ିବାକୁ ମନ ନଥାଏ । ସେ ପୁଅକୁ ବୁଝାଇବା ଢଙ୍ଗରେ କହନ୍ତି, "ମୁଁ ପରେ ଯିବି ବେଟା । ଯା'ପରେ ତ ଆହୁରି କେତେ କାଫିଲା ଯିବେ । ମୋ ବୋହୂ ଓ ନାତିମାନଙ୍କୁ ଧରି ତୁ ଚାଲିଯା' ଏଠୁ । ହଁ ଗଲାବେଳେ ସଦା ହୁସିଆର ଥିବୁ ।" ଦର୍ଶନ ସିଂହକୁ ମା'ର କଥା ଭାରି ଅଖାଡୁଆ ଲାଗେ । ମା'ର ସ୍ୱରଟି ତାକୁ ଠିକ୍ ଭାପ୍ପାଜୀଙ୍କ ଭଳି ଶୁଭେ । ସେ ଖୁବ୍ ଯୁକ୍ତି କରେ ମା' ସହ । ସମସ୍ତେ ଏକାସାଙ୍ଗରେ ଚାଲିଯିବା ଭଲ । ସେ ଏକୁଟିଆ କାହିଁକି ରହିବ ? କାଲିକି କ'ଣ ହେବ କିଏ ଜାଣିଛି ? ମା' କିନ୍ତୁ କୌଣସି କଥା ଶୁଣିବାକୁ ନାରାଜ । ଗୁରୁଦ୍ୱାରାର ଗ୍ରନ୍ଥୀ ବି ମା'ର ପକ୍ଷ ନିଅନ୍ତି । ସ୍ୱେଚ୍ଛାସେବୀମାନେ ତାକୁ ସାନ୍ତ୍ୱନା ଦେଇ କହନ୍ତି, "ଯେତେଜଣ ପାରୁଛ ଚାଲିଯାଅ ସରଦାରଜୀ । ଆଗପଛ ହୋଇ ଆମେ ସମସ୍ତେ ସୀମା ସେପାରିକୁ ଯିବା ହିଁ ଯିବା । ଆମେ ଗଲାବେଳେ ଆମ ସହ ବୀଜୀଙ୍କୁ ନେଇଯିବୁ । ତାଙ୍କର କିଛି ଅସୁବିଧା ହେବନି । ତୁମେ ନିଶ୍ଚିନ୍ତ ହୋଇ ଯାଅ ।" ଅନିଚ୍ଛା ସତ୍ତ୍ୱେ ଦର୍ଶନ ସିଂହ ନବଜନ୍ମିତ ଶିଶୁପୁତ୍ର ଦ୍ୱୟଙ୍କୁ ଗୋଟିଏ ଢାଙ୍କୁଣି ଥିବା ବେତ ପାଛିଆରେ ରଖି ସାହନୀ ସହିତ ଗୁରୁଦ୍ୱାରାରୁ ବାହାରେ । ପାଛିଆଟିକୁ ସେ ଏମିତି ମୁଣ୍ଡରେ ମୁଣ୍ଡେଇଥାଏ ଯେମିତି ସେଥିରେ ତା' ପରିବାରର ସମସ୍ତ ଅମୂଲ୍ୟ ସମ୍ପତ୍ତି ଠୁଳହୋଇ ରହିଛି ।

ଷ୍ଟେସନ୍‌ରେ ଟ୍ରେନ୍ ଥିଲେ ବି ସେଥିରେ ବସିବା ତ ଦୂରର କଥା ଠିଆ ହେବାପାଇଁ ସୁଦ୍ଧା ଜାଗା ନଥାଏ । ପ୍ରାଣ ବିକଳରେ ଲୋକେ ଛାତ ଉପରକୁ ଚଢ଼ି ସେଇଠି ବସିଥାନ୍ତି ଆପଣା ପେଡ଼ି ପୁଟୁଳି କୁଣ୍ଢେଇ । ଲୋକେ କଅଁଳା ଛୁଆ ଦୁଇଟି ଓ ତାଙ୍କ ମା'ର ଦୁର୍ବଳ ଅବସ୍ଥା ଦେଖି ତାଙ୍କୁ ଛାତ ଉପରକୁ ଉଠେଇ ନେଇ, ବସିବା ପାଇଁ ଜାଗା କରିଦିଅନ୍ତି । ଟ୍ରେନ୍ ସେଇମିତି ସ୍ଥିତପ୍ରଜ୍ଞଙ୍କ ଭଳି ଠିଆ ହୋଇଥାଏ । ଖୁନ୍ଦାଖୁନ୍ଦି ହୋଇ ଭରି ରହିଥାନ୍ତି ଲୋକ ତା' ଭିତରେ ତଥା ଛାତ ଉପରେ । ପ୍ଲାଟଫର୍ମକୁ ଓହ୍ଲାଇଲେ ପୁଣି ଭିତରକୁ ପଶିବା ସମ୍ଭବ ହେବ କି ନାହିଁ କିଏ ଜାଣିଛି । ତେଣୁ ଯିଏ ଯେମିତି ଅବସ୍ଥାରେ ଅଛି ସେଇମିତି ରହିଥିବା ଭଲ । କେତେବେଳେ ହେଲେ ତ ଟ୍ରେନ୍ ଗଡ଼ିବ । ପହଞ୍ଚାଇ ଦେବ ସେମାନଙ୍କୁ ସୁରକ୍ଷିତ ଭାବେ ତାଙ୍କ ଅଜଣା ଗନ୍ତବ୍ୟ ସ୍ଥଳରେ । ସମସ୍ତେ ଆତଙ୍କିତ ଅବସ୍ଥାରେ ଥିବାରୁ କାହାକୁ ଭୋକଶୋଷ ଲାଗୁ ନଥାଏ । କାହା ଉପରେ କିଭଳି ବର୍ବରତା ଘଟିଯାଇଛି ସେଇ ବିଷୟ ବର୍ଣ୍ଣନା କରି ସହଯାତ୍ରୀଙ୍କ ସହାନୁଭୂତି ଟିକିଏ ପାଇବା ପାଇଁ ସମସ୍ତେ ପ୍ରୟାସରତ । ଛୋଟ ଛୁଆମାନେ କିଛି ନବୁଝି ରାହା ଧରି କାନ୍ଦି କାନ୍ଦି ନିଦେଇ ଯାଇଥାନ୍ତି । ସମସ୍ତଙ୍କର ଠାକୁରଙ୍କ ପାଖରେ ସେଇ ଗୋଟିଏ ହିଁ ପ୍ରାର୍ଥନା, ଯେମିତି ହେଲେ ଟ୍ରେନ୍‌ଟି ଆଗକୁ ଗଡୁ । ଏଇ ଅବସ୍ଥାରେ ପୁଣି ଯଦି ମୁସଲମାନ ସେଠାରେ ଦଳ ବାନ୍ଧି ପହଞ୍ଚିଯାଆନ୍ତି ତେବେ ଘୋର ଅନର୍ଥ ହୋଇଯିବ । ସେମାନେ ଗାଜର ମୂଳା ଭଳି ଖଣ୍ଡ ଖଣ୍ଡ କରି ହାଣି ପକାଇବେ ସମସ୍ତଙ୍କୁ । ସ୍ୱାଧୀନତା ପ୍ରାପ୍ତିର ଆଳରେ କ'ଣ ହୋଇଗଲା ଯେ ଦେଶଟା ! ଶହ ଶହ ବର୍ଷର ଏକତ୍ର ସହାବସ୍ଥାନ କଥା ମଣିଷ ନିମିଷକେ ଭୁଲିଯାଇ ପରସ୍ପରର ରକ୍ତ ପିଇବାକୁ ବାହାରି ପଡ଼ିଲା ଦାଣ୍ଡକୁ ! ଏଇମିତି ଶ୍ୱାସରୁଦ୍ଧ ଅବସ୍ଥାରେ ବିତିଯାଏ ଦୀର୍ଘ ଦଶଘଣ୍ଟା । ସାରାଦିନ ପ୍ରଚଣ୍ଡ ଖରା ଗରମରେ ସେଇମିତି ଟ୍ରେନ୍ ଛାତ ଉପରେ ବସିରହିଥାନ୍ତି ଦର୍ଶନ ସିଂହ ଓ ସାହନୀ ତାଙ୍କ ଦୁଇଛୁଆଙ୍କୁ ଆପଣା ପଣତ ଆଢୁଆଳରେ ରଖି । ଦୁର୍ବଳ ଶରୀରକୁ ଶୁଖିଲା ସ୍ତନ । ତଥାପି ସାହନୀ ତା'ର ଦୁଇ ଛୁଆଙ୍କୁ ଅଦଳ ବଦଳ କରି କ୍ଷୀର ଖୁଆଇବାକୁ ଚେଷ୍ଟା କରୁଥାଏ । ମଇଳା କନାରେ ଗୁଡ଼ା ହୋଇଥିବା ଛୁଆ ଦୁଇଟି କୋଉ ଅଳିଆଗଦାରୁ ଉଠାଇ ଆଣିଥିବା ଭଳି ଦେଖାଯାଉଥାନ୍ତି । ସନ୍ଧ୍ୟା ବେଳକୁ ଟ୍ରେନ୍‌ର ହର୍ଣ୍ଣ ବାଜେ । ସଭିଙ୍କ ଭିତରେ ଖୁସିର ଲହର ଖେଳିଯାଏ । ବିନା ଆଲୁଅରେ ଟ୍ରେନ୍ ଆଗକୁ ବଢ଼େ । କିଛିଘଣ୍ଟାର ଯାତ୍ରାପରେ କ୍ଷୀଣ ଚନ୍ଦ୍ରଲୋକରେ ଦର୍ଶନ ସିଂହ ଦେଖେ ତା'ର ଦୁଇଛୁଆଙ୍କ ଭିତରୁ ଜଣେ ହାତଗୋଡ଼ ହଲାଉଥିବା ବେଳେ ଆର ଜଣକ ସ୍ଥିର ଭାବରେ ପଡ଼ି ରହିଛି । ତା' ଦେହରେ ହାତ ମାରିବାରୁ ଥଣ୍ଡା ଲାଗେ । ପିଲାଟି କେତେବେଳୁ ମରିଯାଇଛି ତା'ହେଲେ । ଦର୍ଶନ ସିଂହ ଆପଣା କର୍ମକୁ ନିନ୍ଦି ବଡ଼ପାଟିରେ କାନ୍ଦି ପକାଏ । ପାଖରେ ଥିବା ଲୋକେ ପ୍ରକୃତ ଘଟଣାଟି ବୁଝିପାରନ୍ତି । ମୃତ ଶିଶୁଟିକୁ ସେମାନେ ସାହନୀ ପାଖରୁ ନେଇଯିବାକୁ ପ୍ରୟାସ କଲାବେଳେ ସେ ପଥର ମୂର୍ତ୍ତି ଭଳି ବସି ବେତ ଝୁଡ଼ିଟିକୁ ତା' ଛାତି ପାଖରେ ଭିଡ଼ି ଧରିଥାଏ । "ନା, ସେ ତା' ଭାଇ ବିନା କ୍ଷୀର ପିଇବନି ।" ଲୋକେ ବୁଝାଇଲେ ବି ସେ ବୁଝିବାକୁ ନାରାଜ । ଟ୍ରେନ୍ ଦଶଥର ଅଟକେ ପୁଣି ଦଶଥର ଆଗକୁ ବଢ଼େ । ଅନ୍ଧକାର ଭିତରେ ଲୋକେ କୋଉଠି ପହଞ୍ଚିଲେ ବୋଲି ଅନୁମାନ କରୁଥାନ୍ତି । "ଆମେ ଖୈରାବାଦ୍ ପାର ହୋଇଗଲେଣି ।" - "ଏଇଟା ଗୁଜରନ୍‌ୱାଲା ହୋଇଥିବ ବୋଲି ମୁଁ ଭାବୁଛି ।" - "ସବୁ ଠିକ୍ ଠାକ୍ ଚାଲିଲେ ଆଉ ମାତ୍ର ଘଣ୍ଟାକର ଯାତ୍ରା । ଲାହୋର ପରେ ପରେ ଆମେ ହିନ୍ଦୁସ୍ଥାନରେ ପହଞ୍ଚିଯିବା ।" କିଛିଲୋକ ଜୋଶ୍‌ରେ ସ୍ଲୋଗାନ୍ ଦେବାକୁ ଲାଗନ୍ତି - ହର ହର ମହାଦେବ ! ଯୋ ବୋଲେ ସେ ନିହାଲ୍ ! ପୋଲ ପାଖରେ ପହଞ୍ଚିଲା ବେଳକୁ ଲୋକେ ଖୁବ୍ ଉତ୍ସାହିତ ଜଣାପଡୁଥାନ୍ତି । "ଆମେ ରାବୀ ନଦୀ ପାଖରେ ପହଞ୍ଚିଗଲେ ।" - "ଏଇଟା ରାବୀ ! ତା'ହେଲେ ଆମେ ଏବେ ଲାହୋରରେ ।" ସେଇ ହୋ ହଲ୍ଲା ବେଳେ ଜଣେ ଦର୍ଶନ ସିଂହର କାନରେ ଫୁସ୍ ଫୁସ୍ କରି କହେ, "ସରଦାରଜୀ, ଛୁଆଟିକୁ ରାବୀ ନଦୀରେ ଫିଙ୍ଗିଦିଅ । ତା'ର କଲ୍ୟାଣ ହୋଇଯିବ । ତାକୁ ସେପଟକୁ ନେଇ କ'ଣ କରିବ ତୁମେ ?" ଦର୍ଶନ ସିଂହ ଆସ୍ତେ ଆସ୍ତେ ଝୁଡ଼ିଟିକୁ ନିଜ ଆଡ଼କୁ ଘୁଞ୍ଚାଇଆଣେ । ଆଉ ଗୋଟିଏ ଝଟ୍‌କାରେ ପୁଟୁଳିଟିକୁ ତହିଁରୁ ଟାଣିଆଣି ୱାହେଗୁରୁଙ୍କ ନାଁ ନେଇ ନଦୀ ଗର୍ଭକୁ ଛାଟିଦିଏ । ଘନ ଅନ୍ଧକାର ଭିତରେ ହାଲ୍‌କା ସ୍ୱରଟିଏ ଶୁଭେ ଛୋଟ ଛୁଆର । ସେ ଆତଙ୍କିତ ଅବସ୍ଥାରେ ଅନାଏ ସାହନୀ ଆଡ଼କୁ । ମୃତ ଶିଶୁଟିକୁ ବିଚାରୀ ତା' ଛାତିରେ ଜାକି ଧରିଥାଏ ! ଆଉ ଠିକ୍ ସେତିକିବେଳକୁ ସହଯାତ୍ରୀମାନେ ଅତ୍ୟନ୍ତ ଉଲ୍ଲସିତ ହୋଇ ଚିତ୍କାର କରି ଉଠନ୍ତି - ୱାଘା .... ୱାଘା ଆସିଗଲା ! ହିନ୍ଦୁସ୍ଥାନ ଜିନ୍ଦାବାଦ୍ !! (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୯ ମଇ, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ଆଉଜା କବାଟ (୩୬)



## ପୁନଶ୍ଚ ଘରବାହୁଡ଼ା (୧)

ଡ. ରାଧାରଂଜନ ପଟ୍ଟନାୟକ

ଏମିତି ଏକ ଅପ୍ରତ୍ୟାଶିତ ଘଟଣା ଘଟିଲା ମୋହନ ବାବୁଙ୍କ ଜୀବନରେ। ଯାହା କେହିବି ଥରେ ଚିନ୍ତା କରି ନଥିଲେ। ପାରିବାରିକ ଜଞ୍ଜାଳ ତଥା ସଂସାରରୁ ମୋହ ଭଙ୍ଗ ହେବା କାରଣରୁ ଏକଦା ମୁନିଋଷିମାନଙ୍କର ତପୋସ୍ଥଳ ହିମାଳୟ ପ୍ରବାସକୁ ଗମନ କଲେ। ସେଠାରେ ପହଞ୍ଚିବା ପରେ ଜଣେ ଗୁରୁଙ୍କୁ ପ୍ରାପ୍ତ କରିବାର ସୌଭାଗ୍ୟ ମିଳିଲା। କିଛିବର୍ଷ ଭିତରେ ମୋହନ ବାବୁ ଗୁରୁଙ୍କଠାରୁ ପ୍ରାୟ ଶତକଡ଼ା ସତୁରି ଭାଗ ସିଦ୍ଧତା କଲେ। ସେଇ ସିଦ୍ଧି ମଧ୍ୟରୁ ଗୋଟିଏ ସିଦ୍ଧି ଥିଲା ସ୍ଥୁଳଶରୀର ଛାଡ଼ି ସୂକ୍ଷ୍ମଶରୀରରେ ସାରା ଜଗତ ବିଚରଣ କରିବା। ମନେ ପଡ଼ିଗଲା ନିଦାଘର କଥା। ଏମିତି ଏକ ଖରା ଆଉଟା ବେଳରେ ଘରଛାଡ଼ି ହିମାଳୟ ଚାଲିଆସିଥିଲେ ସେ। ଏବେ କିନ୍ତୁ ଡିସେମ୍ବର ମାସ ଶୀତଦିନ। ହାଡ଼ଥରା ଶୀତରେ ଗୋଡ଼ହାତ କାଲୁଆ ମାରୁଛି। ସବୁଠିଁ ବରଫ ହିଁ ବରଫ। ସେଠିକାର ପରିବେଶ ସହିତ ଖାପ୍ ଖୁଆଇ ପାରିଲେନି ସେ। ଅନେକ କଷ୍ଟରେ ହିମାଳୟରେ କିଛିବର୍ଷ କଟାଇଥିଲେ ବି ଗାଁର କଥା, ଘରର କଥା ମନେ ପଡ଼ିଯାଉଥିଲା। ନିଷ୍ପତ୍ତି ନେଲେ ଘରକୁ ଫେରିବେ। ଫଳରେ ସେ ଗୁରୁଙ୍କୁ ପଚାରିଲେ- "ହେ ଗୁରୁଦେବ! ମଣିଷର ହାର୍ଡ଼ ୱେୟାର (ଶରୀର) ଯଦି ପ୍ରଶ୍ନ କରିବାକୁ ଚାହିଁବ, ତେବେ ସଫ୍ଟୱେୟର (ଆତ୍ମା) କ'ଣ କରିବ? ଏମିତି ଏକ ପ୍ରଶ୍ନ ମୋତେ ବାରମ୍ବାର ବିଚଳିତ କରୁଛି। ଏଥିପାଇଁ ବର୍ତ୍ତମାନ ମୁଁ ଏଇ ପାହାଡ଼ର ଶୀର୍ଷଦେଶରୁ ସମତଳ ଶଯ୍ୟାକୁ ଯିବାପାଇଁ ଚାହୁଁଛି।"

ଗୁରୁ କହିଲେ, "ଏମିତିରେ ତୁମକୁ ଅନେକ ଜନ୍ମ ନେବାକୁ ପଡ଼ିବ। ମୋହରେ ପଡ଼ ନାହିଁ। ଘରସଂସାର ମାୟା ବନ୍ଧନରୁ ଦୂରେଇ ରୁହ। ତପସ୍ୟା କର।" ଗୁରୁଙ୍କ ଏପରି ଉପଦେଶ ମୋହନ ବାବୁଙ୍କୁ କେମିତି ଅଖାଡୁଆ ଲାଗିଲା। ମନେମନେ ସେ ଭାବିବାକୁ ଲାଗିଲେ ଯେତେ ପର୍ଯ୍ୟନ୍ତ ଜୀବନ ଅଛି, ସେତେ ପର୍ଯ୍ୟନ୍ତ ଠିକ୍ ଭାବରେ ବଞ୍ଚିବା କଥା। ଆଗକୁ କ'ଣ ଆସୁଛି ପରେ ଦେଖାଯିବ। ତେଣୁ ତପସ୍ୟାର ଘନଘୋର ଆବରଣ ଭିତରୁ ବାହାରି ଆସିଲେ ସେ। ଗୁରୁ ଏବଂ ହିମାଳୟକୁ ପ୍ରଣାମ କରି ପୁନଶ୍ଚ ଘରବାହୁଡ଼ା ପାଇଁ ପ୍ରସ୍ତୁତ ହେଲେ। ଫେରିଲେ ବି। ମନରେ ଅନେକ ଖୁସି। ଏତେଦିନ ପରେ ଘରକୁ ଫେରିଛନ୍ତି। ଆତ୍ମୀୟସ୍ୱଜନଙ୍କୁ ଭେଟିବେ। ପ୍ରାଣଖୋଲା କଥା ହେବ। ଏମିତି କିଛି ଭାବିଚାଲିଥାନ୍ତି ସେ। କିନ୍ତୁ ବାସ୍ତବରେ ଦେଖାଗଲା ମୋହନ ବାବୁଙ୍କ ଚରିତ୍ର ସତେ ସେମିତି ଏକ ବିରାଟ ପରିବର୍ତ୍ତନ ହୋଇଯାଇଛି।

> ଗୁରୁ କହିଲେ, "ଏମିତିରେ ତୁମକୁ ଅନେକ ଜନ୍ମ ନେବାକୁ ପଡ଼ିବ। ମୋହରେ ପଡ଼ ନାହିଁ। ଘରସଂସାର ମାୟା ବନ୍ଧନରୁ ଦୂରେଇ ରୁହ। ତପସ୍ୟା କର।" ଗୁରୁଙ୍କ ଏପରି ଉପଦେଶ ମୋହନ ବାବୁଙ୍କୁ କେମିତି ଅଖାଡୁଆ ଲାଗିଲା। ମନେମନେ ସେ ଭାବିବାକୁ ଲାଗିଲେ ଯେତେ ପର୍ଯ୍ୟନ୍ତ ଜୀବନ ଅଛି, ସେତେ ପର୍ଯ୍ୟନ୍ତ ଠିକ୍ ଭାବରେ ବଞ୍ଚିବା କଥା। ଆଗକୁ କ'ଣ ଆସୁଛି ପରେ ଦେଖାଯିବ।

ଘରେ ପହଞ୍ଚି ସେ ଗୋଟିଏ କୋଠରୀରେ ନିଜକୁ ବନ୍ଦ କରିଦେଲେ। ଏକାଏକା ରହିବାକୁ ପସନ୍ଦ କଲେ ସେ। ସମୟ ସମୟରେ ନିଜ ସ୍ଥୁଳଶରୀର ପରିତ୍ୟାଗ କରି ସୂକ୍ଷ୍ମ ଶରୀରରେ ଭ୍ରମଣ ପାଇଁ ବାହାରିଯାନ୍ତି। ଅବଶ୍ୟ ଏହା ଥିଲା ପ୍ରାପ୍ତ ସିଦ୍ଧିର ରିସର୍ଚ୍ଚୱାର୍କ। ତାଙ୍କର ଏଭଳି ପରିବର୍ତ୍ତନ ଦେଖି ଘରର ଲୋକମାନେ ଯେତିକି ଆଶ୍ଚର୍ଯ୍ୟ ହେଲେ, ସେତିକି ବି ଚକିତ ହେଲେ। ମୋହନ ବାବୁ ଯେ ହଠାତ୍ ଏପରି ଆଚରଣ କରିବେ, କେହି କେବେ ବିଶ୍ୱାସ କରି ନଥିଲେ। ପତ୍ନୀ ଅଧିକ କଷ୍ଟ ଅନୁଭବ କଲେ। କାରଣ ପତିଙ୍କର ଅନ୍ୟମନସ୍କତା ତାଙ୍କୁ ବିଚଳିତ କଲା। ଦିନେ ପତ୍ନୀ ଝର୍କା ଫାଙ୍କରେ ଝାଙ୍କି ଦେଖିଲେ ସ୍ୱାମୀ ପଦ୍ମାସନରେ ସ୍ଥିର ଭାବରେ ବସିଛନ୍ତି। ହଲଚଲ ନାହିଁ। ସ୍ୱରଶବ୍ଦ ନାହିଁ। ସତେ ଯେମିତି ନିର୍ଜୀବ ସତ୍ତାଟିଏ ପାଲଟି ଯାଇଛନ୍ତି। ପତ୍ନୀ ଆବାଜ୍ ଦେଲେ। ଥରେ ନୁହେଁ। ବାରମ୍ବାର। ମାତ୍ର କୌଣସି ଆସର ପଡ଼ିଲା ନାହିଁ ତାଙ୍କ ଉପରେ। ଜୋର୍‌ରେ ଚିଲାଇଲେ ବି କୌଣସି ପ୍ରତିକ୍ରିୟା ଦେଲେ ନାହିଁ। ଫଳରେ ଭୟଭୀତା ହୋଇଗଲେ ସେ। ସତରେ ପତି କ'ଣ ପରଲୋକ ଗମନ କରିଗଲେ କି? ଏମିତି ଏକ ଅଶୁଭ ଚିନ୍ତା ତାଙ୍କ ମନରେ ସୃଷ୍ଟି ହେବାରୁ ପୁଅ ସୋନୁକୁ ଡାକିଲେ। ସୋନୁ ପହଞ୍ଚି କହିଲା - "ମାମା, ବାପା କ'ଣ ଏତେ ଜଲ୍‌ଦି ଆମକୁ ଛାଡ଼ି ଚାଲିଯିବେ? ଯିଏ ହିମାଳୟକୁ ଯାଇଥିଲେ, ସେ ପୁଣି ତ ଘର ବାହୁଡ଼ିଲେ। ଘର ପ୍ରତି କେତେ ମମତା ତାଙ୍କର ଅଛି ଏଥିରୁ ଜଣାପଡ଼ିଲା। ତେଣୁ ଏତେ ଶୀଘ୍ର ଯିବାର ପ୍ରାଣୀ ତ ସେ ନୁହନ୍ତି। ସୋନୁ ସ୍ମିତ ହସରେ ଉତ୍ତର ଦେଲା।"

ହଠାତ୍ ମୋହନ ବାବୁ ଯେଉଁ ପଲଙ୍କରେ ପଦ୍ମାସନରେ ବସିଥିଲେ, ତାହା କ୍ରମଶଃ ହଲିବାକୁ ଲାଗିଲା। ପାଦ ଧୀରେଧୀରେ ପ୍ରସାରିଲା। ଓଲଟା ହାତରେ ସିଧା କାନ, ସିଧା ହାତରେ ଓଲଟା କାନ ଧରିଲେ। ଏମିତି ଦୃଶ୍ୟ ଦେଖି ପତ୍ନୀ ଆପାତତଃ ଆଶ୍ୱାସନାର ନିଃଶ୍ୱାସ ମାରିଲେ ଏବଂ ନିଃଶ୍ୱାସ ମାରି ମୋହନ ବାବୁଙ୍କୁ ଲକ୍ଷ୍ୟ କରି କହିଲେ- "ତମେ ବି ନା ଖୁବ୍ ହେଇଗଲଣି। ଆମକୁ ଲାଗିଲା ତମେ ଆଉ ଜୀବନରେ ନାହଁ। ଆମେ ସବୁ ଦୁଃଖରେ ଭାଙ୍ଗି ପଡ଼ିଥିଲୁ। ଭଲ ହେଲା ତମେ ଗଲ ନାହିଁ। ଜାଣିଛ କାଲି ନୂଆ ଶାଢ଼ୀ ହିଁ କିଣିଥିଲି। ତାହାକୁ କ'ଣ କରିଥାନ୍ତି ଯେ! ଗହଣା କିଏ ପିନ୍ଧିଥାନ୍ତା? ଛାଡ଼! ଯାହାହେଉ ତମେ ଭଲରେ ଅଛ ତେଣୁ ମୁଁ ଖୁବ୍ ଖୁସି।

ମୋହନ ବାବୁ ପତ୍ନୀଙ୍କର ଏପରି କଥା ଶୁଣି ଏକ ଦାର୍ଶନିକ ଶୈଳୀରେ କହିବାକୁ ଲାଗିଲେ- "କିଏ ଗଲା, କିଏ ଆସିଲା ସବୁ ଉପରବାଲାର ମାୟା। କିଛି ବୁଝିପାରିଲ!"

- ତମେ ତ ବୁଢ଼ା ହେଇଗଲଣି। ଷାଠିଏ ବର୍ଷରୁ ଅଧିକା ହେଲାଣି। ଗୋଟେ ରଙ୍ଗ ଲଗେଇଛ। ଏହା କହି ମୁହଁକୁ ଥମଥମ କରି ରୋଷେଇ ଘରକୁ ଚାଲିଗଲେ ପତ୍ନୀ। ସୋନୁ ବି ବାହାରକୁ ଚାଲିଗଲା ସାଥୀଙ୍କ ସହ କ୍ରିକେଟ ଖେଳିବା ପାଇଁ।

କିଛି ସମୟ ନୀରବତା। ନିଜକୁ ନିଜେ ଭାବି ଚାଲିଲେ ମୋହନ ବାବୁ! ସତରେ ଏ ଦୁନିଆ କେତେ ସ୍ୱାର୍ଥପର। ପତ୍ନୀ ବି ଭାବି ନେଇଥିଲେ ମୁଁ ମୃତ ବୋଲି। ତେଣୁ ଏ ସଂସାର ଭିତରେ ରହି ଆଉ ଲାଭ କ'ଣ? ଯେତେବେଳେ ନିଜ ଲୋକ ପର ହୋଇଯାଏ, ସ୍ୱାର୍ଥର କଥା କହେ, ସେତେବେଳେ ଏଇ ସଂସାର ପ୍ରତି ମୋହ କାହିଁକି ଆସିବ ଯେ! ତେଣୁ ମୋହନ ବାବୁ ସ୍ଥୁଳ ଶରୀରରୁ ବାହାରି ସୂକ୍ଷ୍ମ ଶରୀରରେ ପ୍ରବେଶ କରିବାପାଇଁ ଇଚ୍ଛା ପ୍ରକାଶ କଲେ। ସମ୍ଭବତଃ ସିଦ୍ଧିପ୍ରାପ୍ତ କରିଥିବା ସାଧନା ଭିତରୁ ଏଇ ସାଧନାଟି ନିଜ ଉପରେ ସର୍ବପ୍ରଥମ ପ୍ରୟୋଗ କଲେ ସେ। ଝର୍କାକବାଟ ବନ୍ଦ କରିଦେଲେ। ପଦ୍ମାସନରେ ବସିଲେ। ସ୍ଥୁଳ ଶରୀରରୁ ବାହାରି ସେ ପହଞ୍ଚିଗଲେ ସିଧା ମୋକ୍ଷଧାମ।

ସେଠାରେ ପହଞ୍ଚି ସେ ଦେଖିଲେ ଅସମ୍ଭବ ଭିଡ଼। ଏମିତିକି ଅନେକ ଆତ୍ମା ଠେଲାପେଲା ହେଉଛନ୍ତି। ତ୍ରିରଙ୍ଗାରେ ଘୋଡ଼ାଯାଇଛି ଶବ। ପୋଲିସବାଲା ବି ଦେଉଥିଲେ ସଲାମୀ। ମଝିରେ ମଝିରେ 'ନେତାଜୀ ଅମର ରହେ' ସ୍ଲୋଗାନ୍ ବି ଶୁଭୁଥିଲା। କାଠ ବି ଠୁଳ ହୋଇଥିଲା। ମୃତ ଦେହକୁ ସେଠାରେ ଶୁଆଇ ଦିଆଗଲା। ପୁତ୍ର ତାଙ୍କର ମୁଖାଗ୍ନି ଦେଲେ। ବଡ଼ କରୁଣ ସେ ଦୃଶ୍ୟ। ସଭିଙ୍କ ଆଖିରେ ଥିଲା ଲୁହ। କେତେକ ରହିରହି କାନ୍ଦୁଥିଲେ। କପାଳ କ୍ରିୟାର ସମୟ ଆସିଗଲା। ସମବେତ ଲୋକମାନେ ଦଳଦଳ ହୋଇ ଭାଗ ହୋଇଗଲେ। ଏଇସବୁ ଦୃଶ୍ୟ ମୋକ୍ଷଧାମରେ ମୋହନ ବାବୁଙ୍କୁ ଖୁବ୍ ବିଚଳିତ କରୁଥିଲା। ସୂକ୍ଷ୍ମ ଶରୀର ଥିବା ମୋହନ ବାବୁ କୌଣସି ଏକ ବିଭାଜିତ ଦଳ ପାଖକୁ ଯାଇ ସେମାନଙ୍କର ବାର୍ତ୍ତାଳାପ ଶୁଣିଲେ। (କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

# ସ୍ମୃତି ଶତଦଳ ୧୯୪



## ଆତ୍ମଜାର ଅନ୍ତଃସ୍ୱର-୧

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

> ଝିଅଟିଏ କେବଳ ମା'ର ତନୁରୁ ଜାତ ହୋଇନଥାଏ ବା 'ତନୁଜା' ନୁହେଁ, କେବଳ ପ୍ରାଣରୁ ଜାତ ନୁହେଁ ବା 'ପ୍ରାଣଜା' ନୁହେଁ ବା 'ମନୋଜା' ନୁହେଁ, ଝିଅ ହେଉଛି ମା'ର ଆତ୍ମାର ଅବିକଳ ପ୍ରତିଲିପି 'ଆତ୍ମଜା' । କବିତାଟିର ବିମୁଗ୍ଧ ନାଁ ଟି କେମିତି ମୋ ମନ ଭିତରେ ପ୍ରତିଧ୍ୱନିତ ହେଲା ମୁଁ କହି ପାରିବି ନାହିଁ, କିନ୍ତୁ ଏହାର ପ୍ରଥମ ଧାଡ଼ି ଲେଖିଲା ବେଳେ ହିଁ ମୁଁ ମନସ୍ଥିର କରି ସାରିଥିଲି, ଏ କବିତାର ନାଁ 'ଆତ୍ମଜା' ରଖିବି ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଭବ୍ୟ ଭାବ, ଭାଷା ଓ ଶବ୍ଦର ବିଚିତ୍ର ମିଶ୍ରଣରେ କବିତା ହୋଇଥାଏ କାଳଜୟୀ । ସବୁବେଳେ କବିର ପାରିପାର୍ଶ୍ୱିକ ଅବସ୍ଥା ବା' ପରିବେଶ ଆଦୌ କାବ୍ୟମୟ ହୋଇନଥାଏ, ତା ପାଇଁ ତା' ହାତ ପଆନ୍ତାରେ ସବୁବେଳେ ଗୋଲାପ ଫୁଲର ସ୍ତବକ ନଥାଏ, ବା' ଆଂଜୁଳାଏ ମଲ୍ଲିଫୁଲ ନଥାଏ, ତଥାପି କବିର ହାତଛୁଆଁରେ କାଳେ ଯାଦୁକରର ସ୍ପର୍ଶ ଥାଏ ଯେଉଁଥିରେ ସାରା ମାହୋଲ ବଦଳିଯାଏ ସଂଗୀତ ଓ ଚିତ୍ରର ପରିକଳ୍ପନାରେ, ଏପରିକି ଅପରେସନ୍ ଥିଏଟର୍ ମଧ୍ୟ ହୋଇଥାଏ, ଇନ୍ଦ୍ରଭୁବନ, ଯେଉଁଠି ଧାଡ଼ି ଧାଡ଼ି କବିତା ଓହ୍ଲାଇ ଆସି ଠିଆ ହୁଅନ୍ତି ମନ ଅଗଣାରେ ଏକ ଏକ ଚମତ୍କାର ନୃତ୍ୟାଙ୍ଗନା ହୋଇ ।

ସେଦିନ ଥାଏ ଏସ୍.ସି.ବି. ମେଡ଼ିକାଲ କଲେଜର ଲେବର ରୁମ୍‌ରେ ମୋର ଏମର୍ଜେନ୍ସି ଡିଉଟି, ଗୋଟିଏ ପରେ ଗୋଟିଏ ସିରିୟସ୍ କେଶ୍ । ପ୍ରଥମ ରୋଗୀକୁ ଅପରେସନ୍ କରି ସାରିଲା ପରେ ହଠାତ୍ ମୋ ମନ ଭିତରେ ଗୋଟିଏ ସୁନ୍ଦର କବିତା ଭାସି ଉଠିଲା । ଛୋଟ ଝିଅଟିଏ ଯେମିତି ମଧୁର ସ୍ୱରରେ ଗାଇଉଠିଲା "ମୁଁ ତୁମ ଆଦରଣୀୟା ତନ୍ମୟୀ ତନୁଜା / ମୁଁ ତୁମର ହିରଣ୍ମୟୀ ଆଭାନେଇ ଉଭା ହେବି / ମୁଁ ତୁମ ଆକାର ନେଇ ବିକଶିବି । ମୁଁ ତୁମ ଆଲେଖ୍ୟ ନେଇ ପ୍ରକାଶିବି / ତୁମ ଆଖି ଆଇନାରେ ଚିରଦିନ ନାଚୁଥିବି / ହଜୁଥିବି, ଭିଜୁଥିବି / ତୁମ ସ୍ନେହ ମମତାର ପୁଣ୍ୟ ଗଂଗୋତ୍ରୀରେ ।"

କିଏ ଗାଇଲା ଏ ଗୀତ ? ସାଧାରଣତଃ ଓ.ଟି. (ଅପରେସନ୍ ଥିଏଟର୍) ରେ ଗୋଟିଏ ରୋଗୀର ଅପରେସନ୍ ସରିଗଲେ ତାକୁ ପରିଷ୍କାର କରି ଷ୍ଟ୍ରେଚର ଉପରକୁ ନେଇ ଅନ୍ୟ ରୋଗୀର ଅପରେସନ୍ ପାଇଁ ଓ.ଟି. ଟେବୁଲ୍‌ଟିକୁ ପ୍ରସ୍ତୁତ କରାଯାଏ । ତା' ମଝିରେ ପ୍ରାୟ ଅଧଘଣ୍ଟା ସମୟ ମିଳିଥାଏ। ଗର୍ଭରେ ଥାଇ ଜନ୍ମ ହୋଇନଥିବା କନ୍ୟା ଶିଶୁଟି ପାଇଁ ଲେଖୁଥିବା କବିତାଟି ମୋ ମନ ଭିତରେ ବିସ୍ଫୋରଣ ସୃଷ୍ଟି କରିଥିଲା ଏବଂ ଏକ ଭୂକମ୍ପନ ହୋଇ ଉତ୍ତପ୍ତ ଲାଭା ଉଦ୍‌ଗୀରଣ କରିବା ପୂର୍ବରୁ ମୁଁ ଖୋଜି ବସିଥିଲି କାଗଜ ଓ କଲମ ।

କିନ୍ତୁ କାହିଁ ଧଳାକାଗଜ ଖଣ୍ଡେ ? ସମସ୍ତେ ଓ.ଟି. ଡ୍ରେସ୍‌ରେ । ଅପରେସନ୍‌ରେ ବ୍ୟସ୍ତ । ବାହାରୁ ଯାଇ କାଗଜ ଆଣି ହେବ ନାହିଁ । ତେଣୁ ହାତ ପିନ୍ଧା ଗ୍ଲୋଭସ୍‌ର ଖୋଳ ଉପରେ କବିତାଟି ଲେଖିଲି ଏବଂ ପରେ ଭଲ କାଗଜକୁ ଉତାରି ଥିଲି । ପରବର୍ତ୍ତୀ ସମୟରେ କବିତାଟି 'ଆତ୍ମଜା' ରୂପରେ ଆତ୍ମପ୍ରକାଶ କରିଥିଲା ।

ଝିଅଟିଏ କେବଳ ମା'ର ତନୁରୁ ଜାତ ହୋଇନଥାଏ ବା 'ତନୁଜା' ନୁହେଁ, କେବଳ ପ୍ରାଣରୁ ଜାତ ନୁହେଁ ବା 'ପ୍ରାଣଜା' ନୁହେଁ ବା 'ମନୋଜା' ନୁହେଁ, ଝିଅ ହେଉଛି ମା'ର ଆତ୍ମାର ଅବିକଳ ପ୍ରତିଲିପି 'ଆତ୍ମଜା' । କବିତାଟିର ବିମୁଗ୍ଧ ନାଁ ଟି କେମିତି ମୋ ମନ ଭିତରେ ପ୍ରତିଧ୍ୱନିତ ହେଲା ମୁଁ କହି ପାରିବି ନାହିଁ, କିନ୍ତୁ ଏହାର ପ୍ରଥମ ଧାଡ଼ି ଲେଖିଲା ବେଳେ ହିଁ ମୁଁ ମନସ୍ଥିର କରି ସାରିଥିଲି, ଏ କବିତାର ନାଁ 'ଆତ୍ମଜା' ରଖିବି ।

ନାରୀ ଈଶ୍ୱରଙ୍କର ସର୍ବୋତ୍ତମ କଳା କୃତି । ପ୍ରଭୁ ତାଙ୍କର ସମସ୍ତ ଅବସର ସମୟ ଏବଂ ସୌନ୍ଦର୍ଯ୍ୟ ଦେଇ, ନିଖୁଣ କରି ଗଢ଼ି ତୋଳିଥାନ୍ତି ନାରୀଟିକୁ । ନାରୀର ଅମୃତ ହାତ ଯେଉଁଠି ଯେଉଁଠି ବାଜିଥାଏ ତାହା ମୁହୂର୍ତ୍ତକରେ ହୋଇଯାଏ ମଧୁମୟ । ପୃଥିବୀର ଏମିତି କୌଣସି ସ୍ଥାନନାହିଁ, ଯେଉଁଠି ନାରୀର ହାତ ବାଜିନାହିଁ ଓ ନାରୀ ହାତର ସୂକ୍ଷ୍ମ କାରିଗରୀ କାହାର ଦୃଷ୍ଟି ପଥା ରଢ଼ ହୋଇନାହିଁ।

ସେମିତି ଝିଅଟିଏ, ଫୁଲଟିଏ ଏବଂ କନ୍ୟାଟିଏ, ରତ୍ନଟିଏ । ଶିଶୁ କନ୍ୟାଠାରୁ ଆରମ୍ଭ କରି କିଶୋରୀ କନ୍ୟା, ନବବଧୂ, ମା' ଏବଂ ଜେଜେ ମା' ସମସ୍ତେ ସ୍ନେହ ଓ ମମତାରେ ସାରା ପରିବାରକୁ ଗଢ଼ି ତୋଳିଥାନ୍ତି ତଥାପି କେଉଁଠି ନାଁ କେଉଁଠି ସେମାନେ ଅବହେଳାର ଶିକାର ହୋଇଥାନ୍ତି ଏବଂ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ପରିଗଣିତ ହୋଇଥାନ୍ତି । ସେଇ ଅନୁସାରେ ଝିଅଟିଏ ଜନ୍ମନେଲେ ଘରେ ଘରେ ଦୁଃଖର ଛାଇ ଖେଳିଯାଏ ଏବଂ ସମସ୍ତଙ୍କ ଆଖିରୁ ଧାର ଧାର ଲୁହ ବୋହିଯାଏ । 'ମୂଳୁ ମାଇଲେ ଯିବ ସରି' ନ୍ୟାୟରେ ଅଧିକାଂଶ ଦମ୍ପତି ଓ ପରିବାର ବର୍ଗ ଝିଅଟିକୁ ଚାହିଁ ନଥାନ୍ତି ଆଉ କନ୍ୟାଭ୍ରୂଣ ହତ୍ୟା ପାଇଁ ଆଗେଇ ଆସନ୍ତି ।

ଜଣେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ହିସାବରେ ପ୍ରତିଦିନ ଏମିତି ଅନେକ ଗର୍ଭବତୀ ନାରୀମାନଙ୍କର ସାମ୍ନା କରିଛି । ଝିଅ କ'ଣ ସତରେ ଅଲୋଡ଼ା? ସେ କ'ଣ ଏତେ ଅଦରକାରୀ ଯେ, ଝିଅମାନଙ୍କୁ ଜନ୍ମ ପୂର୍ବରୁ ନଷ୍ଟକରିଦେବା ପାଇଁ ପରିବାରର ସମସ୍ତେ ବଦ୍ଧପରିକର ହୋଇ ପଡ଼ନ୍ତି ଭ୍ରୁଣ ହତ୍ୟା ପାଇଁ ? ଗର୍ଭସ୍ଥ କନ୍ୟାଶିଶୁର ବା' ଦୋଷ କ'ଣ ? ସେ ତ' ଭ୍ରୁଣ ସଂଚାର ପରେ ଜୀବନ୍ୟାସ ନେବା ମୁହୂର୍ତ୍ତ ଠାରୁ ଆକୁଳ ନୟନରେ ଚାହିଁ ରହିଥାଏ, କେମିତି ସେ ଏକ ଆଲୋକିତ ପୃଥିବୀରେ ପାଦଦେବ ବୋଲି । ମା' ବାପା ସିନା ଝିଅର ମୁହଁ ଦେଖିବାକୁ ଚାହାନ୍ତି ନାହିଁ, ଝିଅଟିଏ ତ' ପୁଣି ସେମାନଙ୍କୁ ଦେଖିବାକୁ ଚାହେଁ ।

କନ୍ୟାଶିଶୁଟିଏ ପୁଣି ଥରେ ମା'କୁ କହିବାକୁ ଚାହିଁଛି ଯେ "ମା' ମତେ ଅଲୋଡ଼ା ଭାବି ନଷ୍ଟ କରନାହିଁ, ବା' ମାରିଦିଅ ନାହିଁ । ଠିକ୍ ପୁଅଟିଏ ଭଳି ମୁଁ ମଧ୍ୟ ଯଶ ଓ କୀର୍ତ୍ତିରେ ଆକାଶ ଛୁଇଁବି ।"

"ମୁଁ ତୁମ ଲୋହିତ ଦେହୁଁ / ପୁଣିଥରେ ଜନ୍ମ ନେବି ମନସ୍ୱିନୀ ହୋଇ / ମୃଣାଳିନୀ ହୋଇ ମୁଁ ଯେ, ସୁଗନ୍ଧରେ ଭରିଦେବି ଦିଗରୁ ଦିଗନ୍ତ ଯାଏଁ / ମନ୍ଦାକିନୀ ହୋଇ ମୁଁ ଯେ / ବହିଯିବି ହିମାଳୟୁ କୁମାରୀକା ଯାଏଁ । ତେଜସ୍ୱିନୀ ରୂପ ନେଇ / ତପସ୍ୱିନୀ ମନ ନେଇ । ହେବି ମୁଁ ବିଶ୍ୱରେ ଏକ ଅନବଦ୍ୟ ବିଭୋର ବିସ୍ମୟ ।" ହଁ ଝିଅଟି ଜ୍ଞାନ, ଯଶ ଓ କୀର୍ତ୍ତିରେ ଆକାଶ ଛୁଇଁବ ଏବଂ ସାରା ପୃଥିବୀର କୋଟି କୋଟି ମଣିଷ ଆକାଶକୁ ଅନାଇ ଦେଖିବେ ଏ ବିସ୍ମୟ ବାଳିକାଟି କିଏ ?

ପୁଣି ଥରେ କନ୍ୟାଭ୍ରୁଣଟି ଜରାୟୁଭିତରୁ ମା'କୁ କହିଛି "ମା' ମତେ ମାରିଦିଅ ନାହିଁ । ମତେ ଥରେ ଏ ପୃଥିବୀକୁ ଆସିବାକୁ ଦିଅ । ମୋ ରୂପ ଭାବିଛ କି ନାଁ ଜାଣେ ନାହିଁ / ତୁମ ରୂପ ଦେଖିବାକୁ / ସଂତ୍ରସ୍ତ ଏ ଆଖି ଆଉ / ସାରା ଦେହେ ଅଦ୍ଭୁତ ଉଚ୍ଚାଟ ? ମୋ ଭାଷା ଶୁଣିବ କି ନା ଜାଣେ ନାହିଁ । ତୁମ ଭାଷା କହିବାକୁ ଆହୁରି ମୋ ଖୋଲିନାହିଁ ଓଠ ।"

(କ୍ରମଶଃ)

# ପୁସ୍ତକ ସମୀକ୍ଷା

**କଥା କଥା କବିତା କବିତା - ପାର୍ବଣ, ୨୦୨୦**
**ସଂପାଦକ: ଅକ୍ଷୟ ବେହେରା**
ଏମ୍‌ଆଇଜି (୨) ୬୫/୫
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର- ୭୫୧୦୧୬
ମୂଲ୍ୟ : ୧୩୦ ଟଙ୍କା ମାତ୍ର




ନୀଳ କୃଷ୍ଣ ତମାଳ (ପାସି ଫ୍ଲୋରିନା) ଫୁଲକୁ ନେଇ କଥା କଥା କବିତା କବିତାର ପାର୍ବଣ ୨୦୨୦ ପ୍ରଚ୍ଛଦ- କଥାରେ ଫୁଲ ଐତିହାସିକ ଔଷଧୀୟ ଗୁଣବତ୍ତାର ପ୍ରାମାଣିକ ତଥ୍ୟ ଏବଂ କାବ୍ୟମୟ କଥନରେ ଏହା ଲାଲ୍ ଗୋଲାପି ରଙ୍ଗର ରାଧାତମାଳକୁ ରଂଗିତ କରେ । ମୃତ୍ୟୁର ସ୍ତବ୍ଧତାକୁ ଭ୍ରୁକ୍ଷେପ ନକରି ଫୁଲଟିଏ ବୀଜ ବିସ୍ତାରର ସ୍ୱପ୍ନ ନେଇ ପ୍ରତି ପ୍ରଭାତରେ ଫୁଟେ କାହିଁକି ? କାରଣ ଏହାହିଁ ସୃଜନ ବିପ୍ଳବର ପଦଧ୍ୱନି, ଜୀବସତ୍ତାର ଜୀବନୀୟ ପରିପ୍ରକାଶର। ବିଗତ ଶତାବ୍ଦୀ ମାନଙ୍କରେ ଆମେ କୃଷ୍ଣ, ହଇଜା (୧୮୧୭), ଋଷିଆନ୍ ଫ୍ଲୁ (୧୮୮୯), ସ୍ୱାଇନ୍ ଫ୍ଲୁ (୧୯୧୮), ଏସିଆନ୍ ଫ୍ଲୁ (୧୯୫୭) ଏବଂ ଏଚ ଆଇ ଭି (୧୯୮୧), ସାରସ (୨୦୦୩) ପରି ମହାମାରୀରେ କବଳିତ ହୋଇଥିଲା। ଅଧୁନା କୋଭିଡ୍-୧୯ (୨୦୨୦) ମଣିଷ ସଭ୍ୟତାକୁ କରିଦେଇଛି ହତବାକ୍ । ତେବେ ଏହିସବୁ ବିଶ୍ୱସଂକଟ ବିଶ୍ୱ ସାହିତ୍ୟକୁ କେତେ ମାତ୍ରାରେ ପ୍ରଭାବିତ କରିପାରିଛି ତାହାର ଦାୟିତ୍ୱପୂର୍ଣ୍ଣ ଆକଳନ ଅପରିହାର୍ଯ୍ୟ । ଏହି ଆକଳନରେ 'ଏକ ଏକାନ୍ତବାସର ଶତବର୍ଷ ସ୍ତମ୍ଭରେ ବରିଷ୍ଠ ଚିନ୍ତାନାୟକ ଡଃ ହୃଷୀକେଷ ମଲ୍ଲିକ 'କଥା କଥା କବିତା କବିତା'ର ପାର୍ବଣ ସଂଖ୍ୟାରେ ପ୍ରାଂଞ୍ଜ କାଫ୍‌କା, ରେଇନର ଷ୍ଟାକ୍, ଲାଭରା ଷ୍ପିନୀ, ଅନ୍‌ବିଙ୍ଗ୍ ଇଲ ପରି ବିଶ୍ୱସାହିତ୍ୟର ମୁଖ୍ୟସ୍ୱରମାନଙ୍କୁ ନେଇ ସମୟ ପାଇଁ ରଖିଛନ୍ତି ଔଚିତ୍ୟ ପ୍ରତିବେଦନ ।

କ୍ୟାଲେଣ୍ଡରରେ ମସିହା ବଦଳିଲେ ବି ବଦଳିନାହିଁ କରୋନାକୁ ନେଇ ସମଗ୍ର ବିଶ୍ୱରେ ମହାମାରୀ ଓ ଜୀବନ ସଂକଟ । ଅଣଚର୍ଚ୍ଚିତଠାରୁ ବହୁଚର୍ଚ୍ଚିତ ପର୍ଯ୍ୟନ୍ତ ବହୁ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇ ଅକାଳମୃତ୍ୟୁ ଲଭିବାର ପ୍ରତ୍ୟହ ସଂବାଦ ସମସ୍ତଙ୍କୁ ସ୍ତବ୍ଧ କରିରଖିଛି । ଏଭଳି ଦୁସ୍ଥିତି ଭିତରେ ବିଭିନ୍ନ ପ୍ରତିବନ୍ଧକ ଓ ବଜାରର ଅନିୟମିତତାକୁ ଅତିକ୍ରମ କରି ରାଜ୍ୟର ମୁର୍ଦ୍ଧନ୍ୟ ତଥା ଶକ୍ତିଶାଳୀ କଲମମାନଙ୍କୁ ଲେଖାଲେଖିରେ ଅବ୍ୟାହତ ରଖିବାରେ ଯେଉଁ କେତୋଟି ନିରବଚ୍ଛିନ୍ନ ପତ୍ରପତ୍ରିକା ନିଜ ନିଜର ଉଦ୍ୟମ ଜାରି ରଖିଛନ୍ତି ସେଥିମଧ୍ୟରୁ 'କଥାକଥା କବିତା କବିତା' ଅନ୍ୟତମ । ସବୁପ୍ରକାର ଦୁସ୍ଥିତି ସତ୍ତ୍ୱେ ଆମକୁ ଆଗାମୀ କାଲି ଯାଏଁ ବଂଚିରହି ମୃତ୍ୟୁର ବିଭୀଷିକା ସହ ଯୁଦ୍ଧ ଜାରି ରଖିବାର ଦୃଢ଼ତା ଦେଇଚାଲିଛି ସାହିତ୍ୟ । ଡିମେଇ ସାଇଜ୍‌ର କଥା କଥା କବିତା କବିତାର ୪୦୮ ପୃଷ୍ଠା ପରିମିତ କଳେବରରେ ଓଡ଼ିଶା ମାଟିରୁ ବିଶ୍ୱ ସାହିତ୍ୟର ସାମ୍ପ୍ରତିକ ଏବଂ ସ୍ମରଣୀୟ ସାରସ୍ୱତ ପ୍ରତିଭାଙ୍କର ସୁବିସ୍ତୃତ ଜୀବନାଲେଖ୍ୟ (ଫିଚର) ପ୍ରସ୍ତୁତ କରିବାରେ ଏବଂ ପରିବେଷଣ କରିବାରେ ବୋଧହୁଏ ଓଡ଼ିଶାର ଏକମାତ୍ର ପତ୍ରିକା ଭାବରେ ଏହା ତା'ର ସ୍ୱର ଏବଂ ଆଭିମୁଖ୍ୟକୁ ବଜାୟ ରଖିପାରିଛି ପ୍ରତି ସଂଖ୍ୟାପରି ଏହି ପାର୍ବଣ ସଂଖ୍ୟାରେ ।

ବହୁ ସ୍ମରଣୀୟ ଫଟୋଚିତ୍ର ସଂବଳିତ ଏକାନ୍ତ ଭାବରେ ସଂଗ୍ରହଣୀୟ ଏହି ପତ୍ରିକାର ଆଦ୍ୟ ସ୍ତମ୍ଭ 'ବିଶ୍ୱକୁ ଗବାକ୍ଷ' । ଏହି ସ୍ତମ୍ଭରେ ଡଃ. ଶ୍ରୀକାନ୍ତ ମହାନ୍ତି 'ଶବ୍ଦର କୁହୁକ' ଶୀର୍ଷକରେ ଭାଷାତତ୍ତ୍ୱବିଦ୍ ଡେରିଡାଙ୍କର 'ଲୋଗୋ ସେଣ୍ଟ୍ରିଜିମ୍'ର ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ଦିଗକୁ ନେଇ ବିସ୍ତୃତ ଆଲୋଚନା ତୋଳି ଧରିଥିଲା ବେଳେ ସେଇଠି ମିଶିଛି ଭାବକଳ୍ପର ନୈଭିନ୍ନ ବିଭବ 'ଅସହଯୋଗ' ପନ୍ଥାର ସତ୍ୟାଗ୍ରହୀ ଗାନ୍ଧୀଜୀଙ୍କର ନୈର୍ବ୍ୟକ୍ତିକ ଐଶ୍ୱରୀୟ ସତ୍ତାର ଯୁକ୍ତିସଂଗତ ପ୍ରସଙ୍ଗ। ୧୯୧୦ରୁ ୨୦୨୦ ପର୍ଯ୍ୟନ୍ତ ସାହିତ୍ୟ କ୍ଷେତ୍ରରେ ନିଜ ନିଜ ବହୁମୂଲ୍ୟ ଅବଦାନ ନିମନ୍ତେ ନୋବେଲ ପାଇଁ ଯୋଗ୍ୟ ବିବେଚିତ ଲେଖକ ଲେଖିକାଙ୍କର ବୌଦ୍ଧିକ ଆକଳନ କଲାବେଳେ ଅନ୍ୟତମ ପ୍ରାବନ୍ଧିକ ରାହୁଲ ଗୌତମ 'ଅତୀତ, ଇତିହାସ ଓ ଏପିକ୍‌ର ଉପଜୀବ୍ୟ ୨୦୨୦ ମସିହାରେ ନୋବେଲ ବିଜୟିନୀ ଲୁଇସ୍ ଗ୍ଲୁକଙ୍କ କାବ୍ୟ ସାହିତ୍ୟର ସାର୍ବଜନୀନ ସ୍ୱରକୁ ଆଲୋଚନାକୁ ଆଣିଛନ୍ତି । ଲୁଇସ୍‌ଙ୍କର କତିପୟ କବିତାର ନିର୍ଭୁଲ ଓଡ଼ିଆ ରୂପାନ୍ତର ଭିତରେ ପ୍ରାବନ୍ଧିକ କହୁଛନ୍ତି- "ତାଙ୍କର କବିତା ଗୁଡ଼ିକ କେଉଁଠି ସଂଳାପ ତ କେଉଁଠି ଛନ୍ଦବଦ୍ଧ ଗଦ୍ୟଶୈଳୀରେ ରଚିତ କବିତାଗୁଡ଼ିକ ହୃଦୟସ୍ପର୍ଶୀ। ଗ୍ରାମ୍ୟ ପରିବେଶର ପୃଷ୍ଠଭୂମିରେ ପ୍ରେମ, କାର୍ଯ୍ୟକ୍ଷେତ୍ର, ବାର୍ଦ୍ଧକ୍ୟ, ବିବାହ ଇତ୍ୟାଦି ଅନେକ ବିଷୟ ତାଙ୍କର କବିତାରେ ସ୍ଥାନିତ । ++++ ଗ୍ଲୁକ୍ ତାଙ୍କ କବିତାରେ କୌଣସି ଧର୍ମ, ଜାତି କି ଲିଙ୍ଗଗତ ତାରତମ୍ୟ ଭିତରେ ନିଜକୁ ବାନ୍ଧି ରଖିବାକୁ ଚାହିଁ ନାହାନ୍ତି । ଏହା ତାଙ୍କର କବିତାର ଏକ ବିଶେଷତ୍ୱ ।" ଏହାସହ 'ଆମ ସମୟର ପ୍ରବନ୍ଧ' ସ୍ତମ୍ଭରେ ପ୍ରାଚୀନ ଭାରତର ବ୍ୟାଖ୍ୟାକାର ରୋମିଲା ଥାପରଙ୍କର 'ଏ ହିଷ୍ଟ୍ରି ଅଫ୍ ଇଣ୍ଡିଆ' ପୁସ୍ତକର ଆଲୋଚନା ସହ ସାଂପ୍ରତିକ ସମୟକୁ ଲେଖିକା ସୁପ୍ରିୟା ମଲ୍ଲିକ ଯୋଡ଼ିଥିଲା ବେଳେ କହିଁ ଦୂର ଯବ୍ ଦିଲ ଢଲ୍‌ଯାଏ ପରି କାଳଜୟୀ ଗୀତରେ ସ୍ରଷ୍ଟା ଗୀତିକାର ଯୋଗେଶଙ୍କୁ ନେଇ ଏକ ମାର୍ମିକ ଆଲୋଚନା ତୋଳି ଧରିଛନ୍ତି ରାଧାମୋହନ ତ୍ରିପାଠୀ । ବିସ୍ମୃତିର ଗର୍ଭରୁ ସ୍ତମ୍ଭ ବିଦୁଷୀ ରମାବାଇଙ୍କ ଉପରେ ପ୍ରମିଳା ମହଲାଙ୍କର ଅନୁସୃଜନ ସଂଖ୍ୟାଟିର ଅନ୍ୟତମ ଆକର୍ଷଣ ।

ସଂଖ୍ୟାଟିର 'ଆମ ସମୟର କଥା' ପ୍ରସ୍ଥରେ ପାଠକ ଏଥର ଭେଟିବେ ପରେଶ କୁମାର ପଟ୍ଟନାୟକଙ୍କ 'ବାବନ ବିଶ୍ୱାଳର ପ୍ରେମିକା', ଜୟନ୍ତ କୁମାର ବିଶ୍ୱାଳଙ୍କର ଅରଣ୍ୟରେ ରାତି, ସନ୍ଧ୍ୟା ଦାସଙ୍କର ଜମ୍ବୁରାଜା, ଡଃ ଅଜୟ କୁମାର ପଟ୍ଟନାୟକଙ୍କର ମାଇ କୁକୁଡ଼ା ଓ ଆରଟି ବସ ଓ ମିଛ ମାଜିଷ୍ଟ୍ରେଟ, ପୁଷ୍ପାଞ୍ଜଳି କରଙ୍କର ନିସ୍ତବ୍ଧ ଇଲାକାର ପ୍ରହରୀ, ନିରଂଜନ ସାହୁଙ୍କର ଘରଭଙ୍ଗା: ଏକ କଠୋର ଆହ୍ୱାନ, ଦେବାଶିଷ ପାଣ୍ଡିଆଙ୍କର ମାଛି ଅନ୍ଧାର, କବିତା ମହାନ୍ତିଙ୍କର ପାଳଭୂତ ପରି ମନୋଜ୍ଞ ଗଳ୍ପମାନଙ୍କୁ । ସେହିପରି ଅନୁବାଦ କଥାରେ ବୁଦ୍ଧଦେବ ଗୁହଙ୍କର ମୂଳ ବଂଗଳା କଥାବସ୍ତୁର ଓଡ଼ିଆ ରୂପାନ୍ତରଣରେ କନକ ମଞ୍ଜରୀ ସାହୁ ରହିଥିଲା ବେଳେ ମୃଦୁଳା ଗର୍ଗଙ୍କ ମୂଳହିନ୍ଦୀ କାହାଣୀକୁ ଡଃ. ନରେନ୍ଦ୍ର ସେଠୀ 'ସଂପର୍କର କଥାଖିଅ' ଶୀର୍ଷକରେ ଏବଂ ମୂଳ ଇଂରାଜୀ ଗାଳ୍ପିକ ମାର୍ଗାରେଟ୍ ଆଟ୍‌ୱୁଡ୍‌ଙ୍କର କଥାବସ୍ତୁକୁ ଦେବାଶୀଷ ପଣ୍ଡା ଓଡ଼ିଆରେ ଅନୁସୃଜନ କରିଛନ୍ତି । 'ବିଶ୍ୱଶିଳ୍ପୀଙ୍କ ଜୀବନ' ପ୍ରସ୍ଥରେ ନିକୋଲାସସ ପୁଷିନ୍ ଉପରେ ଲେଖକ ଅଶୋକ ମହାନ୍ତି ଏକ ମନୋଜ୍ଞ ପ୍ରତିବେଦନ ତୋଳିଧରିଥିଲାବେଳେ 'ମୋ ମାଆଙ୍କୁ ଯେମିତି ଜାଣେ' ବିଭାଗରେ ଡଃ ମାଳବିକା ରାୟ 'ଅନ୍ତରରେ ସନ୍ତରଣ' ଶୀର୍ଷକ ମାର୍ମିକ ଅନୁଭବର କଥା ଉଚ୍ଚାରଣ କରିଛନ୍ତି ।

ଏହାସହ ସଂଖ୍ୟାଟିର ଅନ୍ୟାନ୍ୟ ସ୍ତମ୍ଭ ଭିତରୁ ଅତୀତର ଆଇନାରୁ, ଆମ ସମୟର ପ୍ରବନ୍ଧ, ସୃଜନାୟନ, ସୃଜନ ଆଳାପ, ଚିରସ୍ମରଣୀୟ, ତୀର୍ଯ୍ୟକ୍, ବିରଳ ଚିଠି, ଚିରନ୍ତନୀ, ସୃଜନ ଆକଳନ ଓ ପାଠକ ଦରବାର ପ୍ରମୁଖ ବିଭାଗ ଗୁଡ଼ିକ ପୂର୍ଣ୍ଣତା ଲାଭ କରିଛି ବହୁ ରୁଚିଶୀଳ ବକ୍ତବ୍ୟ ଓ ଆଲୋଚନାର ସୁନ୍ଦର ସମାପନ ଗୁଡ଼ିକରେ ।

ପାର୍ବଣ ୨୦୨୦ ସଂଖ୍ୟାରେ କଥା କଥା ସହ କବିତା କବିତାର ଏକାଧିକ ପ୍ରସ୍ଥ ପାଠକଙ୍କୁ ଦେବ ବିମଳ ପଠନାନନ୍ଦ । କବିତା ଘର (୧), କବିତା ଘର (୨), ଗୀତି କବିତା, ଅନୁବାଦ କବିତା ପରି ଅନନ୍ୟ ଏବଂ ଆକର୍ଷଣୀୟ ପର୍ଯ୍ୟାୟ ମାନଙ୍କରେ ପାଠକ ଭେଟିବେ ସମକାଳ ଓଡ଼ିଆ ସାହିତ୍ୟର ବହୁ ବରିଷ୍ଠ ତଥା ସକ୍ରିୟ ପ୍ରତିଶ୍ରୁତିବଦ୍ଧ କବିମାନଙ୍କର ମନୋରମ କବିତାର ସମାହାରମାନଙ୍କୁ ।

ଆମ ସମୟର ଆଉ ଜଣେ ଚର୍ଚ୍ଚିତ କବୀ ଓ ଲେଖିକା ଶୈବାଳିନୀ ସାହୁଙ୍କ କବିତା ପୁସ୍ତକ 'ଶବ୍ଦରେ ଶବ୍ଦରେ ଶୈବାଳିନୀ'ରେ ସ୍ଥାନିତ ଏକ କବିତା 'କରୋନା ପରେ'ର କିଛି ପଂକ୍ତି ଆଲୋଚ୍ୟ କଥା କଥା କବିତା କବିତା, ପାର୍ବଣ-୨୦୨୦ର ସଂପାଦକୀୟ କେବେ ବି ଭୁଲିବାର ନୁହେଁ ପାଠକଲା ବେଳେ ସ୍ମରଣକୁ ଆସୁଛି । ଯଥା- "ନିୟତିର ନାଗବନ୍ଧନରୁ ହୁଏତ/ ପୁଣିଥରେ ତୁମେ ମୁକ୍ତି ଲଭିବ/କର୍ପୁର୍ଯ୍ୟ ହଟିଯିବ ଓ / ଜାରି ହୋଇଥିବା କଣ୍ଟେନ୍‌ମ୍ୟାଣ୍ଟ ଜୋନ୍‌ରେ ବି ଲଟେଇ ପାରିବ କଲରାପତ୍ରିଆ ସ୍ୱପ୍ନ ସବୁ/ ତୁମେ ସେତେବେଳେ ସବୁ ମୁଣ୍ଡ ଟେକୁଥିବ/ ହରପ୍ପା ସଭ୍ୟତାର ଇଟା ଖଣ୍ଡପରି ++++

ତେବେ ନିୟତିର ଏ ନାଗବନ୍ଧନରୁ କ'ଣ ସତରେ ସଂପୂର୍ଣ୍ଣ ମୁକ୍ତି ନାହିଁ? ଜୀବନ ମୃତ୍ୟୁର ଛକାପଞ୍ଝା ଖେଳରେ ମାନବଜାତିକୁ ନୟାନ୍ତ କରିସାରିଥିବା 'କରୋନା'ର ପ୍ରଥମ ଓ ଦ୍ୱିତୀୟ ଲହର ଅତିକ୍ରମ କରି ମାନବ ସଭ୍ୟତା ଆପଦମୁକ୍ତ ଜୀବନଟିଏ ଆରମ୍ଭ କରିବାର ଦିନ କେବେ? ସାହିତ୍ୟର ସରଣୀରେ ମାନବ ସଭ୍ୟତାର ନୂତନ ଅବବାହିକାଟିଏ ଅନ୍ୱେଷିବାର ଧାରାରେ କଥା କଥା କବିତା କବିତା, ପାର୍ବଣ-୨୦୨୦ ସାରସ୍ୱତ ପରମ୍ପରା ସହ ଆସନ୍ତାକାଲିର ଭୟମୁକ୍ତ ସୂର୍ଯ୍ୟୋଦୟ ଆସିବାଯାଏ ଶାବ୍ଦିକ ସଖ୍ୟ ଓ ସାହଚର୍ଯ୍ୟ ଦେଇଥିବାରୁ ଧନ୍ୟବାଦାର୍ହ ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ପାରାଦ୍ୱୀପ ବନ୍ଦର ଇଷ୍ଟେଟ୍ ବିଭାଗର ମୁଖ୍ୟ ଆର୍ଆଇଙ୍କ ପରଲୋକ



ପାରାଦ୍ୱୀପ,୦୮/୦୫ (ନି.ପ୍ର): ପାରାଦ୍ୱୀପ ବନ୍ଦର ର କର୍ମଚାରୀ ଅନ୍ତର୍ଯ୍ୟାମି ପ୍ରଧାନ (୫୦)ଙ୍କ ମେ ୫ ତାରିଖ ବୁଧବାର ରାତି ୧.୩୦ ମିନିଟ୍ ସମୟରେ ମୃତ୍ୟୁ ହୋଇଯାଇଛି । ସ୍ୱର୍ଗତ ପ୍ରଧାନ ପାରାଦ୍ୱୀପ ବନ୍ଦର ର ଇଷ୍ଟେଟ୍ ବିଭାଗରେ ମୁଖ୍ୟ ଆର୍ଆଇ ଭାବେ କାର୍ଯ୍ୟରତ ଥିଲେ । ଖବରରୁ ପ୍ରକାଶ ସେ ଗତ ବୁଧବାର ଦିନ ପାରାଦ୍ୱୀପ ସ୍ଥିତ ବନ୍ଦର କ୍ୱାର୍ଟରରେ ରାତ୍ର ଭୋଜନ କରି ୧୦.୩୦ ସୁଧା ଶୋଇପଡିଥିଲେ । ହଠାତ୍ ରାତିରେ ତାଙ୍କର ଛାତିରେ ଜୋର ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଗାଡି ଯୋଗେ ଚିକିତ୍ସା ପାଇଁ ବନ୍ଦର ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ୱର୍ଗତ ପ୍ରଧାନ ଜଣେ ସରଳ, ବନ୍ଧୁ ବତ୍ସଳ ଓ ଉଚ୍ଚ ମାନର ବ୍ୟକ୍ତି ଭାବେ ସାଧାରଣରେ ବେସ୍ ଆଦୃତ ଥିଲେ । ତାଙ୍କ ବିୟୋଗରେ ବନ୍ଦର ଇଷ୍ଟେଟ୍ ବିଭାଗ କର୍ମଚାରୀଙ୍କ ସମେତ ସାଧାରଣରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ସ୍ଥାନୀୟ ଏସ୍.ସି.ଏସ୍‌ଟି ଆସୋସିଏସନ ପକ୍ଷରୁ ଆସୋସିଏସନ୍ ପ୍ରାଙ୍ଗଣରେ କୋଭିଡ୍ ନିୟମ ପାଳନ ପୂର୍ବକ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଏସ୍.ସି.ଏସ୍.ଟି ଆସୋସିଏସନର ସମ୍ପାଦକ ଧୁନ ଚନ୍ଦ୍ର ତରାଇ, ସହ ସମ୍ପାଦକ ଅଜୟ କୁମାର ବେହେରା, ଉପ ସଭାପତି ମହେଶ୍ୱର ସୋରେନ୍, କୋଷାଧ୍ୟକ୍ଷ ପୁରୁଷୋତ୍ତମ ବେଶ୍ରା ଓ ସମସ୍ତ ସଭ୍ୟ ଯୋଗଦେଇ ଶୋକ ବ୍ୟକ୍ତ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

## ଯୁବକଙ୍କ ଅକାଳ ମୃତ୍ୟୁ

ଖଇରା,୦୮/୦୫ (ନି.ପ୍ର): ଖଇରା ଥାନା ବାଘୁଆ ଗ୍ରାମର ସାଧୁ ଚରଣ ଦାସଙ୍କ ପୁଅ ସୁଜିତ(୩୨) ବାଙ୍ଗାଲୋରରେ ଘରୋଇ କମ୍ପାନୀରେ କାର୍ଯ୍ୟ କରିଆସୁଥିଲେ । ଅସୁସ୍ଥ ହେବାରୁ ସେ ଘରକୁ ପଳାଇ ଆସିଥିଲେ । ଗତ କାଲି ସେ ହଠାତ ଅସୁସ୍ଥ ହୋଇପଡିବାରୁ ଭଦ୍ରକ ମେଡିକାଲ କୁ ନେଇ ଯାଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର ବିଧବା ପତ୍ନୀ ସମେତ ୨ ଝିଅ ଅଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୫ ଗିରଫ, ୧୩୫ ବାହନ ଜବତ

ଭୁବନେଶ୍ୱର,୦୮/୦୫ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୭୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୦୨,୪୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ତୃତୀୟ ସପ୍ତାହାନ୍ତ ବନ୍ଦର ପ୍ରଥମ ଦିନ : ମିଥ୍ୟା ପରିଚୟପତ୍ରର ଫିତା ପକାଇ ସହରରେ ବୁଲିଲେ ଅମାନିଆ

ବାଲେଶ୍ୱର,୦୮/୦୫ (ନି.ପ୍ର): ତୃତୀୟ ଲହର କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାରଙ୍କ ଜାରି ଦୁଇଦିନିଆ ସପ୍ତାହାନ୍ତ ବନ୍ଦର ଶନିବାର ଦ୍ୱିତୀୟ ସପ୍ତାହର ପ୍ରଥମ ଦିନ।୧୪ ଦିନିଆ ତାଲାବନ୍ଦ ମଧ୍ୟରେ ଏହି ସପ୍ତାହାନ୍ତ ବନ୍ଦ ବାଲେଶ୍ୱରେ ବିଶେଷ ପ୍ରଭାଶାଳୀ ହୋଇନଥିବା ଲକ୍ଷ୍ୟ କରାଯାଇଛି। ୫ ତାରିଖରୁ ଚାଲିଥିବା ତାଲାବନ୍ଦରେ ପୁଲିସର ତନାଘନା ଓ ଯାଞ୍ଚ ଯୋଗୁଁ ସହରରେ ୩ଦିନ ଯଥାକଥା ଲୋକେ ପାଳନ କରିଥିଲେ। ଏହି ତିନିଦିନ ମଧ୍ୟରେ ଜରିମାନା ଦେବା ସହ ଅମାନିଆ କିଛିମାତ୍ରାରେ ସାବାଡ଼ ହୋଇଥିଲେ। ଏହି ସପ୍ତାହାନ୍ତ ତାଲାବନ୍ଦରେ ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ମେଡିକାଲ କର୍ମଚାରୀ, ହସପିଟାଲକୁ ଯାଉଥିବା ରୋଗୀ, ବିଦ୍ୟୁତ, ପାଣି ଯୋଗାଣ, ଟେଲି କମ୍ୟୁନିକେସନ, ସଫେଇ କର୍ମଚାରୀ, ଔଷଧ ଦୋକାନ, ଶିକ୍ଷାନୁଷ୍ଠାନ କର୍ମଚାରୀ, ପେଟ୍ରୋଲ ପମ୍ପ, ସାଧାରଣ ପରିବହନ କର୍ମଚାରୀ ତଥା ଗଣମାଧମ ପ୍ରତିନିଧିଙ୍କୁ କଟକଣାରୁ ମୁକ୍ତ ରଖାଯାଇଛି। ଏହି ବର୍ଗର ଅଧିକାରୀ କର୍ମଚାରୀଙ୍କ ବେକରେ ଓହଳୁଥିବା ପରିଚୟପତ୍ରକୁ ଦେଖି ଯାଞ୍ଚ ବେଳେ ପୁଲିସ ଛାଡ଼ି ଦେଉଥିଲା। ସମସ୍ତଙ୍କୁ ଅଟକାଇ ଯାଞ୍ଚ କରିବା ପରିବର୍ତ୍ତେ ପୁଲିସ ସେମାନଙ୍କ ଆଇ କାର୍ଡ଼ର ଫିତାକୁ ଦୂରରୁ ଦେଖି ଅଟକାଉ ନଥିଲେ। ଏହାର ସୁଯୋଗ ନେଇ ଅମାନିଆମାନେ ନିଜ ପରିବାରର ଅନ୍ୟ କାହାରି କୌଣସି ପରିଚୟପତ୍ର କିମ୍ବା କେବଳ ନୀଳ ବା ସବୁଜ ରଙ୍ଗର ଫିତାକୁ ବେକରେ ପକାଇ ପୁଲିସକୁ ଚକମା ଦେଇ ପାର ହୋଇ ଯାଉଥିଲେ। ତେବେ ଏହି ଘଟଣା ସମ୍ପର୍କରେ କଟକ ଓ ଭୁବନେଶ୍ୱରରେ ଜଣାପଡ଼ିବା ପରେ ବାଲେଶ୍ୱର ପୁଲିସ ମଧ୍ୟ ଅନୁରୂପ ଯାଞ୍ଚ ଆରମ୍ଭ କରିଥିଲେ। ଫଳରେ ବହୁ ଅମାନିଆ ଧରାପଡ଼ି ଦଣ୍ଡ ଗଣିଥିଲେ। ଅନ୍ୟପକ୍ଷରେ ପୁଲିସ ପାଟ୍ରୋଲିଂ ଗାଡ଼ି ସହରର ସବୁ ଅଞ୍ଚଳ ବୁଲିବାରେ ସମ୍ଭବ ହୋଇ ନପାରିବା ଯୋଗୁଁ ଅପରାହ୍ନରେ ସହରର କେତେକ ରାସ୍ତରେ ଲୋକେ ସ୍ୱଭାବିକ ଭାବେ ବୁଲାବୁଲି କରିଥିଲେ। ମାଟ ଉପରେ ବାଲେଶ୍ୱରେ ତୃତୀୟ ସପ୍ତାହାନ୍ତ ବନ୍ଦର ପ୍ରଥମ ଦିବସ ସେତେଟା ସଫଳ ହୋଇନଥିବା ଦେଖିବାକୁ ମିଳିଥିଲା।

# କରୋନା ପରିଚାଳନରେ ଅବ୍ୟବସ୍ଥାକୁ ନେଇ କଂଗ୍ରେସ ପକ୍ଷରୁ ପ୍ରେସ୍ ଇସ୍ତାହାର

ଜଳେଶ୍ୱର,୦୮/୦୫ (ନି.ପ୍ର): ରାଜ୍ୟରେ କରୋନାର ୨ୟ ଲହର ଦିନକୁ ଦିନ ବଢୁଥିବା ବେଳେ ପଶ୍ଚିମବଂଗର ଟ୍ରିପଲ ମ୍ୟୁଟାଣ୍ଟଭୁତାଣୁ ସମସ୍ତଙ୍କୁ ଭୟଭିତ କରିଛି । ବିଶେଷ କରି ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳ ସହିତ ପଶ୍ଚିମବଂଗର ପୂର୍ବ ମେଦିନିପୁର ଓ ପଶ୍ଚିମ ମେଦିନୀପୁର ଜିଲା ଲାଗି ରହିଥିବାରୁ ଏହାର ସଂକ୍ରମଣର ଆଶଙ୍କା ଅଧିକ ରହିଛି । ହାଇଦ୍ରାବାଦ ଓ ତେଲେଙ୍ଗାନାରୁ ସଂକ୍ରମିତମାନେ ଗାଁକୁ ଆସି ଘରେ ସଂଗରୋଧରେ ରହିମଧ୍ୟ ଗାଁ ଦାଣ୍ଡରେ ବୁଲାବୁଲି କରୁଛନ୍ତି । ଏହାକୁ ଏଡାଇବା ଲାଗି ଦୀନକୃଷ୍ଣ କଲେଜରେ କୋଭିଡ୍ କେୟାର ସେଣ୍ଟର ଖୋଲିବା ଲାଗି ସମସ୍ତ ପ୍ରସ୍ତୁତି ହୋଇଥିବା ବେଳେ ଅଦ୍ୟାବଧି ତାହା କରାଯାଇନାହିଁ । ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ଟୀକାକରଣ ଶେଷ ହୋଇନଥିବା ବେଳେ ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ଟୀକା ନ ପାଇ ଫେରୁଛନ୍ତି । ତେଣୁ ଜଳେଶ୍ୱର ଭଳି ଏକ ସମ୍ବେଦନଶୀଳ ଅଂଚଳରେ ଟୀକାକରଣକୁ ଗୁରୁତ୍ୱ ଦେବା ସହିତ କୋଭିଡ୍ କେୟାର୍ ସେଣ୍ଟର ଖୋଲାଯିବାକୁ କଂଗ୍ରେସ ପକ୍ଷରୁ ସୁଦର୍ଶନ ଦାସ, ରାଜୀବ ପରିଡା, ସତ୍ୟସୁନ୍ଦର ଦାସ, ସୁକୁମାର ଘୋଷ, ହେମନ୍ତ ଗିରି, ଜଗଦୀଶ ନନ୍ଦୀ, ସୁଦାମ ପାତ୍ର, ଚିତ୍ତରଂଜନ ପରିଡା, ଗୌରାଙ୍ଗ ମହାପାତ୍ର, ପଦ୍ମଲୋଚନ ବେହେରା, ଦୀପାଳି ଜେନା, ରାଧାରାଣୀ ପାତ୍ର, ଗୋପାଳକୃଷ୍ଣ ଜେନା, ବିରେନ୍ ଦେ, ଗିରିଜାଶଂକର ଦାସ, ତ୍ରିଲୋଚନ ନାୟକ, ଦେବୁ ନନ୍ଦୀ ପ୍ରମୁଖ ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଦାବି କରିଛନ୍ତି ।

## ପ୍ରତାପ, ବିଜୟଶ୍ରୀ, ରଘୁନାଥ ଓ ପ୍ରଫୁଲ୍ଲଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୮/୦୫ (ନି.ପ୍ର): କରୋନାରେ ସଂକ୍ରମିତ ହୋଇଥିବା ଦଳର ବରିଷ୍ଠ ନେତା ତଥା ମନ୍ତ୍ରୀ ପ୍ରତାପ ଜେନା , ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ , ବିଧାୟକ ରଘୁନାଥ ଗମାଙ୍ଗୋ ଏବଂ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ସେମାନେ କୋଭିଡ୍ ସଂକ୍ରମିତ ହୋଇଥିବା ଜାଣି ଚିନ୍ତା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କର ଆଶୁ ଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଲିଃ ତରଫରୁ ୧୦ ଲକ୍ଷ ଟଙ୍କା ଦାନ

ଭୁବନେଶ୍ୱର,୦୮/୦୫ (ନି.ପ୍ର): ରାଜ୍ୟର କୋଭିଡ୍ ଲଢେଇରେ ନିଜର ଯୋଗଦାନ ସ୍ୱରୂପ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ଦାନ କରିଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ଲୋକସେବା ଭବନଠାରେ ବୋର୍ଡର ଅଧ୍ୟକ୍ଷ ଶ୍ରୀ ଚିନ୍ମୟ କୁମାର ସାହୁ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ୍ତ କୁମାର ସାହାଣୀଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ ସମୟରେ ନିଗମର ଅଧ୍ୟକ୍ଷ ଶ୍ରୀ ସାହୁ କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦୂରଦର୍ଶୀ କୋଭିଡ୍ ପରିଚାଳନା ଯୋଗୁ ଓଡ଼ିଶାରେ କୋଭିଡ୍ ମହାମାରୀ ସ୍ଥିତି ନିୟନ୍ତ୍ରଣାଧିନ ରହିଛି । କୋଭିଡ୍ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅନେକ ରାଜ୍ୟଠାରୁ ଭଲ ସ୍ଥିତିରେ ଅଛି।

# ଜନଜାତି ସଂଗ୍ରହାଳୟକୁ ଥ୍ରୀ-ଡିରେ ଭର୍ଚୁଆଲ୍ ଟୁର୍

ଭୁବନେଶ୍ୱର,୦୮/୦୫ (ନି.ପ୍ର): ମହାମାରୀ କରୋନା ଯୋଗୁଁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ବନ୍ଦ ରହିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପଦକ୍ଷେପ ଫଳରେ ଦର୍ଶକମାନେ ପ୍ରତ୍ୟେକ ରବିବାର ଦିନ ଏହି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍ କରିପାରିବେ । ମେ ୯ ତାରିଖ ଦିନ ଦର୍ଶକମାନେ ଥ୍ରୀ-ଡି ମାଧ୍ୟମରେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟର ମୁଖ୍ୟ ସଂଗ୍ରହାଳୟ ଭବନ ସମ୍ପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡଃ. ଅଖିଳ ବିହାରୀ ଓଟା ପ୍ରକାଶ କରିଛନ୍ତି । ସଂଗ୍ରହାଳୟର ମୁଖ୍ୟ ଭବନରେ ପାଂଚଗୋଟି ଗ୍ୟାଲେରୀ ରହିଛି । ଏହି ପାଂଚଗୋଟି ଗ୍ୟାଲେରୀରେ ଓଡ଼ିଶାର ୬୨ଟି ଜନଜାତିଙ୍କର ବିଭିନ୍ନ ପ୍ରକାରର ଦୈନିନ୍ଦିନ ବ୍ୟବହୃତ ସାମଗ୍ରୀ ଏବଂ କଳା ଓ ଶିଳ୍ପକଳା ପ୍ରଦର୍ଶିତ ହୋଇଛି । ବିଭିନ୍ନ ଗ୍ୟାଲେରୀରେ ଜନଜାତି ସମ୍ପ୍ରଦାୟଙ୍କ ସମ୍ପର୍କରେ ତଥ୍ୟ ରହିଛି । ପ୍ରଥମ ଗ୍ୟାଲେରୀରେ ଜନଜାତି ଅଳଙ୍କାର ଇତ୍ୟାଦି, ଦ୍ୱିତୀୟ ଗ୍ୟାଲେରୀରେ ଜନଜାତି ବୟନ, ବ୍ୟକ୍ତିଗତ ସାମଗ୍ରୀ, କଳା ଓ ଶିଳ୍ପକଳା, ତୃତୀୟ ଗ୍ୟାଲେରୀରେ ଶୀକାର ଓ ମାଛଧରା ଉପକରଣ ଓ ନିଜର ସୁରକ୍ଷା ପାଇଁ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଚତୁର୍ଥ ଗ୍ୟାଲେରୀରେ ନିତ୍ୟବ୍ୟବହାର୍ଯ୍ୟ ଘରକରଣା ସାମଗ୍ରୀ ଓ କୃଷି ଉପକରଣ, ପଂଚମ ଗ୍ୟାଲେରୀରେ ନୃତ୍ୟ, ବାଦ୍ୟଯନ୍ତ୍ର ଓ ଢୋକ୍ରା ସାମଗ୍ରୀ ପ୍ରଦର୍ଶନ କରାଯାଉଛି । ସଂଗ୍ରହାଳୟର ମୁଖ୍ୟ ଭବନର କେନ୍ଦ୍ରରେ ରହିଥିବା ଅଗଣାରେ ଜନଜାତି ପୂଜାପୀଠ ରହିଛି । ସେଠାରେ ୧୪ଟି ଜନଜାତି ସମ୍ପ୍ରଦାୟର ପୂଜାପୀଠ, ଦେବାଦେବୀଙ୍କର ଉପାସନା ପୀଠ ନିର୍ମାଣ କରାଯାଇଛି ।

# ଭୁବନେଶ୍ୱରରେ ୨୪ ଘଂଟାରେ ୧୦୩୪ ପଜିଟିଭ୍, ୧୦୧୯ ସୁସ୍ଥ

ଭୁବନେଶ୍ୱର,୦୮/୦୫ (ନି.ପ୍ର):- ରାଜଧାନୀ ଭୁବନେଶ୍ୱରରେ କରୋନାର ହଜାରେ ଟ୍ରେଣ୍ଡ ଜାରି ରହିଛି । ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଆଉ ୧୦୩୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୫୩୦ କୁ ବୃଦ୍ଧି ପାଇଛି । ଆଜି ୧୫୪ ଜଣ କ୍ୱାରେଂଟାଇନ୍ ମାମଲା ରହିଥିବା ବେଳେ ୮୮୦ ଲୋକାଲ୍ କେସ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୦୧୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ଆଜି ଚିହ୍ନଟ ହୋଇଥିବା ୮୮୦ ଲୋକାଲ୍ କେସ ଭିତରୁ ସର୍ବାଧିକ ପଟିଆ ଓ ନୟାପଲ୍ଲୀରୁ ୫୪ ଜଣ ଲେଖାଏଁ ରହିଥିବା ବେଳେ ଲକ୍ଷ୍ମୀସାଗର ଓ ଖଣ୍ଡଗିରିରୁ ୪୦ ଜଣ ଲେଖାଏଁ , ଓଲ୍ଡଟାଉନ୍ ରୁ ୩୭ ଜଣ, ଚନ୍ଦ୍ରଶେଖରପୁରରୁ ୩୫ ଜଣ ,ଡୁମଡୁମାରୁ ୩୩ , ରସୁଲଗଡରୁ ୨୭, ବରମୁଣ୍ଡାରୁ ୨୪ , ୟୁନିଟ୍ ୮ , ୟୁନିଟ୍ ୯, ଝାରପଡା ଓ ଶୈଳଶ୍ରୀବିହାରରୁ ୨୩ ଲେଖାଏଁ , ବିଜେବି ନଗରରୁ ୨୧, ସୁନ୍ଦରପଦାରୁ ୨୦ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ପଟିଆରୁ ୧୪ , ନୟାପଲ୍ଲୀରୁ ୧୩ , ଓଲ୍ଡ ଟାଉନ୍ ରୁ ୯ , ୟୁନିଟ୍ ୮ରୁ ୭ ଜଣ ଲେଖାଏଁ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୫୩୦ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୪୨୧୫୫ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୦୦୭୫ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୭୯ ରହିଛି ।

# ରାଜପଥ ଫାଟୁଛି ଓ ଦବୁଛି, ଯାତ୍ରୀଙ୍କ ଚିନ୍ତା ବଢୁଛି



ଖଇରା,୦୮/୦୫ (ନି.ପ୍ର): ଖଇରା ଅଂଚଳ ବାସୀଙ୍କ ବହୁ ଦାବି ପରେ ସୋର କୁପାରୀ ରାଜ୍ୟ ରାଜପଥ ମାନ୍ୟତା ଲାଭ କରିଥିଲା । ଏହି ରାସ୍ତାଟିର ଉନ୍ନତି କରଣ ୨୦୧୬ ମସିହାରେ ୪୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ମଞ୍ଜୁର ହୋଇଥିଲା । ରାସ୍ତାଟି କୁପାରୀ ଠାରୁ ଅନନ୍ତ ପୁର ପର୍ଯ୍ୟନ୍ତ କାର୍ଯ୍ୟ ହୋଇଥିଲା । ହେଲେ ଗୁଜୁରାଟର ଏକ ଘରୋଇ ସଂସ୍ଥା ଏହାର କାର୍ଯ୍ୟ କରିଥିଲା । ୨୦୧୯ ଶେଷରେ କାର୍ଯ୍ୟ ଶେଷ ହୋଇଥିଲା । ହେଲେ ରାସ୍ତା ପ୍ରଶସ୍ତି କରଣ ଓ ଉନ୍ନତି କରଣ ନେଇ ଖଇରା ଅଂଚଳ ବାସୀ ବେଶ ଖୁସୀ ହେବା ସହିତ ନିଜର ଜୀବନ ଜୀବିକା କରି ବଂଚୁଥିବା ଦୋକାନ ମଧ୍ୟ ଭାଙ୍ଗିବାରେ ପ୍ରଶାସନକୁ ମଧ୍ୟ ସାହାର୍ଯ୍ୟ କରିଥିଲେ । ହେଲେ ଆଜି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ପ୍ରଥମେ ରାସ୍ତା ତିଆରି ଓ ମରାମତି ନେଇ ପୂର୍ତ୍ତ ବିଭାଗର ଦ୍ୱାରା ନିଯୁକ୍ତ ଠିକାଦାର ଅର୍ଥ ଖର୍ଚ୍ଚ କରିଥିଲେ ।ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ସଠିକ ଭାବେ କାର୍ଯ୍ୟ ତଦାରଖ ହୋଇପାରିନଥିବାରୁ ରାସ୍ତା ଟିର ଏବେ ବିଭିନ୍ନ ସ୍ଥାନରେ ଫାଟ ସହିତ ଦବିବା ଆରମ୍ଭ ହୋଇଛି । କୁପାରୀ ଠାରୁ ତୁଡିଗଡିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହା ଏବେ ଯାତାୟତ କାରୀଙ୍କ ମଧ୍ୟରେ ବିପଦର ଆଶଙ୍କା ସୃଷ୍ଟି ହୋଇଛି । ଗଣ୍ଡିବେଡର ପେଟ୍ରୋଲ ଟାଙ୍କି ୧ ଝାଟିଆ ମଝିରେ ରାସ୍ତା ଫାଟ ସହିତ ରାସ୍ତା ଧିରେ ଧିରେ ଦବିବାକୁ ବସିଲାଣି । ରାସ୍ତା ପାଖରେ ଥିବା ବିଛା ଯାଇଥିବାମାଟି ୩୦ ଫୁଟ ଲମ୍ବର ଫାଟ ସୃଷ୍ଟି ଯୋଗୁ ଏହା ଏବେ ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ପିଚୁ ଫାଟିବା ସହିତ ମଧିରେ ଧିରେ ଦବୁଥିବାରୁ ତାହା ମଧ୍ୟ ଅଧିକ ଆଶଙ୍କା ସୃଷ୍ଟି କରିଛି । ନିମ୍ନ ମାନର କାମ ସହିତ ବିଭାଗୀୟ ଅଫିସର ମାନଙ୍କର ଖମଖିଅଲି ପାଇଁ ରାଜ୍ୟ ରାଜପଥ ଏବେ ନଷ୍ଟ ହେବାରେ ଲାଗିଛି । ଏ ବିଷୟରେ ଏସଡିଓ ପି ସି ଦ୍ୱାରୀ ଙ୍କୁ ପଚାରୀବାରୁ ସେ ମରାମତି ପାଇଁ ଆସିଥିବା ଅର୍ଥ ସେପ୍ଟେମ୍ବର ୨୦୨୦ରେ ଶେଷ ହୋଇଯାଇଛି। ଯାହାଫଳରେକି ନୂତନ ଆକଳନ ପରେ ଅର୍ଥ ଆସିଲେ ଏହିକାର୍ଯ୍ୟ ସମ୍ପନ୍ନ ହେବବୋଲି ପ୍ରକାଶ କରିଛନ୍ତି । ଖୋଦ ମୁଖ୍ୟ ମନ୍ତ୍ରୀ ଏହି ରାସ୍ତା ପାଇଁ ଶିଳାନ୍ୟାସ କରିବା ପରେ ଖଇରା ବାସୀଙ୍କ ମଧ୍ୟରେ ନୂତନ ଆଶା ସଂଚାର ହୋଇଥିଲା ବେଳେ ଏହି ଆଶା ଏବେ ମଉଳି ଯାଉଛି । ଦେଖିବାକୁ ବାକି ରହିଲା ଏହି ରାସ୍ତା ନଷ୍ଟ ହେବା ଆଗରୁ କେବେ ରାସ୍ତା ଉପରେ ଶୁଭଦୃଷ୍ଟି ପଡୁଛି ପ୍ରଶାସନର ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଚିନ୍ତା ବଢାଉଛି ମହାମାରୀ : ସଙ୍କଟରେ....

ପ୍ରଥମ ଲହରରେ ୭ ମାସ କ୍ଷତି ସହିଥିବା ବସ ମାଲିକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଥିବା ବେଳେ ଏବେ ପୁଣି ଦ୍ୱିତୀୟ ଲହରରେ ସେହି ସମାନ ଦଶା ଭୋଗିଛି । ଗତ ଲହରରୁ ବର୍ତ୍ତି ନଥିବା ଓ ନିଜର ବସ ସଜାଡିବାକୁ ଟଙ୍କା ଯୋଗାଡ କରିପାରୁନଥିବା ମାଲିକମାନେ ଏବେ ପୁଣି ହାତ ବାନ୍ଧି ବସିଛନ୍ତି । ଏପ୍ରିଲ ମାସର ସପ୍ତାହାନ୍ତ ସଟଡାଉନ, ନାଇଟ କର୍ଫ୍ୟୁ ପରେ ଯାତ୍ରୀ ପରିବହନ ହୋଇପାରୁନି । ସେପଟେ ଅନ୍ତରାଜ୍ୟ ବସ ଚଳାଚଳ ବନ୍ଦ କରାଯାଇଛି । ଏବେ ପୁଣି ମେ ୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସରକାର ଲକଡାଉନ ଘୋଷଣା କରିବା ପରେ ଚିନ୍ତା ପଶିଛି । ତେବେ ଏହା ଦ୍ୱାରା ରାଜ୍ୟର ପାଖାପାଖି ୧୪ ହଜାର ବସ ମାଲିକଙ୍କ ସମେତ ଏହି ବସ ଉପରେ ନିର୍ଭର କରୁଥିବା ୫୭ ହଜାର ପ୍ରତ୍ୟକ୍ଷ କର୍ମଚାରୀଙ୍କ ଜୀବିକା ଜୀବନ ମଧ୍ୟ ବିପନ୍ନ ହୋଇଛି । ପରୋକ୍ଷରେ ଏହା ଉପରେ ନିର୍ଭର କରୁଥିବା ପାଖାପଖି ୩ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ବସ ଚାଳକମାନେ ଗତ ଥର ପରିବା ବ୍ୟବସାୟ କରୁଥିବା ତ କିଏ ଗାଁରେ ନିଜର କୌଳିକ ବୃତ୍ତି କରି ଚଳୁଥିଲେ । ଏଥର ତାଙ୍କୁ ଏ ବୃତ୍ତି ଛାଡିବାକୁ ବାଧ କରୁଛି । ବସ ଚାଳକ, ହେଲପର, କଣ୍ଡକ୍ଟର ଓ ଖଲାସି ସମସ୍ତେ ଜୀବିକା ହରାଇଛନ୍ତି । ସେମାନଙ୍କୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସହାୟତା ଦିଆଯାଉନାହିଁ । ବସ ଚାଲୁନଥିବାରୁ ମାଲିକମାନେ କିସ୍ତି ଓ ବୀମା ଦେଇପାରୁନଥିବା ବେଳେ ବସ କର୍ମଚାରୀଙ୍କ ଦରମା କେଉଁଠୁ ଆଣିଦେବେ ବୋଲି ମତ ରଖିଛନ୍ତି । ରାଜ୍ୟର ଶହ ଶହ ବସ ମାଲିକ ଏବେ ଏହି କାରଣରୁ ବସ ଚଳାଇ ପାରୁନାହାନ୍ତି । ଗତବର୍ଷ ୭ ମାସ ବସ୍ ଛିଡା କରି କିସ୍ତି ଦେଇଥିବା ବସ ମାଲିକ ଏବେ ବସ ମରାମତି କରିବାକୁ ମଧ୍ୟ ସେମାନଙ୍କ ପାଖରେ ଅର୍ଥାଭାବ ଦେଖାଦେଇଛି । ଶହ ଶହ ବସ ମାଲିକ ଏବେ ବସ ବିକ୍ରି କରି ଦେଉଥିବା ଜଣାପଡିଛି । ବ୍ୟାଙ୍କ ଓ ଫାଇନାନସ କଂପାନି କିସ୍ତି ମାଗିବାରେ କୋହଳ କରୁନାହିଁ । ଇନସୁରାନସ କଂପାନି ମଧ୍ୟ କୋହଳ କରୁନଥିବାରୁ ବସ ମାଲିକମାନେ ହତାଶ ହୋଇପଡିଛନ୍ତି । ସରକାର ବସ ମାଲିକଙ୍କ ଦୁଃଖ କଥା ବୁଝିବା ସହିତ ଏହା ଉପରେ ନିର୍ଭର କରୁଥିବା କର୍ମଚାରୀଙ୍କ କଥା ବୁଝିବାକୁ ରାଜ୍ୟ ବସ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ କହିଛନ୍ତି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି ।

## ମାଆ ପାଇଁ ସବୁଜ....

ଜରିଆରେ ମା'କୁ ଭଲ ପାଇବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ନିବେଦନ କରିଛନ୍ତି । ମାଟି, ମଞ୍ଜି ଓ ଗୋବର ଖତରେ ଟାଙ୍ଗରା ଜମିକୁ ଯେଉଁଭଳି ସବୁଜିମା କରିବାର ଶକ୍ତି ରଖିଥାଏ ସେହିପରି ମାଆର ପଣତକାନି ସନ୍ତାନ ପାଇଁ ସୁରକ୍ଷିତ ଏବଂ ନିରାପଦ ରଖିଥାଏ । ଯାହାର ସ୍ନେହ ଆଉ ପ୍ରେମରେ ନଥାଏ କିଛି ସ୍ୱାର୍ଥ ଆଉ କାମନା । ଯିଏ ନିଃସ୍ୱାର୍ଥପରଭାବେ ସନ୍ତାନମାନଙ୍କ ପ୍ରତି ଅଜାଡ଼ି ଦେଇପାରେ ଅଜସ୍ର ଭଲ ପାଇବା ସେ ହେଉଛି ମାଆ । ମାଆ ପାଇଁ ଉତ୍ସର୍ଗ ଆଜିର ଦିନଟିରେ ସମସ୍ତେ ସବୁଜ ସଂକଳ୍ପ ନିଅନ୍ତୁ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି ।

## କଟକର କୋଭିଡ୍ ରିପୋର୍ଟ ଦେଲେ....

ବେଡ୍ ଉପଲବ୍ଧ କରାଇବାକୁ ସିଏମସି କମିସନର ପ୍ରେସମିଟ୍ କରି ସୂଚନା ଦେଇଛନ୍ତି । ଏଥିରେ ୪୧ ଆଇସିୟୁ ଓ ୪୦ଟି ଏଚଡିୟୁ ରହିବ ବୋଲି ସୂଚନା ମିଳିଛି । ତେବେ ଏସସିବିର କ୍ଷମତା ବୃଦ୍ଧି ହେଲେ ଅନ୍ୟ ଜିଲ୍ଲାର ରୋଗୀମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ଅନନ୍ୟା ଦାସ କହିଛନ୍ତି । ସେହିପରି ଆକ୍ରାନ୍ତମାନଙ୍କୁ ସ୍ଥାନାନ୍ତର କରିବା ପାଇଁ କଟକ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ କଣ୍ଟ୍ରୋଲ ରୁମ ନମ୍ବର ଜାରି କରାଯାଇଛି । ୭୦୭୭୭୭୫୫୫୫ ଏବଂ ୧୮୦୦-୩୪୫୮୨୮୯କୁ ଡାଏଲ୍ କରି ଲୋକମାନେ କଟକରେ ରୋଗୀଙ୍କ ସ୍ଥାନାନ୍ତର ସମ୍ବନ୍ଧୀୟ ସମସ୍ତ କଥା ଜାଣିପାରିବେ । ସବୁ ପରେ ଲୋକମାନେ ଲକଡାଉନ୍ ଓ କୋଭିଡ୍ ନିୟମ ପାଳନ କରନ୍ତୁ । ଲକଡାଉନ୍ ଓ ନିୟମ ପାଳନ ନକଲେ ସଂକ୍ରମଣକୁ କମାଇ ହେବ ନାହିଁ । ମାର୍କେଟରୁ ପରିବା କିଣିବାକୁ ହେଲେ ପାଖ ଦୋକାନକୁ ଯାଇ ପରିବା ଆଣନ୍ତୁ ବୋଲି ଆଜି ଅନନ୍ୟା ଦାସ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ।

## କରୋନାରେ ସଂକ୍ରମିତ ହେଲେ....

ନିଜ ତରଫରୁ ସାମାଜିକ ଗଣମାଧମରେ ସୂଚନା ଦେଇଛନ୍ତି । ଏହାସହ ପଜିଟିଭ୍ ଚିହ୍ନଟ ହେବାପରେ ସେ ନିଜ ଘରେ ନିଜକୁ କ୍ୱାରେଣ୍ଟିନ୍ କରିଛନ୍ତି । ଏହାସହ ସେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଉଥିବା କଥା ବି କହିଛନ୍ତି । କଙ୍ଗନା ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏନେଇ ନିଜ ପ୍ରଶଂସକ ମାନଙ୍କୁ ସୂଚନା ଦେଇଛନ୍ତି । ଏନେଇ ସେ ଏକ ଫଟୋ ବି ସେୟାର କରିଛନ୍ତି । ସେ ଲେଖିଛନ୍ତି କି ସେ କିଛିଦିନ ହେବ ଦୁର୍ବଳ ଅନୁଭବ କରୁଥିଲେ ଏହାସହ ତାଙ୍କ ଆଖିରେ ଜଳାପୋଡା ହେଉଥିବା କଥା ସେ କହିଛନ୍ତି । ହିମାଚଳ ଯିବା ପୂର୍ବରୁ ସେ ଗତକାଲି ତାଙ୍କର କୋଭିଡ୍ ଟେଷ୍ଟ କରିଥିଲେ ଓ ଆଜି ଏହାର ରିପୋର୍ଟ ପଜିଟିଭ୍ ଆସିଥିବା କଥା ସେ ଲେଖିଛନ୍ତି । ସେ ଖୁବଶୀଘ୍ର କରୋନାରୁ ସୁସ୍ଥ ହୋଇଯିବେ ବୋଲି କହିଛନ୍ତି । ସେ ଆହୁରି ଲେଖିଛନ୍ତି କି, 'ଯଦି ଆପଣ କୋଭିଡକୁ ଡରିବେ ସେ ଆପଣଙ୍କୁ ଅଧିକ ଡରାଇବ' । ଏହା କିଛି ନୁହେଁ ଏହା ଏକ ମାମୁଲି ଉଡନ୍ତା ରୋଗ ।

## ଆଶା ଦେଖାଇଲା ଭାରତର ନୂଆ ....

କରିବାକୁ ଅନୁମତି ଦିଆଯାଇଥିଲା । ଆଉ ଡିସେମ୍ବରରୁ ମାର୍ଚ୍ଚ ୨୦୨୧ ଭିତରେ ଏହାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ କରାଯାଇଥିଲା । ୧୧ଟି ହସ୍ପିଟାଲରେ ୧୧୦ ଜଣ ରୋଗୀଙ୍କ ଉପରେ ପରୀକ୍ଷଣ କରାଯାଇଥିଲା, ଯେଉଁ ରୋଗୀଙ୍କ ଉପରେ ପରୀକ୍ଷଣ ହୋଇଥିଲା, ସେମାନେ ଶୀଘ୍ର ସୁସ୍ଥ ହୋଇଥିଲେ । ତୃତୀୟ ପର୍ଯ୍ୟାୟର ପରିଣାମ -ଦେଶର ୨୭ଟି ହସ୍ପିଟାଲର ୨୨୦ ଜଣ ରୋଗୀଙ୍କ ଉପରେ ପରୀକ୍ଷଣ କରାଯାଇଥିଲା, ପରୀକ୍ଷଣ ହୋଇଥିବା ରୋଗୀ ଶୀଘ୍ର ସୁସ୍ଥ ହୋଇଥିଲେ । ରୋଗୀଙ୍କ ଅକ୍ସିଜେନ୍ ନିର୍ଭରଶୀଳତାର ମାତ୍ରା ମଧ୍ୟ କମିଥିବା ଦେଖିବାକୁ ମିଳିଥିଲା

## କନ୍ଦାଉଛି କରୋନା : ସଂକ୍ରମଣ....

ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭୟ କୁମାର ପ୍ରଧାନ, ବୃଦ୍ଧଙ୍କ ପୁଅ ମୁନା ପିପିଇ କିଟ୍ ପିନ୍ଧି ଗୋବିନ୍ଦଙ୍କ ଶବ କାନ୍ଧେଇ ମଶାଣିକୁ ନେଇ ସଂସ୍କାର କରିଥିଲେ । କରୋନା ସମୟରେ ମଣିଷପଣିଆ ହଜିଯାଇଥିବାବେଳେ ବିଡିଓଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି । ସେହିଭଳି ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଅନ୍ତର୍ଗତ କଲେଜ ଛକ ଗୋଲାପଲି ଅଂଚଳର ଏକ ବନ୍ଦ କୋଠରୀରୁ ଜଣେ ମହିଳାଙ୍କ ମୃତ ଦେହ ଓ ତାଙ୍କ ପାଖରେ ବସି କାନ୍ଦୁଥିବା ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ମାର ମୃତ୍ୟୁ ପରେ ଶିଶୁଟି ଜୋରରେ କାନ୍ଦୁଥିଲେ ବି କେହି ପାଖକୁ ଯାଇ ନଥିଲେ । ତେବେ ଏନେଇ ଥାନାକୁ କେହି ସୂଚନା ଦେବା ପରେ ଘଟଣାସ୍ଥଳରେ ଥାନା ଅଧିକାରୀ , ସରପଂଚଙ୍କ ପ୍ରତିନିଧି ଓ କିଛି ସ୍ୱେଚ୍ଛାସେବୀ ପହଁଚିଥିଲେ । ତାପରେ ପିପିଇ କିଟ୍ ପିନ୍ଧି ଶବ ଉଦ୍ଧାର କରିଥିଲେ । ମୃତକଙ୍କ ଶବର ବ୍ୟବଚ୍ଛେଦ ପାଇଁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପଠା ଯାଇଥିବାବେଳେ ଉଦ୍ଧାର ଶିଶୁ କନ୍ୟାକୁ ବ୍ରହ୍ମପୁର ବଡ ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚାଇଲଡ ଲାଇନକୁ ହସ୍ତାନ୍ତର କରାଯାଇଛି । ସୂଚନା ଅନୁସାରେ ମୃତକ ଝିଲ୍ଲୀର ସ୍ୱାମୀ ଏବେ ସୁରତରେ କାମ କରୁଛନ୍ତି ।

## ଗୋଟିଏ ଦିନରେ ୧୧୮୦୭....

୧୯୨୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୬୦ ଜଣ, ବରଗଡ଼ରୁ ୪୨୮ ଜଣ, ଭଦ୍ରକରୁ ୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୭୮, କଟକରୁ ୧୦୫୨ ଜଣ, ଦେବଗଡ ଜିଲ୍ଲାରୁ ୧୧୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୭୭ ଜଣ, ଗଜପତି ଜିଲ୍ଲାରୁ ୧୦୫, ଗଞ୍ଜାମରୁ ୩୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୩୪ ଜଣ, ଯାଜପୁରରୁ ୩୦୨ ଜଣ, ଝାରସୁଗୁଡ଼ାରୁ ୪୨୧ ଜଣ, କଳାହାଣ୍ଡିରୁ ୩୦୨ ଜଣ, କନ୍ଧମାଳ ଜିଲ୍ଲାରୁ ୯୨ ଜଣ, କେନ୍ଦ୍ରାପଡ଼ାରୁ ୧୪୫ ଜଣ, କେନ୍ଦୁଝରରୁ ୨୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୫୧୦ ଜଣ, କୋରାପୁଟରୁ ୧୨୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୭୫ ଜଣ, ନବରଙ୍ଗପୁରରୁ ୪୧୯ ଜଣ, ନୟାଗଡ଼ରୁ ୨୦୪ ଜଣ, ନୂଆପଡ଼ାରୁ ୨୮୬ ଜଣ, ପୁରୀରୁ ୪୫୪ ଜଣ, ରାୟଗଡ଼ାରୁ ୧୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୫୩୩ ଜଣ, ସୋନପୁରରୁ ୨୧୦ ଜଣ, ସୁନ୍ଦରଗଡ଼ରୁ ୧୯୨୨ ଜଣ ଓ ଷ୍ଟେଟ୍ ପୁଲରୁ ୩୦୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବିଧାୟକ ସୁର ରାଉତରାୟଙ୍କ ଦ୍ୱାରା ସଂଗୀତ ଆଲବମ ଉନ୍ମୋଚିତ

ଭୁବନେଶ୍ୱର,୦୮/୦୫ (ନି.ପ୍ର): ଅଳଙ୍କାର ମ୍ୟୁଜିକର ଚତୁର୍ଥ ନିବେଦନ "ଜାଣିଛି ଜୀବନେ ଆସିବୁନି କେବେ" ସଂଗୀତ ଆଜି ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଜୟଦେବ ଭବନ ସମ୍ମୁଖରେ ଉଦ୍‌ଘାଟନ କରିଛନ୍ତି । ଏହି ଗୀତର ଗୀତିକାର ପ୍ରକାଶ ମିଶ୍ର, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ୍ ସ୍ୱାଇଁ ଏବଂ କଣ୍ଠଦାନ କରିଛନ୍ତି ସୋମନାଥ ସାହୁ । ଗୀତର ମ୍ୟୁଜିକ ଆରେଞ୍ଜମେଂଟ ରାଜେଶ କୁମାରଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ଜ୍ୟୋତିରଞ୍ଜନ ସ୍ୱାଇଁ ଏହାକୁ କ୍ୟାମେରାରେ ଉତୋଳନ କରିଛନ୍ତି । ଗୀତ ସଂପର୍କରେ ଶ୍ରୀ ରାଉତରାୟ କହିଛନ୍ତି ଯେ ଏହା ଏକ ପ୍ରେମ ସଂଗୀତ । ବିଫଳ ପ୍ରେମ, ପ୍ରେମରେ ପବିତ୍ରତା ଓ ପ୍ରେମ ପ୍ରତି ଅତିମାତ୍ରାରେ ନିବେଦନ ହେଉଛି ଏହି ଗୀତର ସାରାଂଶ । ଲକ୍‌ଡାଉନ ସମୟରେ ଘରେ ରହି ନିଜ ମୋବାଲ୍‌ରେ ଏହି ଗୀତକୁ ଶୁଣିବେ ଏବଂ ଦେଖିପାରିବେ । ଏହି କାର୍ଯ୍ୟକ୍ରମେର ଶ୍ରୀ ଲିଙ୍ଗରାଜ ସାହୁ, ବୁନା ମହାନ୍ତି, ଗୀତିକାର, ନିର୍ଦ୍ଦେଶକ ଏବଂ କଣ୍ଠଦାତା ଉପସ୍ଥିତ ରହିଥିଲେ ।

# ଇ.ଏସ୍.ଆଇ ଡାକ୍ତରଖାନାରେ ପୁନର୍ବାର କୋଭିଡ୍ ଟିକାକରଣ ପାଇଁ ଦାବି

ଭୁବନେଶ୍ୱର,୦୮/୦୫ (ନି.ପ୍ର): କର୍ମଚାରୀ ରାଜ୍ୟ ସ୍ୱାସ୍ଥ୍ୟବିମା (ଇସ୍.ଆଇ.ସି) ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ସଂସ୍ଥା ଏବଂ ଏହାର ସମସ୍ତ ସ୍ୱାସ୍ଥ୍ୟଗତ ସୁବିଧା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୁଏ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଠାରେ ଏହାର ଏକ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଅଛି। ଭୁବନେଶ୍ୱର ମହାନଗରୀରେ କାର୍ଯ୍ୟରତ ସମସ୍ତ ବୀମାଧାରୀ ଓ ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟ ଏ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି। ଭୁବନେଶ୍ୱର ମହାନଗରୀରେ କାର୍ଯ୍ୟରତ ପ୍ରାୟ ତିନି ଲକ୍ଷ ବିମାଧାରୀ ଏବଂ ସେମାନଙ୍କ ପରିବାର ବର୍ଗକୁ ହିସାବକୁ ନେଲେ ମୋଟ ପାଖାପାଖି ବାର ଲକ୍ଷରୁ ଅଧିକ ହେବ। ମହାମାରୀ କରୋନାର ମୁକାବିଲା ପାଇଁ ରାଜ୍ୟର କୋଣ ଅନୁକୋଣରେ ଟିକା ଦେବାର ବ୍ୟବସ୍ଥା ହୋଇଥିଲାବେଳେ ପ୍ରଥମ ପର୍ଯ୍ୟାୟରେ ଉକ୍ତ ଡାକ୍ତରଖାନାରେ ମଧ୍ୟ ଟିକା ଦାନ ପ୍ରକ୍ରିୟା ଉପଲବ୍ଧ ଥିଲା। ଉକ୍ତ ଟିକାକରଣ ସମୟରେ କେବଳ ଇ.ଏସ୍.ଆଇ.ସିର ବିମାଧାରୀ ନୁହଁନ୍ତି ବରଂ ଅନେକ ସାଧାରଣ ଲୋକ ବିଶେଷ କରି ବରିଷ୍ଠ ନାଗରିକ ମଧ୍ୟ ଟିକା ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଟିକାକରଣ ସମୟରେ ଆବଶ୍ୟକ ସମସ୍ତ ସୁବିଧା ଯଥା ଶୀତତାପ ନିୟନ୍ତ୍ରଣ ଯୁକ୍ତ, ଖୋଲା ବିଶ୍ରାମ ସ୍ଥଳି, ଆଶୁ ଚିକିତ୍ସା ବ୍ୟବସ୍ଥା ସହ ଅତି ଉନ୍ନତମାନର ଟିକା ଦାନ ବ୍ୟବସ୍ଥା ଉପଲବ୍ଧ ହେଉଥିଲା। ଦୁଃଖର ବିଷୟ ଗତ ତା. ୦୩.୦୫.୨୦୨୧ ତାରିଖରୁ ଉକ୍ତ ଟିକାଦାନ କେନ୍ଦ୍ରକୁ ଭୁବନେଶ୍ୱର ମ୍ୟୁନିସ୍‌ପାଲଟି ତରଫରୁ ବନ୍ଦ କରି ଦିଆଯାଇଛି। ଫଳରେ ପ୍ରଥମ ପର୍ଯ୍ୟାୟ ଟିକା ନେଉଥିବା ବ୍ୟକ୍ତି ବିଶେଷ ତଥା ବରିଷ୍ଠ ନାଗରିକମାନେ ଏଠାକୁ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ବିଭିନ୍ନ ଘରୋଇ ସଂସ୍ଥା ବିଶେଷ କରି ସ୍କାଲେଟ ମଲ ମଧ୍ୟ ଟିକା ଦାନର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏକ କେନ୍ଦ୍ର ସରକାରୀ ସଂସ୍ଥାକୁ ବନ୍ଦ କରିବା କେତେଦୂର ସମୀଚିନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଏଠାକୁ ଚିକିତ୍ସା ପାଇଁ ଆସୁଥିବା ବିମାଧାରୀମାନେ ଏ.ଏସ୍.ଆର ର କର୍ମଚାରୀ ମାନଙ୍କ ଦ୍ୱାରା ଅନ୍‌ଲାଇନରେ ପଞ୍ଜିକୃତ କରିବା ପାଇଁ ସକ୍ଷମ ହୁଅନ୍ତି। ଯେହେତୁ ସ୍ୱଳ୍ପ ଆୟକାରୀ ବୀମାଧାରୀ ମାନଙ୍କର ନିଜସ୍ୱ କମ୍ପ୍ୟୁଟର ନାହିଁ ତେଣୁ ଏ କେନ୍ଦ୍ରକୁ ଆସି ପଞ୍ଜିକୃତ କରିବା ସେମାନଙ୍କୁ ସହାୟ ହେଉଥିଲା।

## ଯୋଗଗୁରୁ ସ୍ୱାମୀ ଆଧାତ୍ମାନନ୍ଦ ଜୀଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ,୦୮/୦୫ (ନି.ପ୍ର): ଯୋଗ ଗୁରୁ ସ୍ୱାମୀ ଆଧାତ୍ମାନନ୍ଦ ଜୀଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଏକ ଟ୍ୱିଟ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଏବଂ ଗଭୀର ଆଧାତ୍ମିକ ବିଷୟ ବର୍ଣ୍ଣନା କରିବାରେ ତାଙ୍କ ସରଳ ଉପାୟକୁ ସ୍ମରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ମନେ ପକାଇଛନ୍ତି ଯେ, କିଭଳି ଯୋଗ ଶିକ୍ଷା ସହିତ ସ୍ୱାମୀ ଜୀ ଅହମ୍ମଦାବାଦର ଶିବାନନ୍ଦ ଆଶ୍ରମ ଦ୍ୱାରା ପରିଚାଳିତ ଅନେକ ଗଠନମୂଳକ କାର୍ଯ୍ୟକଳାପ ମାଧ୍ୟମରେ ସମାଜକୁ ସେବା ମଧ୍ୟ କରୁଥିଲେ ।

# ବାଲେଶ୍ୱରରେ ଦିନକରେ ଚିହ୍ନଟ ୨୬୦ କରୋନା ସଂକ୍ରମିତ

ବାଲେଶ୍ୱର,୦୮/୦୫ (ନି.ପ୍ର): ଦ୍ୱିତୀୟ ଲହର କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଇବାକୁ ନେଇ ସବୁ ମହଲରୁ ଉଦବେଗ ପ୍ରକାଶ ପାଇଛି । ତେବେ ରାଜ୍ୟର ଅନ୍ୟାନ୍ୟ ଜିଲା ତୁଳନାରେ ବାଲେଶ୍ୱରରେ ଚଳିତ ମେ ମାସରେ ସଂକ୍ରମଣ ହାର ହୁ ହୁ ହୋଇ ବଢ଼ିବା ଆଗାମୀ ଦିନ ପାଇଁ ମହା ବିପଦକୁ ସୂଚିତ କରିଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ୨୬୦ ଜଣ ନୂଆ ସଂକ୍ରମଣ ଚିହ୍ନଟ ହୋଇଛନ୍ତି । ତନ୍ମଧ୍ୟରୁ ସହରର ଜିଲା ମୁଖ୍ୟ ଚିକିତ୍ସାଳୟରୁ ୪ ଜଣ, ସହଦେବଖୁଣ୍ଟାରୁ ୪ ଜଣ, ଅଙ୍ଗାରଗଡ଼ିଆରୁ ୨ ଜଣ, ନୂଆବଜାରରୁ ୨ ଜଣଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟ, ଆଇଟିଆଇ ଛକ, ମାକଲପୁର, ମୋତିଗଞ୍ଜ, ପଦୁଆଁପଦା, ରାଜାବଗିଚା, ଷ୍ଟେସନ ରୋଡ଼, ସୁନହଟ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି । ସେହିପରି ସଦର ବ୍ଲକରୁ ୩୬ ଜଣ, ରେମୁଣା ବ୍ଲକରୁ ବିଭିନ୍ନ ୯ ଜଣ, ସୋର ବ୍ଲକରୁ ୬୬ ଜଣ, ଜଳେଶ୍ୱର ବ୍ଲକରୁ ୬୪ ଜଣ, ଭୋଗରାଇ ବ୍ଲକରୁ ୨୮ ଜଣ, ଔପଦା ବ୍ଲକରୁ ୨୩ ଜଣ, ବାହାନଗା ବ୍ଲକର ୬ ଜଣ, ବସ୍ତା ବ୍ଲକରୁ ୫ ଜଣଙ୍କ ସମେତ ନୀଳଗିରି, ଖଇରା, ସିମୁଳିଆ ପ୍ରଭୃତି ବ୍ଲକରୁ ଜଣେ ଲେଖାଏଁ ବ୍ୟକ୍ତି ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମେ ମାସର ପ୍ରଥମ ସାତ ଦିନରେ ବାଲେଶ୍ୱର ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ଦେଢ଼ ହଜାର ଟପିଛି । ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା କରୋନା ଦ୍ୱିତୀୟ ଲହରରେ ଏ ଯାଏଁ ବାଲେଶ୍ୱର ଜିଲାରେ ୩ ହଜାର ୬୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୪ ଜଣ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅଦ୍ୟାବଧି ବାଲେଶ୍ୱର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୬ ହଜାର ୨୦୨ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୧୪ ହଜାର ୧୯୫ ଜଣ ସୁସ୍ଥ ହୋଇଛନ୍ତି । ସେହିଭଳି ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ୯୭ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ଏବେ ୧୯୦୨ ଜଣ ସଂକ୍ରମିତ କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ଓ ଘରେ ସଂଗରୋଧରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଗୁରୁତର ସଂକ୍ରମିତ ଜ୍ୟୋତି କୋଭିଡ ହସପିଟାଲ ଓ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ କୋଭିଡ ୱାର୍ଡ଼ରେ ଭର୍ତ୍ତି ହୋଇଛନ୍ତି। ସେହିଭଳି ଅପେକ୍ଷାକୃତ କମ ଗୁରୁତରଙ୍କୁ ରେମୁଣା ଆଦର୍ଶ ବିଦ୍ୟାଳୟ, ଫକୀରମୋହନ କଲେଜ, ସିପେଟ ଓ ନୋସି ପ୍ରଭୃତି ଅସ୍ଥାୟୀ କୋଭିଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ବାଲେଶ୍ୱର ଜିଲ୍ଲାରେ ଏହି ସଂକ୍ରମଣ ଆଗାମୀ ଦିନରେ ଆହୁରି ବଢ଼ିବାର ଆଶଙ୍କା ଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଭଳି ସ୍ଥିତିରେ ଜନସାଧାରଣ ସତର୍କତା ଅବଲମ୍ବନ ସହ ସର୍ବଦା ମାସ୍କ ବ୍ୟବହାର ଓ ସମାଜିକ ଦୂରତା ରକ୍ଷା ଜିଲାପାଳ ନିବେଦନ କରିଛନ୍ତି।

# ବଜ୍ରକାପ୍ତା ବିକ୍ରି ସମୟରେ ପୋଲିସର ଚଢାଉ : ବଜ୍ରକାପ୍ତା ସହ ଜଣେ ଗିରଫ

## ଅଭିଯୁକ୍ତଙ୍କୁ କରୋନା ପଜିଟିଭି



ବାରିପଦା,୦୮/୦୫ (ନି.ପ୍ର): ବିକ୍ରି ସମୟରେ ୮ କିଲୋ ଓଜନର ବଜ୍ରକାପ୍ତା ଉଦ୍ଧାର ସହ ଜଣେ ଗିରଫ । ମୟୂରଭଞ୍ଜ ଏସପି ସ୍ମିଥ ପି. ପରମାରଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଦଳ ଗୁରୁବାର ବିଳମ୍ବିତ ରାତିରେ ବାଙ୍ଗିରିପୋଷି ଥାନା ଅଞ୍ଚଳର ନିଶ୍ଚିନ୍ତା ପଞ୍ଚାୟତର ଗୋହିରାପାଳ ଗ୍ରାମରେ ଚଢ଼ାଉ କରି ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ଏକ ୮ କିଲୋ ଓଜନର ବଜ୍ରକାପ୍ତା ଉଦ୍ଧାର କରାଯାଇଥିବାର ଜଣା ଯାଇଛି । ଯାହାର ଆନୁମାନିକ ଅନ୍ତରାଷ୍ଟ୍ରୀୟ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି । ଏହି ଘଟଣାରେ ସଂପୃକ୍ତ ଜଣେ ଯୁବକଙ୍କୁ ଗିରଫ ମଧ୍ୟ କରାଯାଇଛି । ଯୁବକ ଜଣକ ସେହି ଅଞ୍ଚଳର ସିଂଘୁ ବାସ୍କେ (୪୦) ବୋଲି ଆଜି ବାରିପଦା ଟାଉନ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରା ଯାଇଛି । ଏହି ବିରଳ ବଜ୍ରକାପ୍ତା ବେପାରରେ ଅନ୍ତଃରାଜ୍ୟ ରାକେଟ ସଂପୃକ୍ତ ଥିବା ପୋଲିସ ପକ୍ଷରୁ ସନ୍ଦେହ କରାଯାଉଥିବା ବେଳେ ଜୀବନ୍ତ ଉଦ୍ଧାର ହୋଇଥିବା ବଜ୍ରକାପ୍ତାର ସ୍ୱାସ୍ଥ୍ୟ ଯାଞ୍ଚ ପରେ ବନବିଭାଗକୁ ହସ୍ତାନ୍ତର କରାଯାଇଥିବା ପ୍ରକାଶ କରିଛନ୍ତି ପୋଲିସ ଡ଼ିଏସପି ପ୍ରଭାସ ଚନ୍ଦ୍ର ପାଲ । ବାଙ୍ଗିରିପୋଷି ବନବିଭାଗ ଏନେଇ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ତେବେ ବିଭିନ୍ନ ସମୟରେ ମୟୂରଭଞ୍ଜ ଜିଲ୍ଲାରେ ବାଘ ଚମଡା, ହାତିଦାନ୍ତ, ବଜ୍ରକାପ୍ତା ଓ ବହୁରୂପି ଏଣ୍ଡୁଓ (ମକାସାପ) ଆଦି ଜବଦ ହେବା ଘଟଣା ଅବାଧ ଜନ୍ତୁ ଶୀକାର ଚାଲିଥିବା ଘଟଣାକୁ ସ୍ପଷ୍ଟ ପ୍ରମାଣିତ କରୁଥିବା ବେଳେ ପରିବେଶ ବିତମାନେ ଚିନ୍ତା ପ୍ରକଟ କରିଛନ୍ତି । ସେପଟେ ଅଭିଯୁକ୍ତର ଡାକ୍ତରୀ ମଇନା ପରେ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏନେଇ ବାଙ୍ଗରିପୋଷି ଥାନାକୁ ସାନିଟାଇଜ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ୨୪ ଘଂଟାରେ ୭୬୬୪ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୦୮/୦୫ (ନି.ପ୍ର): ରାଜ୍ୟରେ ଶନିବାର ଦିନ କରୋନାରୁ ୭୬୬୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ ଏପର୍ଯ୍ୟନ୍ତ କରୋନାରୁ ୪ ଲକ୍ଷ ୩୯ ହଜାର ୩୨୨ ଜଣ ଆକ୍ରାନ୍ତ କରୋନରୁ ସୁସ୍ଥ ହୋଇଛନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬୧ ଓ ପୁରୀ ଜିଲ୍ଲାରୁ ୫୧୨ ଜଣ ସାମିଲ ଅଛନ୍ତି । କଟକ ଜିଲ୍ଲାରୁ ଆଜି ୫୦୯ ଜଣ, ସୁନ୍ଦରଗଡ଼ରୁ ୪୭୩, ଅନୁଗୁଳରୁ ୪୬୪, ବଲାଙ୍ଗୀରରୁ ୪୬୧, ଝାରସୁଗୁଡ଼ାରୁ ୪୩୭, ନୂଆପଡ଼ାରୁ ୩୫୩, ବରଗଡ଼ରୁ ୩୩୪, ନବରଂଗପୁରରୁ ୩୩୦, ସମ୍ବଲପୁରରୁ ୩୨୧, ଯାଜପୁରରୁ ୨୯୦, କଳାହାଣ୍ଡିରୁ ୨୮୯ ଓ ମୟୂରଭଂଜରୁ ୨୨୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ରାୟଗଡ଼ା ଜିଲ୍ଲାରୁ ୧୯୨, ଗଂଜାମରୁ ୧୬୧, କେନ୍ଦୁଝରରୁ ୧୫୪, ନୟାଗଡ଼ରୁ ୧୪୦, ସୁବର୍ଣ୍ଣପୁରରୁ ୧୨୨, ଜଗତସିଂହପୁରରୁ ୧୧୪, କୋରାପୁଟରୁ ୯୯, ବାଲେଶ୍ୱରରୁ ୯୭, ଭଦ୍ରକରୁ ୯୧, ଗଜପତିରୁ ୭୮, କେନ୍ଦ୍ରାପଡ଼ାରୁ ୭୭, ଦେବଗଡ଼ରୁ ୭୫, କନ୍ଧମାଳରୁ ୪୫, ମାଲକାନଗିରିରୁ ୩୧, ଢେଙ୍କାନାଳରୁ ୨୨, ବୌଦ୍ଧରୁ ୨୦ ଓ ରାଜ୍ୟପୁଲରୁ ୧୯୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ସଟ୍‌ଡାଉନ୍‌ରେ ଦୋକାନ ଖୋଲି ଦୋକାନୀ ଗିରଫ




ପାରାଦୀପ,୦୮/୦୫ (ନି.ପ୍ର): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଭୁତମୁଣ୍ଡାଇ ଗ୍ରାମରେ ଏକ ରାସନ ଦୋକାନୀ ସଟ୍‌ଡାଉନ୍ କଟକଣାକୁ ନମାନି ଦୋକାନ ଖୋଲିଥିଲେ । ଏହି ଖବର ପାଇବା ପରେ କୁଜଙ୍ଗ ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଭୁତମୁଣ୍ଡାଇ ଗ୍ରାମର ସୁନାକର ମଲ୍ଲିକଙ୍କ ପୁଅ ରାଜା ମଲ୍ଲିକ ତାଙ୍କର ରାସନ ଦୋକାନ ଖୋଲି ବ୍ୟବସାୟ କରୁଥିଲା । ଅତିରିକ୍ତ ତହସିଲଦାର ପୂଜା ଲେଙ୍କା ସଟ୍‌ଡାଉନ୍ ନିୟମ ଭାଙ୍ଗି ଦୋକାନ କାହିଁକି ଖୋଲିଛ ବୋଲି ପଚାରିବାରୁ ରାସନ ଦୋକାନୀ ରାଜା ଅତିରିକ୍ତ ତହସିଲଦାରଙ୍କ ଯୁକ୍ତିତର୍କ କରିଥିଲା । ଘଟଣା ସମ୍ପର୍କରେ ପାରାଦୀପ ଲକ୍ ଥାନାକୁ ଦିଆଯାଇଥିଲା । ଲକ୍ ଥାନା ପୋଲିସ ରାଜାକୁ ଗିରଫ କରି ଥାନାକୁ ନେଇଥିଲେ । ତେବେ ଅତିରିକ୍ତ ତହସିଲଦାର ଓ ପୋଲିସ ଉପସ୍ଥିତିରେ ଏହି ରାସନ ଦୋକାନକୁ ସିଲ୍ କରାଯାଇଛି ।

# ବିଶିଷ୍ଟ ଶ୍ରମିକ ଓ କମ୍ୟୁନିଷ୍ଟ ନେତା ପ୍ରଭାତ ମିଶ୍ରଙ୍କ ବିୟୋଗରେ ସିପିଆଇର ଶୋକ

ଭୁବନେଶ୍ୱର,୦୮/୦୫ (ନି.ପ୍ର): ସିପିଆଇର ପୂର୍ବତନ ରାଜ୍ୟ ସହ ସମ୍ପାଦକ, ଓଡ଼ିଶାର ବିଶିଷ୍ଟ ଶ୍ରମିକ ଓ କମ୍ୟୁନିଷ୍ଟ ନେତା ପ୍ରଭାତ ମିଶ୍ରଙ୍କର ଗତକାଲି ଅପରାହ୍ନରେ ରାଉରକେଲାସ୍ଥିତ ଆଇଜିଏଚ ସୁପର ସ୍ପେସିଆଲିଟି ହସ୍ପିଟାଲରେ କରୋନାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ପ୍ରଭାତ ମିଶ୍ର ଗଞ୍ଜାମ ଜିଲ୍ଲାର ସମାଶିଙ୍ଗି ଶାସନରେ ୧୯୫୬ ମସିହାରେ ଜନ୍ମଗ୍ରହଣ କରି ୧୫ ବର୍ଷ ବୟସରେ ଛାତ୍ର ଆନ୍ଦୋଳନରେ ଯୋଗଦେଇ ଅଖିଳ ଭାରତ ଛାତ୍ରସଂଘର ରାଜ୍ୟ ନେତୃତ୍ୱକୁ ଆସିପାରିଥିଲେ। ତାଙ୍କର କର୍ମକ୍ଷେତ୍ର ଥିଲା ରାଉରକେଲା। ସେଠାରେ ସେ ଶ୍ରମିକମାନଙ୍କୁ ସଂଗଠିତ କରି ଏଆଇଟିୟୁସିରେ ଯୋଗ ଦେବା ସହିତ ଏହାର ରାଜ୍ୟ ଉପସାଧାରଣ ସମ୍ପାଦକ, କେନ୍ଦୁଝର ମାଇନ୍ସ ଏଣ୍ଡ ଫରେଷ୍ଟ ୱାର୍କରସ୍ ୟୁନିୟନର ସଭାପତି ହୋଇଥିଲେ। ସେ ୧୯୮୦ ଦଶକରେ ବହୁ ବର୍ଷ ଧରି ସିପିଆଇର ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ, ପରବର୍ତୀ ସମୟରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଓ ୨୦୦୪ରୁ ୭ ପର୍ଯ୍ୟନ୍ତ ରାଜ୍ୟ ସହ ସମ୍ପାଦକ ରହିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସେ ରାଉରକେଲା ଷ୍ଟିଲ୍ ମଜଦୁର ୟୁନିୟନର ସାଧାରଣ ସମ୍ପାଦକ ଓ ଅଲ୍ ଇଣ୍ଡିଆ ଷ୍ଟିଲ ଫେଡ଼େରେସନର ଉପସଭାପତି ଥିଲେ। ତାଙ୍କ ବିୟୋଗରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ ଓ ପ୍ରଶାନ୍ତ ମିଶ୍ର, ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଟ୍ରାକ୍ଟର ଜବଦ : ଫାଇନ ଆଦାୟ

ଖଇରା,୮/୫(ନିପ୍ର) ଖଇରା ତହସିଲ ଅଧିନ ହରିପୁର ପଂଚାୟତ ବରପାଦାରୁ ମେଟାଲ ବୋଝେଇ ଟ୍ରାକ୍ଟର ଜବଦ କଲା ଖଇରା ଅତିରିକ୍ତ ତହସିଲଦାର ଶୁଭଦର୍ଶନ ଧଳ । ଘଟଣାରୁ ପ୍ରକାଶ ମେଟାଲ ବୋଝେଇ ଟ୍ରାକ୍ଟର ଥିବାର ଖବର ପାଇ ଅତିରକ୍ତ ତହସିଦାଲ ସହିତ ପୋଲିସ ପହଁଚି ଥିଲା । ଅବଶ୍ୟକିୟ କାଗଜ ପତ୍ର ନଥିବାରୁ ଟ୍ରାକ୍ଟର ସମେତ ଡ୍ରାଇଭରକୁ ଥାନାରେ ଅଟକ ରଖିବା ସହିତ ୧୦ ହଜାରଟଙ୍କା ଫାଇନ ଆଦୟ କରାଯାଇଛି ।

# ଏସପ୍ଲାନେଡ୍ ମଲ୍‌ରେ ଦିଆଗଲା କୋଭିଡ୍ ଟିକା

ଭୁବନେଶ୍ୱର,୦୮/୦୫ (ନି.ପ୍ର): ଟିକାଦାନ କେନ୍ଦ୍ରରେ ଭିଡ କମାଇବା ପାଇଁ ଡ୍ରାଇଭ୍ ଇନ୍ କାର୍ଯ୍ୟକ୍ରମ ସ୍ୱରୂପ ଭୁବନେଶ୍ୱର ସ୍ଥିତ ଏସପ୍ଲାନେଡ୍ ମଲ୍ ର ପାର୍କିଂ ଲଟ୍ ରେ କୋଭିଡ୍ ଟିକା ଦିଆଯାଇଛି। ବିଏମସି ପକ୍ଷରୁ ୪୫ ବର୍ଷରୁ ଅଧିକ ଲୋକଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦେବାପାଇଁ ଏହି ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନ ପାଇଁ ୪୦୦ ସ୍ଲଟ୍ ଖୋଲାଯାଇଥିଲା। ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବା ବିଏମସି ପକ୍ଷରୁ କୁହାଯାଇଥିବା ବେଳେ ଟିକା ନେବାକୁ ଆସିଥିବା ବ୍ୟକ୍ତିମଧ୍ୟ ଏଭଳି ବ୍ୟବସ୍ଥାକୁ ସ୍ୱାଗତ କରିଛନ୍ତି । ଲୋକମାନେ ନିଜ ଗାଡି ସହ ଲାଇନ୍ ରେ ଆସି ଟିକା ନେଉଥିବାର ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ର ସୂଚନା ଅନୁଯାୟୀ ଏସପ୍ଲାନେଡ୍ ମଲ୍ ର ପାର୍କିଂ ଏରିଆରେ ଟିକା ଦିଆଯିବ। କେବଳ ସ୍ଲଟ୍ ବୁକିଂ କରିଥିବା ବ୍ୟକ୍ତିମାନଙ୍କୁ ଗାଡି ନେଇ ଭିତରକୁ ଯିବାକୁ ଅନୁମତି ମିଳିବ। ପାର୍କିଂରେ ଗାଡି ସହିତ ଲୋକମାନେ ଧାଡିରେ ରହିବେ। ଏକ୍‌ଜିଟ୍ ପଂଟଏରେ ସେମାନଙ୍କୁ ଟିକା ଦିଆଯିବା ପରେ ବାହାରକୁ ଆସି ୩୦ ମିନିଟ୍ ପର୍ଯ୍ୟନ୍ତ ଅବଜରଭେସନ୍ ପାଇଁ ଅପେକ୍ଷା କରିବେ। ଏହାପରେ ସେମାନେ ଯାଇପାରିବେ। ଏଥିପାଇଁ ଶୁକ୍ରବାର ଅପରାହ୍ନ ୫ ଟାରୁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ଟିକାକରଣର ପ୍ରଥମ ଦିନ (ଶନିବାର) ପାଇଁ ୪୦୦ଟି ସ୍ଲଟ୍ ବ୍ୟବସ୍ଥା ରହିଥିବା ବେଳେ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପାଇଁ ୫୦୦ ସ୍ଲଟ୍ ରଖାଯାଇଛି। ରବିବାର ଦିନ ଟିକାକରଣ ବନ୍ଦ ରହିବ। ଟିକା ନେବାକୁ ଆସୁଥିଲେ ଆଧାରକାର୍ଡ ସହ ପ୍ରଥମ ଡୋଜର ପ୍ରମାଣପତ୍ର ଧରିକି ଆସିବାକୁ ପଡିବ। ଏହାଛଡା ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଉଥିବାରୁ କାରରେ ଡ୍ରାଇଭରଙ୍କ ସହ ଜଣେ ଓ ବାଇକରେ କେବଳ ଜଣେ ବ୍ୟକ୍ତି ଟିକା ନେବା ପାଇଁ ଆସିପାରିବେ।

## ଶ୍ରୀମନ୍ଦିର ଜଗମୋହନ ମରାମତି କାର୍ଯ୍ୟ ଆରମ୍ଭ

ପୁରୀ,୦୮/୦୫ (ନି.ପ୍ର): ଶ୍ରୀମନ୍ଦିର ଜଗମୋହନରେ ଫାଟ ଓ ଏଥିରୁ ପାଣି ଝରୁଥିବା ସମ୍ପର୍କରେ ସେବାୟତ ମାନେ ଅଭିଯୋଗ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ର ଏକ ସ୍ୱତନ୍ତ୍ର ଟିମ୍ ଅନୁଧ୍ୟାନ କରିଥିଲେ । ଆଜି ୧୫ ଜଣ କୁଶଳୀ କାରିଗର ଜଗମୋହନ ଉପରକୁ ଯାଇ ଏହାର ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି । ଗ୍ରାଉଟିଂ, ପଏଟିଂ ଓ ଦୁର୍ବଳ ପଥର ପରିବର୍ତ୍ତନ କରିବା ପାଇଁ ଅନୁଧ୍ୟାନ କରାଯାଇଛି । ପଥର ଯୋଡ଼େଇ ଫାଟରେ ପାଣି ଝରଉଥିବା ଜଣାପଡିବା ପରେ ଏହାର ମରାମତି ଅପରିହାର୍ଯ୍ୟ ହୋଇପଡିଥିଲା ।

# ଅମାନିଆଙ୍କ ଠାରୁ ୪୦ହଜାର ଜୋରିମାନା ଆଦାୟ



ଜଳେଶ୍ୱର,୦୮/୦୫ (ନି.ପ୍ର): ରାଜ୍ୟରେ କରୋନାର ୨ୟ ଲହର ଦିନକୁ ଦିନ ବଢୁଥିବା ବେଳେ ସରକାରଙ୍କ ପକ୍ଷରୁ ୧୪ ଦିନିଆ ଲକ୍‌ଡାଉନ୍ ଓ ସପ୍ତାହାନ୍ତ ସଟ୍‌ଡାଉନ୍ ଘୋଷଣା କରାଯାଇଛି । କିଛି ଅମାନିଆ ଏହାକୁ ଭୃକ୍ଷେପ କରୁନଥିବାରୁ ବାଲେଶ୍ୱର ଜିଲାର ଜଳେଶ୍ୱର ପୋଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି । ଗତ ୪ ଦିନରେ ବିନା ମାକ୍ସ, ବିନା ହେଲମେଣ୍ଟରେ ଯାତାୟାତ କରୁଥିବା ଅମାନିଆ ଓ ନିୟମ ନ ମାନି ବିଭିନ୍ନ ସ୍ଥାନରେ ଦୋକାନ ଖୋଲୁଥିବା ବ୍ୟକ୍ତିମାନଙ୍କଠାରୁ ୪୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଆଜି ଶନିବାର ସପ୍ତାହାନ୍ତ ସଟ୍‌ଡାଉନ୍ ଥିବା ବେଳେ ପଶ୍ଚିମବାର୍ଡି ଓ ଛମୌଜ ଅଂଚଳରେ କେତେକ ମାଛଦୋକାନୀ ରାସ୍ତାକଡରେ ପସରା ମେଲାଇଥିବାରୁ ସେମାନଙ୍କୁ ଅଟକ ରଖାଯିବା ସହିତ ତାଙ୍କଠାରୁ ମାଛ, କମ୍ପୁଟର ଓଜନ ମେସିନି ଇତ୍ୟାଦି ଜବତ୍ କରାଯାଇଛି । ୫ଜଣଙ୍କ ନାମରେ ମାମଲା ରୁଜୁ କରାଯାଇ ବ୍ୟକ୍ତିଗତ ମୁଲାଚିକାରେ ଛାଡିଥିବା ଥାନା ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି ।

# ପ୍ରସୂତିଙ୍କ ମୃତ୍ୟୁ ନେଇ ଘରୋଇ କ୍ଲିନିକ୍ ସମ୍ମୁଖରେ ଶବ ରଖି ଧାରଣା



ଜଳେଶ୍ୱର,୦୮/୦୫ (ନି.ପ୍ର): ରାଜ୍ୟର ଉପାନ୍ତ ବାଲେଶ୍ୱର ଜିଲାର ଜଳେଶ୍ୱର ସହରରେ ବେଆଇନ୍‌ଭାବେ ବହୁ କ୍ଲିନିକ୍ ଖୋଲା ଯାଇଛି । ଲୋକେ ସରକାରୀ ହସ୍‌ପିଟାଲରେ ସ୍ୱାସ୍ଥ୍ୟ ସେବା ପାଉନଥିବାରୁ ବାଧ୍ୟ ହୋଇ ଘରୋଇ କ୍ଲିନିକ୍ ଉପରେ ନିର୍ଭର କରୁଛନ୍ତି । ଫଳରେ ଅନେକ ସମୟରେ ରୋଗୀ ଆର୍ଥୀକ ଶୋଷଣର ଶୀକାର ହେଉଛି କିମ୍ବା ମୃତ୍ୟୁମୁଖରେ ପଡୁଛି । ଆଜି ଶନିବାର ଭୋର ସମୟରେ ଜଳେଶ୍ୱର ସହରରେ ଥିବା ବଡବଜାରସ୍ଥିତ ଏକ କ୍ଲିନିକ୍‌ରେ ଜନୈକ ପ୍ରସୂତୀର ମୃତ୍ୟୁ ହେବା ଫଳରେ ପରିବାର ଲୋକେ କ୍ଲିନିକ୍ ସମ୍ମୁଖରେ ଶବ ରଖି ଧାରଣାରେ ବସିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିବା ଜଣାଯାଇଛି । ଜଳେଶ୍ୱର ବ୍ଲକର ଚମାରଗାଁ ଗ୍ରାମର ସର୍ବେଶ୍ୱର ମହାନ୍ତିଙ୍କ ପତ୍ନୀ ଗୀତାଞ୍ଜଳି (୨୮)ର ପ୍ରସୂତୀଲାଗି ଉକ୍ତ କ୍ଲିନିକ୍‌ରେ ୬ତାରିଖ ଗୁରୁବାର ଦିନ ଭର୍ତ୍ତୀ ହୋଇଥିଲେ । ମାସିକିଆ ଚିକିତ୍ସା କରୁଥିବା ହାଟୀଗଡ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀରୋଗ ବିଶେଷଜ୍ଞ ଉକ୍ତ କ୍ଲିନିକ୍‌ରେ ତାଙ୍କୁ ଅସ୍ତ୍ରପୋଚାର କରାଇଥିଲେ। ପ୍ରସୂତୀ ଜଣକ ଏକ କନ୍ୟାସନ୍ତାନ ଜନ୍ମ କରିଥିଲେ ମଧ୍ୟ ତାଙ୍କର ଅସ୍ତ୍ରପୋଚାର ପରେ ସଂଜ୍ଞା ଫେରିନଥିଲା। ୨୪ଘଣ୍ଟା ସଂଜ୍ଞା ନ ଫେରିବାରୁ କ୍ଲିନିକ୍‌ର ମାଲିକ ରୋଗୀଙ୍କୁ ଅନ୍ୟତ୍ର ନେଇଯିବାକୁ ସମ୍ପର୍କୀୟମାନଙ୍କୁ ବାଧ୍ୟ କରିଥିଲେ। ଉପାୟ ନ ପାଇ ଆଜି ଭୋର ସମୟରେ ଘରଲୋକେ ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହେବାପରେ ବାପାଘର ଓ ଶାଶୁଘର ଲୋକମାନେ ଶବକୁ ନେଇ କ୍ଲିନିକ୍ ସମ୍ମୁଖରେ ରଖି ଜନୈକ କ୍ଲିନିକ୍ ମାଲିକ ଓ ଡାକ୍ତରଙ୍କୁ ଗିରଫ କରିବା ସହିତ କ୍ଷତିପୂରଣ ଦାବି କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ବୁଝାସୁଝା କରୁଥିବା ଦେଖିବାକୁ ମିଳିଥିବା ବେଳେ କ୍ଲିନିକ ମାଲିକ ଫେରାର ଥିବା ଜଣାଯାଇଛି । ସୂଚନାଯୋଗ୍ୟ ୩ ମାସ ଆଗରୁ ଏପରି ଏକ ଘଟଣା ଉକ୍ତ କ୍ଲିନିକ୍‌ରେ ଘଟିଥିଲେ ମଧ୍ୟ ଏପରି ବେଆଇନ୍ କ୍ଲିନିକ୍ କିପରି ଖୁଲମଖୁଲା ସ୍ୱାସ୍ଥ୍ୟବିଭାଗର ଆଢୁଆଳରେ ୧୫ ବର୍ଷଧରି ଚାଲିଆସୁଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ।

## ବେସରକାରୀ ସୁରକ୍ଷା ସଂସ୍ଥା ହାତରେ କେତେ ସୁରକ୍ଷିତ ପାରାଦୀପ ବନ୍ଦର ?

# ଚୋରି ଅଭିଯୋଗରେ ଏସ୍‌ଆଇଏସ୍ ଓ ଆର୍‌ଏଲ୍ ସୁରକ୍ଷା ସଂସ୍ଥାର ୨ ଗିରଫ

ପାରାଦୀପ,୦୮/୦୫ (ନି.ପ୍ର): ପାରାଦୀପ ବନ୍ଦର ତଥା ନିଷିଦ୍ଧାଞ୍ଚଳର ସୁରକ୍ଷା ଦାୟୀତ୍ୱରେ ଅଛନ୍ତି ବିଶ୍ୱସ୍ତରୀୟ ସରକାରୀ ସୁରକ୍ଷା ସଂସ୍ଥା କେନ୍ଦ୍ରିୟ ନିରାପତ୍ତା ବାହିନୀ ବା ସିଆଇଏସ୍‌ଏଫ୍ । ତେବେ ବନ୍ଦର ନିଷିଦ୍ଧାଞ୍ଚଳରେ କିଛି ପ୍ରକଳ୍ପରେ କାର୍ଯ୍ୟ କରୁଥିବା କମ୍ପାନୀ ତଥା ବନ୍ଦର ୫ନମ୍ବର ଫାଟକ ନିକଟରେ ବନ୍ଦର ପୋତାଶ୍ରୟକୁ ଲିଜ୍ ସୂତ୍ରରେ ନେଇଥିବା ପିଆଇସିଟି କମ୍ପାନୀ ତାର ସୁରକ୍ଷାରେ ନିୟୋଜିତ କରିଛି ବିଭିନ୍ନ ବେସରକାରୀ ସୁରକ୍ଷା ସଂସ୍ଥାକୁ । ଯାହାକି ସ୍ପର୍ଶକାତର ବନ୍ଦର ପାଇଁ ଭବିଷ୍ୟତରେ ବିପଦକୁ ଟାଣି ଆଣିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଅନ୍ୟପକ୍ଷରେ ଏହି ବେସରକାରୀ ସୁରକ୍ଷା ସଂସ୍ଥାର ନିୟୋଜନ ପରେ ବନ୍ଦର ନିଷିଦ୍ଧାଞ୍ଚଳରୁ ଚୋରୀ ବୃଦ୍ଧି ପାଇଛି । ଯାହାର ଉଦାହରଣ ଗତ ଗୁରୁବାର ସଂନ୍ଧ୍ୟାରେ ବନ୍ଦର ପ୍ଲଟ୍‌ରେ ନିୟୋଜିତ ଥିବା ଖୋଦ ଏସ୍‌ଆଇଏସ୍ ଓ ଆର୍‌ଏଲ୍ ସିକ୍ୟୁରିଟି ସଂସ୍ଥାର ଦୁଇ ଜଣ କର୍ମଚାରୀ ଗିରଫ ହୋଇ କୋର୍ଟ ଚାଲାଣ ହେବା । ଘଟଣାରୁ ପ୍ରକାଶ ଯେ, ଏସ୍‌ଆଇଏସ୍ ସିକ୍ୟୁରିଟି ସଂସ୍ଥା ଏବଂ ଆର୍‌ଏଲ୍ ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟରତ ସୁରକ୍ଷା କର୍ମୀ ଚିତ୍ତରଞ୍ଜନ ସ୍ୱାଇଁ ଓ ପ୍ରକାଶ ପଣ୍ଡା ବନ୍ଦର ମଧ୍ୟରେ ଥିବା ଏକ ପ୍ଲଟ୍‌ରୁ ଡ୍ୟୁଟି ସାରି ଏକ ସ୍କୁଟିରେ ଫେରୁଥିବା ସମୟରେ ୪ନମ୍ବର ଫାଟକ ଠାରେ ସିଆଇଏସ୍‌ଏଫ୍ ପକ୍ଷରୁ ଚେକିଙ୍ଗ୍ ସମୟରେ ସେମାନଙ୍କ ସ୍କୁଟି ଡିକି ଭିତରୁ ୯୦ଟି ଲୁହା ନଟ୍ ବୋଲ୍ଟ ବାହାରିଥିଲ। ସେଗୁଡିକ ନିଷିଦ୍ଧାଞ୍ଚଳ ମଧ୍ୟରୁ ଚୋରୀ କରିଥିବା ଉଭୟ ସ୍ୱୀକାର କରିଥିଲେ । ଏହାପରେ ଉଭୟଙ୍କୁ ପାରାଦୀପ ଆଦର୍ଶ ଥାନା ପୋଲିସର ଜିମା ଦିଆଯାଇଥିଲା । ଏନେଇ ୯୫/୨୦୨୧ରେ କେସ୍ ରୁଜୁ କରି ଦୁଇ ଜଣଙ୍କର କୋଭିଡ୍ ପରିକ୍ଷା କରାଇ କୋର୍ଟ ଚାଲାଣ କରିଥିବା ଆଦର୍ଶ ଥାନା ପକ୍ଷରୁ ପ୍ରକାଶ । ଏ ଘଟଣାକୁ ନେଇ ପାରାଦୀପ ବନ୍ଦର ବେସରକାରୀ ସୁରକ୍ଷା ସଂସ୍ଥା ହାତରେ ଯେ କେତେ ସୁରକ୍ଷିତ ? ତାହା ସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo